RNI No.ODIODI/2010/33031
୧୭ ବର୍ଷ Volume-17
ISSUE -164 ସଂଖ୍ୟା-୧୬୪
ଭୁବନେଶ୍ୱର, ଶୁକ୍ରବାର ୧୧ ସେପ୍ଟେମ୍ବର ୨୦୨୬
Bhubaneswar, Friday 11 September, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ଓଡ଼ିଶାକୁ ଆସିବ ଷ୍ଟେନଲେସ୍ ଷ୍ଟିଲ୍ ଶିଳ୍ପ




ଭୁବନେଶ୍ୱର,୧୦।୯: ଓଡ଼ିଶାରେ ଶିଳ୍ପାୟନ ଓ ଅର୍ଥନୈତିକ ବିକାଶକୁ ନୂଆ ଗତି ଦେବାକୁ ରାଜ୍ୟ ସରକାରଙ୍କ ପ୍ରୟାସ ଜାରି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ୟୁଏଇ ଗସ୍ତ ସମୟରେ ଦୁବାଇରେ ଆୟୋଜିତ ହୋଇଛି ଗୁରୁତ୍ୱପୂର୍ଣ୍ଣ ରାଉଣ୍ଡଟେବୁଲ୍ ବୈଠକ । ଓଡ଼ିଶାରେ ଷ୍ଟେନଲେସ୍ ଷ୍ଟିଲ୍ ଡାଉନଷ୍ଟ୍ରିମ୍ ଶିଳ୍ପରେ ନିବେଶ ପାଇଁ ବିଦେଶୀ ଶିଳ୍ପପତିଙ୍କୁ ଆହ୍ୱାନ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ।

ୟୁଏଇ ଗସ୍ତର ଦ୍ୱିତୀୟ ଦିନରେ ଦୁବାଇରେ ହୋଇଥିବା ଏହି ବୈଠକରେ ପିଜିଆଇ ଗ୍ରୁପ୍, ଏମଟିସି ଗ୍ରୁପ୍, ହିଦାୟତ ଗ୍ରୁପ୍, ଖ୍ୱରା ଗ୍ରୁପ୍ ଏବଂ ପିଟିସିଏଲ୍ ଇନଫ୍ରା ଭଳି ବିଭିନ୍ନ ଶିଳ୍ପ ସଂସ୍ଥାର ପ୍ରତିନିଧି ସାମିଲ ହୋଇଥିଲେ । ବୈଠକରେ ଓଡ଼ିଶାର ପ୍ରାକୃତିକ ସମ୍ପଦ, ଶିଳ୍ପ କ୍ଷମତା ଓ ଭିତ୍ତିଭୂମି ସମ୍ପର୍କରେ ଆଲୋଚନା ହୋଇଥିଲା ।

ପ୍ରାକୃତିକ ସମ୍ପଦର ଉପଯୋଗ ସହ ରାଜ୍ୟରେ ଅଧିକ ମୂଲ୍ୟ ସଂଯୋଜନ କରିବା ପାଇଁ ସରକାରଙ୍କ ଯୋଜନା ସମ୍ପର୍କରେ ଶିଳ୍ପପତିଙ୍କୁ ଅବଗତ କରାଇଥିଲେ ମୁଖ୍ୟମନ୍ତ୍ରୀ। ଓଡ଼ିଶାରେ ପ୍ରାକୃତିକ ସମ୍ପଦ, ଶିଳ୍ପ କ୍ଷମତା ଓ ନିବେଶ ଅନୁକୂଳ ପରିବେଶର ଶକ୍ତିଶାଳୀ ସମନ୍ୱୟ ରହିଛି ବୋଲି ସେ କହିଛନ୍ତି। ଶିଳ୍ପ ବିକାଶ ଓ ମୂଲ୍ୟ ସଂଯୋଜନର ଏହି ଯାତ୍ରାରେ ସମସ୍ତଙ୍କୁ ସାମିଲ ହେବାକୁ ଆହ୍ୱାନ ଦେଇଛନ୍ତି ।

ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ ଓ ରାଜ୍ୟର ନିବେଶ ନୀତିକୁ ବିଦେଶୀ ଶିଳ୍ପପତିମାନେ ପ୍ରଶଂସା କରିଛନ୍ତି । ଓଡ଼ିଶାରେ ନିବେଶର ସମ୍ଭାବନା ଅନୁଧ୍ୟାନ କରିବାକୁ ଶିଳ୍ପପତିମାନେ ଆଗ୍ରହ ପ୍ରକାଶ କରିବା ସହ ଆଗାମୀ ଦିନରେ ରାଜ୍ୟର ସୁଯୋଗକୁ ପରଖିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ଏହି ଅବସରରେ ୟୁଏଇର ଅର୍ଥନୀତି ମନ୍ତ୍ରୀ ଅବଦୁଲ୍ଲା ବିନ୍ ତୌକ୍ ଅଲ୍ ମାରିଙ୍କ ସହ ମଧ ଆଲୋଚନା କରିଛନ୍ତି ମୁଖ୍ୟମନ୍ତ୍ରୀ । ଓଡ଼ିଶା ଓ ୟୁଏଇ ମଧ୍ୟରେ ଅର୍ଥନୈତିକ ଓ ନିବେଶ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ସହ ରାଜ୍ୟରେ ନୂଆ ନିବେଶ ସୁଯୋଗ ସୃଷ୍ଟି ନେଇ ଆଲୋଚନା ହୋଇଛି । ଏଥିସହ ଓଡ଼ିଶାର ଅନୁକୂଳ ବ୍ୟବସାୟିକ ପରିବେଶ, ଶକ୍ତିଶାଳୀ ଶିଳ୍ପ ଭିତ୍ତିଭୂମି ଓ ବିଭିନ୍ନ କ୍ଷେତ୍ରରେ ରହିଥିବା ନିବେଶ ସୁଯୋଗ ସମ୍ପର୍କରେ ୟୁଏଇ ନିବେଶକଙ୍କୁ ଅବଗତ କରାଇଛନ୍ତି ମୁଖ୍ୟମନ୍ତ୍ରୀ। ଓଡ଼ିଶାରେ ନିବେଶ ପାଇଁ ୟୁଏଇର ଶିଳ୍ପପତିଙ୍କୁ ଆମନ୍ତ୍ରଣ ମଧ ଜଣାଇଛନ୍ତି ।

# ଲଘୁଚାପ ପ୍ରଭାବରେ ଭୀଷଣ ବର୍ଷା ସମ୍ଭାବନା

## କଳାହାଣ୍ଡି ଓ କନ୍ଧମାଳକୁ ରେଡ୍ ଆଲର୍ଟ ଜାରି

ଭୁବନେଶ୍ୱର,୧୦।୯ : ଉତ୍ତର ବଙ୍ଗୋପସାଗର ଓ ସଂଲଗ୍ନ ବାଂଲାଦେଶ ଉପକୂଳରେ ଲଘୁଚାପ ସୃଷ୍ଟି ହୋଇଛି । ଏହାସହିତ ଜଡିତ ଘୂର୍ଣ୍ଣିବଳୟ ସମୁଦ୍ର ପତନ ଠାରୁ ୯.୪ କିମି ପର୍ଯ୍ୟନ୍ତ ବିସ୍ତାରିତ ହୋଇ ରହିବା ସହ ଦକ୍ଷିଣ ପଶ୍ଚିମ ଦିଗକୁ ଢଳିକି ରହିଛି। ଏହାର ପ୍ରଭାବରେ ଆଗାମୀ ଦୁଇ ଦିନ ବା ୪୮ ଘଣ୍ଟା ପର୍ଯ୍ୟନ୍ତ ପ୍ରବଳ ବର୍ଷା , ଘଡ଼ଘଡ଼ି, ବିଜୁଳି ହେବାର ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ କଳାହାଣ୍ଡି ଓ କନ୍ଧମାଳରେ ଭୀଷଣ ବର୍ଷା ସମ୍ଭାବନାକୁ ନେଇ ରେଡ୍ ଆଲର୍ଟ ଜାରି କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ।

ସେହିପରି କୋରାପୁଟ, ନବରଙ୍ଗପୁର, ରାୟଗଡା,ଗଂଜାମ ଓ ଗଜପତି ଏହି ୫ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷାକୁ ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଏଥି ସହ ନୟାଗଡ଼, ପୁରୀ,ଖୋର୍ଦ୍ଧା, କଟକ, ଯାଜପୁର, କେନ୍ଦ୍ରାପଡା,ଭଦ୍ରକ, ଜଗତସିଂହପୁର,ବୌଦ୍ଧ, ବଲାଙ୍ଗୀର, ନୂଆପଡା ,ମାଲକାନଗିରି,ବାଲେଶ୍ୱର, ମୟୁରଭଞ୍ଜ ଓ କେନ୍ଦୁଝର ଏହି ୧୫ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଆସନ୍ତାକାଲି କଳାହାଣ୍ଡି, କୋରାପୁଟ ଓ ନବରଙ୍ଗପୁର ଏହି ୩ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷାକୁ ନେଇ ଅରେଞ୍ଜ ୱାର୍ଣ୍ଣିଂ ସହ ଗଜପତି, ଗଂଜାମ, କଳାହାଣ୍ଡି ରାୟଗଡା, ମାଲକାନଗିରି, ବଲାଙ୍ଗୀର ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ବର୍ଷା ସମୟରେ ୩୦ ରୁ ୫୦ କିମି ବେଗରେ ଝଟକା ପବନ ହୋଇପାରେ।

ଆସନ୍ତା ୧୨ ତାରିଖ ଯାଏ ରାଜ୍ୟରେ ପ୍ରବଳ ବର୍ଷା ଥିବା ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ସେପଟେ ଓଡିଶା ଉପକୂଳ ରେ ୪୦ ରୁ ୫୦ ସର୍ବାଧିକ ୬୦ କିମି ପବନ ବହିବାର ସମ୍ଭାବନା ଥିବା ବେଳେ ସମୁଦ୍ର ମଧକୁ ୪୮ ଘଣ୍ଟା ପାଇଁ ମତ୍ସ୍ୟଜୀବୀଙ୍କୁ ଯିବାକୁ ବାରଣ କରାଯାଇଛି।

ଗତ ୨୪ ଘଣ୍ଟାରେ ରାଜ୍ୟର ଅନେକ ସ୍ଥାନରେ ହାଲୁକା ରୁ ମଧ୍ୟମ ଧରଣର ବର୍ଷା ରେକର୍ଡ କରାଯାଇଥିବା ବେଳେ ୭ ଟି ସ୍ଥାନରେ ପ୍ରବଳ ବର୍ଷା ରେକର୍ଡ କରାଯାଇଛି। କଟକ ବାଙ୍କୀ ଠାରେ ସର୍ବାଧିକ ୧୦୪ ମିମି ବର୍ଷା ରେକର୍ଡ ହୋଇଛି । ସେପଟେ ଜୁନ ୧ ରୁ ଏଯାବତ ୧୧୧୮.୪ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଯାହା ସ୍ୱାଭାବିକ ବର୍ଷା ଠାରୁ ୧୯ ପ୍ରତିଶତ ଅଧିକ ରହିଛି ।

# ୧୧,୯୩୩ ଛୁଇଁବ ଡାକ୍ତର ସଂଖ୍ୟା

ଭୁବନେଶ୍ୱର୧୦।୯(ନି.ପ୍ର.): ରାଜ୍ୟରେ ରୋଗୀସେବାକୁ ତ୍ୱରାନ୍ୱିତ କରିବା ଦିଗରେ ଆବଶ୍ୟକ ସଂଖ୍ୟକ ଡାକ୍ତର ନିଯୁକ୍ତିର ନିହାତି ଆବଶ୍ୟକତା ରହିଛି। ଅନେକ ସମୟରେ ଡାକ୍ତରଙ୍କ ଅଭାବକୁ ନେଇ ବିରୋଧୀଙ୍କ ପକ୍ଷରୁ ଦାବି ହୋଇ ଆସୁଥିବାବେଳେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱାସ୍ଥ୍ୟସେବାକୁ ଲୋକଙ୍କ ନିକଟତର କରିବା ପାଇଁ ଆସନ୍ତା ସପ୍ତାହରେ ୮୨୨ ଡାକ୍ତରଙ୍କୁ ନିଯୁକ୍ତି ଦିଆଯିବାକୁ ରହିଛି। ଏନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅନୁଷ୍ଠିତ ହେବାକୁ ଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନବନିଯୁକ୍ତ ଡାକ୍ତରମାନଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରିବେ ବୋଲି ବିଭାଗ ପକ୍ଷରୁ ଜଣାଯାଇଛି। ଏହାକୁ ନେଇ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି।



ସୂଚନା ଅନୁଯାୟୀ, ରାଜ୍ୟରେ ବର୍ତ୍ତମାନ ମଞ୍ଜୁରପ୍ରାପ୍ତ ୧୫ ହଜାର ୪୭୪ ମୂଳ ଡାକ୍ତର ପଦବୀ ରହିଛି। ଏଥିମଧ୍ୟରୁ ୧୧ ହଜାର ୧୧୧ ଡାକ୍ତର ଏବେ ନିଯୁକ୍ତ ଅଛନ୍ତି। ତେଣୁ ରାଜ୍ୟରେ ୪ ହଜାର ୩୬୩ ଡାକ୍ତର ପଦବୀ ଖାଲି ରହିଥିବାବେଳେ ବିଧାନସଭା ପୂର୍ବରୁ ବିଭାଗ ପକ୍ଷରୁ ୮୨୨ ପଦରେ ନିଯୁକ୍ତି ଦିଆଯିବାକୁ ଲକ୍ଷ୍ୟ ରହିଛି। ଇତିମଧ୍ୟରେ ରାଜ୍ୟରେ ୯ ହଜାର ୮୪୩ ନିୟମିତ ଡାକ୍ତର ରହିଛନ୍ତି। ଏହାବାଦ୍ ୧,୧୩୫ ଜଣ ଠିକା ଡାକ୍ତର ରହିଥିବାବେଳେ ୧୧୦ ଜଣ ଡିଏମ୍ଏଫ୍ ଅଧୀନରେ ନିଯୁକ୍ତ ହୋଇଛନ୍ତି। ଏହାସହିତ ୪ ଜଣ କର୍ପୋରେଶନ ଏବଂ ୧୯ ଜଣ ଅନ୍ୟାନ୍ୟ ଉତ୍ସ ଜରିଆରେ ନିଯୁକ୍ତ ହୋଇଛନ୍ତି।

ଏହି ପରିପ୍ରେକ୍ଷୀରେ ରାଜ୍ୟରେ ୭୨୧ ଜଣ ଡାକ୍ତର ଦୀର୍ଘବର୍ଷ ଧରି ସରକାରଙ୍କୁ ଧରାଛୁଆଁ ଦେଉନାହାନ୍ତି। ସେମାନଙ୍କ ମଧ୍ୟରୁ ୧୨୮ ଡାକ୍ତରଙ୍କ ବିରୋଧରେ ଏବେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଆରମ୍ଭ ହୋଇଛି। ବୁଧବାର ସୁଦ୍ଧା ୬୦ ଜଣଙ୍କ ବିରୋଧରେ ପ୍ରୋସିଡିଂ ଆରମ୍ଭ ହୋଇସାରିଲାଣି। ଅବଶିଷ୍ଟ ଡାକ୍ତରଙ୍କ ନଥି ଏବେ ଅନୁସନ୍ଧାନ ପ୍ରକ୍ରିୟା ଭିତରେ ରହିଛି। ସରକାରୀ ଚାକିରିରେ ଥାଇ ମଧ ୧ରୁ ୫ ବର୍ଷ ଧରି ଶତାଧିକ ଡାକ୍ତର କାହିଁକି ନିଜ କର୍ମସ୍ଥଳରେ ଯୋଗଦେଉନାହାନ୍ତି ତାହାକୁ ନେଇ ବିଭାଗ ପକ୍ଷରୁ ଖୋଳତାଡ଼ ଆରମ୍ଭ ହୋଇଯାଇଛି। ସରକାର ନିୟମକୁ ଅଧିକ କଡ଼ାକଡ଼ି କରିବା ଦିଗରେ ବିଭାଗ ବିଚାର କରୁଥିବା ଜଣାପଡ଼ିଛି।

ଏ ସଂକ୍ରାନ୍ତରେ ବିଭାଗୀୟ ଅତିରିକ୍ତ ସଚିବ ଗୌରହରି ବେହେରା କହିଛନ୍ତି, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି)କୁ ୫,୨୦୦ ଡାକ୍ତରଙ୍କ ଇଣ୍ଡେଣ୍ଟ ଦିଆଯାଇଥିଲା। ସେଥିରୁ ସେମାନେ ଏଥର ୮୨୨ ଜଣଙ୍କ ନାମ ସୁପାରିସ କରିଛନ୍ତି। ଏହାକୁ ନେଇ ବିଭାଗ ପକ୍ଷରୁ ଡାକ୍ତରଙ୍କ କାଉନ୍‌ସେଲିଂ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଏନେଇ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି, ରାଜ୍ୟରେ ସ୍ୱାସ୍ଥ୍ୟସେବାକୁ ଲୋକଙ୍କ ନିକଟତର କରିବା ପାଇଁ ସରକାର ଅହରହ ଉଦ୍ୟମ କରୁଛନ୍ତି। ଏହାକୁ ନେଇ ବିଭାଗ ପକ୍ଷରୁ ଏବେ ୮୨୨ ଡାକ୍ତରଙ୍କୁ ନିଯୁକ୍ତି ଦିଆଯିବାକୁ ରହିଛି। ଏହାଦ୍ୱାରା ଗ୍ରାମାଞ୍ଚଳ ରୋଗୀସେବାରେ ଉନ୍ନତି ଆସିବା ସହ ଲୋକେ ହାତପାଆନ୍ତାରେ ସ୍ୱାସ୍ଥ୍ୟସେବା ପାଇପାରିବେ। ଡାକ୍ତର ଅଭାବକୁ ଦୃଷ୍ଟିରେ ରଖି ରାଜ୍ୟରେ ନୂତନ ମେଡିକାଲ କଲେଜ ଖୋଲିବା ଉପରେ ସରକାର ମଧ ଗୁରୁତ୍ୱ ଦେଉଛନ୍ତି। ଏବେ ୧,୯୦୦ ଡାକ୍ତର ସୃଷ୍ଟି ହେଉଥିବାବେଳେ ପ୍ରତିବର୍ଷ ପ୍ରାୟ ୧୫୦ ଡାକ୍ତର ସିଟ୍ ଆଣିବାକୁ ବିଭାଗ ଲକ୍ଷ୍ୟ ରଖିଛି। ଆଗାମୀ କିଛିବର୍ଷ ମଧ୍ୟରେ ରାଜ୍ୟରେ ଡାକ୍ତରଙ୍କ ଅଭାବ ରହିବ ନାହିଁ ବୋଲି ମନ୍ତ୍ରୀ ମହାଲିଙ୍ଗ କହିଛନ୍ତି।

# ଆମେରିକା ଡ୍ରୋନ୍‌କୁ କବ୍‌ଜା କରିଛି ଇରାନ

ୱାଶିଂଟନ,୧୦।୯: ହର୍ମୁଜ୍ ଜଳପଥର ପ୍ରବେଶପଥଠାରେ ଆମେରିକାର ଏକ କର୍ମଚାରୀବିହୀନ ସମୁଦ୍ର ତଳ ଯାନ (ଡ୍ରୋନ୍)କୁ କବ୍‌ଜା କରିଥିବା ଇରାନର ରିଭଲ୍ୟୁଶନାରି ଗାର୍ଡସ ଦାବି କରିଛି। ସାମରିକ କାର୍ଯ୍ୟାନୁଷ୍ଠାନରେ ଗଭୀର ଜଳରାଶିରୁ କିପରି ଡ୍ରୋନ୍ ବ୍ୟବହାର ହେଉଛି, ଏହା ତା'ର ବିରଳ ଦୃଶ୍ୟ। ଇରାନ ସରକାରୀ ଗଣମାଧ୍ୟମ ସୂଚନା ଅନୁଯାୟୀ, ଉକ୍ତ ଡ୍ରୋନ୍ ଡାଇଭ୍-ଏଲ୍‌ଡି ସମୁଦ୍ର ତଳେ କାର୍ଯ୍ୟ କରୁଥିବା ଏକ ବୃହତ୍ ସ୍ୱୟଂକ୍ରିୟ ଯାନ ଯାହାକୁ କାଲିଫର୍ନିଆର ପ୍ରତିରକ୍ଷା କମ୍ପାନୀ ଆଣ୍ଡୁରିଲ୍ ନିର୍ମାଣ କରିଛି।

# ଯୁକ୍ତ୨ରେ ଯୋଡ଼ିହେଲା ନୂଆ ଧନ୍ଦାମୂଳକ ପାଠ୍ୟକ୍ରମ

ଭୁବନେଶ୍ୱର,୧୦।୯(ନି.ପ୍ର): ରାଜ୍ୟର ଯୁକ୍ତ୨ ଶିକ୍ଷା ବ୍ୟବସ୍ଥାରେ ଛାତ୍ରୀଛାତ୍ରଙ୍କ ପାଇଁ ଆଉ ଦୁଇଟି ନୂଆ ଧନ୍ଦାମୂଳକ ପାଠ୍ୟକ୍ରମ ସାମିଲ କରାଯାଇଛି। ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପକ୍ଷରୁ ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ପାଇଁ ହେଲ୍‌ଥକେୟାର ଏବଂ ଆପାରେଲ୍ସକୁ ନୂଆ ଟ୍ରେଡ୍ ବିଷୟ ଭାବେ ଅନୁମୋଦନ ମିଳିଛି। ଏହି ପାଠ୍ୟକ୍ରମକୁ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଛାତ୍ରୀଛାତ୍ର ଅଧ୍ୟୟନ କରିପାରିବେ। ଯୁକ୍ତ ୨ରେ ଛାତ୍ରୀଛାତ୍ରଙ୍କୁ ୬ଟି ବିଷୟରେ ପରୀକ୍ଷା ଦେବାକୁ ପଡ଼ିଥାଏ। ତେବେ ଛାତ୍ରୀଛାତ୍ରମାନେ ପୂର୍ବପରି ୫ଟି ବିଷୟ ସହିତ ଏହି ଦୁଇଟି ବିଷୟରୁ ଗୋଟିଏକୁ ବାଛିପାରିବେ ବୋଲି ସୂଚନା ଦିଆଯାଇଛି। ସୂଚନା ଅନୁସାରେ, ଓଡ଼ିଶା ସ୍କୁଲ ଏଜୁକେଶନ ପ୍ରୋଗ୍ରାମ ଅଥରିଟି (ଓସେପା) ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବ ଉପରେ ସିଏଚ୍‌ଏସ୍‌ଇର ଏକାଡେମିକ କମିଟି ବୈଠକରେ ବିସ୍ତୃତ ଆଲୋଚନା ପରେ ଏହି ଦୁଇଟି ପାଠ୍ୟକ୍ରମକୁ ଇଣ୍ଟିଗ୍ରେଟେଡ ଭୋକେଶନାଲ ଷ୍ଟ୍ରିମ୍‌ରେ ସାମିଲ କରିବାକୁ ନିଷ୍ପତ୍ତି ନିଆଯାଇଛି। ହେଲ୍‌ଥକେୟାର ପାଠ୍ୟକ୍ରମରେ ଛାତ୍ରୀଛାତ୍ରଙ୍କୁ 'ଜେନେରାଲ ଡ୍ୟୁଟି ଆସିଷ୍ଟାଣ୍ଟ ଟ୍ରେନି' ଭାବେ କାର୍ଯ୍ୟ କରିବା ପାଇଁ ଆବଶ୍ୟକ ଦକ୍ଷତା ଓ ପ୍ରଶିକ୍ଷଣ ଦିଆଯିବ। ସେହିପରି ଆପାରେଲ୍ସ ପାଠ୍ୟକ୍ରମ ମାଧ୍ୟମରେ 'ଆସିଷ୍ଟାଣ୍ଟ ଫ୍ୟାଶନ ଡିଜାଇନର' ଭାବେ ନିଯୁକ୍ତି ପାଇଁ ଛାତ୍ରୀଛାତ୍ରଙ୍କୁ ପ୍ରସ୍ତୁତ କରାଯିବ। ଏହି ଦୁଇଟି ଧନ୍ଦାମୂଳକ ପାଠ୍ୟକ୍ରମ ପାଇଁ ମଧ୍ୟପ୍ରଦେଶର ଭୋପାଳସ୍ଥିତ ପଣ୍ଡିତ ସୁନ୍ଦରଲାଲ ଶର୍ମା ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଭୋକେଶନାଲ ଏଜୁକେଶନ ପକ୍ଷରୁ ପ୍ରସ୍ତୁତ ମାନକ ସିଲାବସ୍, ପାଠ୍ୟକ୍ରମ ଏବଂ ଶିକ୍ଷଣ ସାମଗ୍ରୀକୁ ଗ୍ରହଣ କରାଯିବ।

# ୧୭ ରାଜ୍ୟକୁ ୧୭ ଟିମ୍, ୧୦୧ ଶିଶୁ ଉଦ୍ଧାର

ନୂଆଦିଲ୍ଲୀ,୧୦।୯: ସପ୍ତାହ ବ୍ୟାପୀ ଚାଲିଥିଲା ଅପରେଶନ୍ ଅନ୍ୱେଷଣ । ୧୭ ରାଜ୍ୟକୁ ଯାଇଥିଲା ୧୭ ଟିମ୍ । ବିଭିନ୍ନ ରାଜ୍ୟରୁ ୧୦୧ ଜଣ ଶିଶୁଙ୍କୁ ଉଦ୍ଧାର କରାଯାଇଛି । ଯେଉଁଥିରେ ଜଣେ ୩ ମାସର ଓ ଜଣେ ବର୍ଷକର ଶିଶୁ ମଧ ଅଛନ୍ତି। ଉଦ୍ଧାର ହୋଇଥିବା ଶିଶୁଙ୍କ ମଧ୍ୟରେ ୫୨ ଜଣ ନାବାଳକ ଥିବା ବେଳେ ୪୮ ଜଣ ନାବାଳିକା ଅଛନ୍ତି । ସେମାନଙ୍କ ମଧ୍ୟରୁ ୧୧ ଜଣ ଶିଶୁଙ୍କୁ ଅପହରଣ କରାଯାଇଥିଲା । ବାଲେଶ୍ୱରସ୍ଥିତ ପୂର୍ବାଞ୍ଚଳ ରେଞ୍ଜର ଡିଆଇଜି ପିନାକ ମିଶ୍ରଙ୍କ ତତ୍ତ୍ୱାବଧାନରେ ଡିଏସ୍‌ପି ବାମଦେବ ନନ୍ଦଙ୍କ ନେତୃତ୍ୱରେ ଗଠିତ ଦଳ ଦ୍ୱାରା ସର୍ବାଧିକ ୩୦ ଜଣ ଶିଶୁଙ୍କୁ ପଶ୍ଚିମବଙ୍ଗରୁ ଉଦ୍ଧାର କରାଯାଇଛି । ଏହା ପଛକୁ ବ୍ରହ୍ମପୁରସ୍ଥିତ ଦକ୍ଷିଣ ରେଞ୍ଜର ଡିଏସ୍‌ପି ପ୍ରଶାନ୍ତ କୁମାର ପାତ୍ରଙ୍କ ନେତୃତ୍ୱାଧୀନ ଦଳ କର୍ଣ୍ଣାଟକରୁ ୧୧ ଜଣ, ତାଳଚେରସ୍ଥିତ ଉତ୍ତର-କେନ୍ଦ୍ରୀୟ ରେଞ୍ଜର ଡିଏସ୍‌ପି ଜ୍ୟୋତ୍ସ୍ନାରାଣୀ ବେହେରାଙ୍କ ନେତୃତ୍ୱାଧୀନ ଦଳ ଝାଡ଼ଖଣ୍ଡରୁ ୧୦ ଜଣ ଏବଂ ବ୍ରହ୍ମପୁରସ୍ଥିତ ଦକ୍ଷିଣ ରେଞ୍ଜର ଡିଏସ୍‌ପି ଗିରିଜାନନ୍ଦନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ଦଳ ତାମିଲନାଡୁରୁ ୧୦ଜଣଙ୍କୁ ଉଦ୍ଧାର କରିଛନ୍ତି। ସମସ୍ତ ଶିଶୁଙ୍କୁ ଉଦ୍ଧାର କରିବା ପରେ ଓଡ଼ିଶା ଅଣାଯାଇଛି । ପୂରା ପ୍ରକ୍ରିୟାକୁ ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଦ୍ୱାରା ମୋନିଟରିଙ୍ଗ କରାଯାଉଛି ।

# ଲାଲକିଲ୍ଲା ବିସ୍ଫୋରଣ: ୟୁରିନରୁ ୟୁରିଆ ବାହାର କରୁଥିଲା, ଟାର୍ଗେଟରେ ଥିଲା ମନ୍ଦିର

ନୂଆଦିଲ୍ଲୀ,୧୦।୯: ୨୦୨୫ ଲାଲକିଲ୍ଲା ଆତ୍ମଘାତୀ କାର୍ ବିସ୍ଫୋରଣକୁ ନେଇ ଆସିଛି ସାଂଘାତିକ ତଥ୍ୟ। ପରିସ୍ରାକୁ ବିଶୋଧନ କରି ୟୁରିଆ ବାହାର କରୁଥିଲା ଆତ୍ମଘାତୀ ଆତଙ୍କବାଦୀ ଉମର ଉନ ନବି। ଏହାପରେ ଏହି ୟୁରିଆରୁ ତିଆରି କରୁଥିବା ବୋମା। ଏଥିସହ ଲାଲକିଲ୍ଲା ଉମର ଉନ ନବିର ପ୍ରଥମ ଟାର୍ଗେଟ ମଧ ନଥିଲା।

କେବଳ ଦିଲ୍ଲୀର ଟ୍ରାଫିକ ଯୋଗୁ ସେ ଲାଲକିଲ୍ଲା ନିକଟରେ କାର୍ ବିସ୍ଫୋରଣ କରିବାକୁ ବାଧ ହୋଇଥିଲା। ବିସ୍ଫୋରଣରେ ବ୍ୟବହୃତ ବୋମା ୟୁରିଆରୁ ପ୍ରସ୍ତୁତ ହୋଇଥିଲା ବୋଲି ଏହାର ତଦନ୍ତ କରୁଥିବା ଜାତୀୟ ତଦନ୍ତକାରୀ ସଂସ୍ଥା ବା ଏନଆଇଏ ଜାଣିବାକୁ ପାଇଛି। ଦେଶକୁ ଦୋହଲାଇ ଦେଇଥିବା ଲାଲକିଲ୍ଲା ବିସ୍ଫୋରଣର ତଦନ୍ତ କରୁଥିବା ଏନଆଇଏ ଏବେ ଚାର୍ଜଶିଟ୍ ଦାଖଲ କରିଛି। ଆଉ ଏହି ଚାର୍ଜଶିଟରେ ରହିଛି ଅନେକ ସାଂଘାତିକ ତଥ୍ୟ। ସାକ୍ଷୀଙ୍କ ବୟାନ ଓ ଫରେନ୍ସିକ ପ୍ରମାଣ ଆଧାରରେ ନବି ରହୁଥିବା ଠିକଣା, ତା'ର ଗତିବିଧି, ସେ ବ୍ୟବହାର କରୁଥିବା ମୋବାଇଲ ଓ ହରିୟାଣାର ନୁହରେ ରହିବା ବେଳେ କେମିତି ବିସ୍ଫୋରକ ପ୍ରସ୍ତୁତ କରୁଥିଲା, ତା'ର କଟାଚିଠା ଏନଆଇଏ ହାସଲ କରିବାକୁ ସକ୍ଷମ ହୋଇଛି।

୨୦୨୫ ନଭେମ୍ବର ୧୦ ତାରିଖ ସନ୍ଧ୍ୟା ବେଳେ ନବି ଲାଲକିଲ୍ଲାରେ କାର ବୋମା ବିସ୍ଫୋରଣ କରିଥିଲା। ଏହାପୂର୍ବରୁ ପ୍ରଥମେ ସେ ବିସ୍ଫୋରକ ଖଚିତ ଆଇ୨୦ କାରକୁ ଜୈନ ଧର୍ମାବଲମ୍ବୀଙ୍କ ପ୍ରସିଦ୍ଧ ଲାଲ ମନ୍ଦିର ନିକଟରେ ପାର୍କ କରିବାକୁ ଚେଷ୍ଟା କରିଥିଲା। କିନ୍ତୁ ଶେଷ ମୁହୂର୍ତ୍ତରେ ସେ ସେଠାରୁ କାର ଧରି ଲାଲକିଲ୍ଲାରେ ପହଞ୍ଚି ବିସ୍ଫୋରଣ କରିଥିଲା। ଏଥିରେ ୧୧ ଜଣ ପ୍ରାଣ ହରାଇବା ସହ ଅନେକ ଆହତ ହୋଇଥିଲେ।

ବିସ୍ଫୋରଣ ପୂର୍ବରୁ ୧୧ ଦିନ ଯାଏ ଆତ୍ମଘାତୀ ଆତଙ୍କବାଦୀ ନବି ନୁହ ଠାରେ ଘର ଭଡା ନେଇ ରହୁଥିଲା। ସେଠାରେ ହିଁ ସେ ବିସ୍ଫୋରକ ପ୍ରସ୍ତୁତ କରୁଥିଲା। ନବି ଓ ଅନ୍ୟତମ ସନ୍ଦିଗ୍ଧ ଶାହୀନ ସୟିଦ ପାଖରୁ ମିଳିଥିଲା ଗୋଟିଏ ପେନ ଡ୍ରାଇଭ। ଏଥିରେ ଥିବା ପିଡିଏଫରେ ୟୁରିଆକୁ ବ୍ୟବହାର କରି କେମିତି ବିସ୍ଫୋରକ ପ୍ରସ୍ତୁତ ହୁଏ, ତା'ର ଫର୍ମୁଲା ରହିଥିଲା।ଖାଲି ସେତିକି ନୁହେଁ, ପରିସ୍ରାରୁ କେମିତି ୟୁରିଆ ବାହାର କରିଯାଏ, ସେକଥା ମଧ ଏଥିରେ ଉଲ୍ଲେଖ ରହିଥିଲା। ଏହି ଫର୍ମୁଲା ଆଧାରରେ ନବି ପରିସ୍ରାରୁ ବୋମା ତିଆରି ପାଇଁ ୟୁରିଆ ବାହାର କରୁଥିବା ଏନଆଇଏ କହିଛି।ନବିର ଘର ଭିତରେ ଗୋଟିଏ ପଲିଥିନରେ ପରିସ୍ରାକୁ ଗଚ୍ଛିତ କରି ରଖାଯାଇଥିଲା। ଏଥିପାଇଁ ସେ ରହୁଥିବା ଘରୁ ପ୍ରବଳ ଦୁର୍ଗନ୍ଧ ବାହାରୁଥିଲା। ନବିର ପଡଶୀ ଭାବେ ରହୁଥିବା ଜଣେ ମହିଳା ଦୁର୍ଗନ୍ଧ ସହି ନ ପାରିବାରୁ ଏ ସମ୍ପର୍କରେ ଜାଣିବାକୁ ଚେଷ୍ଟା କରିଥିଲେ। ଦୁର୍ଗନ୍ଧ ସମ୍ପର୍କରେ ସେ ନବିର ବନ୍ଧୁ ସୋଏବଙ୍କୁ ମଧ ଜଣାଇଥିଲେ। ନୁହରେ ରହିବା ବେଳେ ନବି ଏକଦା ସୋଏବଙ୍କ ଜଣେ ସମ୍ପର୍କୀୟଙ୍କ ସହ ଟି-ଶାର୍ଟ, ଧଳା ଶାର୍ଟ ଓ କାର୍ଗୋ ପ୍ୟାଣ୍ଟ କିଣିବାକୁ ଯାଇଥିଲା। ଜିନିଷ କିଣିବା ପରେ ସେ ନଗଦ ଟଙ୍କା ଦେଇଥିଲା। ଏହି ଜିନିଷ କିଣା ହିଁ ଏନଆଇଏ ତଦନ୍ତ ବେଳେ ପ୍ରମୁଖ ପ୍ରମାଣ ଭାବେ ଉଭା ହୋଇଥିବା ଚାର୍ଜଶିଟରେ କୁହାଯାଇଛି।ଏନଆଇଏ ଆହୁରି କହିଛି ଯେ ଆତ୍ମଘାତୀ ଆତଙ୍କବାଦୀ ନବି ପ୍ରଥମେ ଲାଲ ମନ୍ଦିରକୁ ଟାର୍ଗେଟ କରିଥିଲା। କିନ୍ତୁ କେନ୍ଦ୍ରୀୟ ଦିଲ୍ଲୀର ଟ୍ରାଫିକ ଯୋଗୁ ଶେଷ ମୁହୂର୍ତ୍ତରେ ତା'କୁ ଯୋଜନା ବଦଳାଇବାକୁ ପଡିଥିଲା।ସନ୍ଧ୍ୟା ପ୍ରାୟ ୬.୩୭ରେ ନବି ସ୍ଥାନୀୟ ସୁନହରି ମସଜିଦରୁ ଚାଲିଚାଲି ବାହାରିଥିଲା। ସେ ନିଜର କାର ଚଳାଇ ଆଗକୁ ବିଥିଲା ଓ ଲାଲ ମନ୍ଦିର ନିକଟରେ ଏହାକୁ ପାର୍କ କରିବାକୁ ଚାହିଁଥିଲା। ହେଲେ ଟ୍ରାଫିକ ଓ ପୁଲିସ୍‌ର ଉପସ୍ଥିତି ଯୋଗୁ ସେ ୟୁ-ଟର୍ଣ୍ଣ ନେଇ ଲାଲକିଲ୍ଲାରେ ପହଞ୍ଚିଥିଲା। ସେଠାରେ ପହଞ୍ଚିବାର କିଛି ମିନିଟ ପରେ ଅର୍ଥାତ ସନ୍ଧ୍ୟା ୬.୫୦ରେ ସେ କାର ସହ ନିଜକୁ ଉଡାଇ ଦେଇଥିଲା। ୨୦୨୩ରୁ ୨୦୨୫ ମଧ୍ୟରେ ନବି ପ୍ରାୟ ୧୨ଥର ଲାଲକିଲ୍ଲା ଯାଇଥିଲା। ଶେଷଥର ପାଇଁ ତା'କୁ ମେ' ୧ରେ ଲାଲକିଲ୍ଲାରେ ଦେଖିବାକୁ ମିଳିଥିଲା। ୧୨ଥର ଲାଲକିଲ୍ଲାରେ ସେ କେବଳ ବୁଲିବାକୁ ଯାଇ ନଥିଲା, ବରଂ ବିସ୍ଫୋରଣ ପୂର୍ବରୁ ରେକି କରିବା ହିଁ ଥିଲା ତା'ର ଉଦ୍ଦେଶ୍ୟ। ନବି ଓ ତା'ର ସହଯୋଗୀମାନେ ଏପରି ଗସ୍ତ ସମୟରେ ନିଜର ମୋବାଇଲକୁ ବନ୍ଦ ରଖୁଥିଲେ। ସୁରକ୍ଷାକର୍ମୀଙ୍କୁ ଚକମା ଦେବା ପାଇଁ ଏହା ସେମାନଙ୍କର ଯୋଜନା ଥିଲା ବୋଲି ଏନଆଇଏ କହିଛି।

## ଡାହୁକ



ଅପାରଗ ଗୁଣ ପଦାରେ ପକାଇ
ବିରୋଧୀ ମାରନ୍ତି କିଳା,
ବାଡ ଖାଉଛନ୍ତି ଜନତା ଫସଲ
ସମ୍ଭାଳି ହୁଏନି ପିଡ଼ା
ବେଲଜିଆ ନେତା କୁଟୁଛନ୍ତି ଢୋଲ
ସୁନା ମୁଣ୍ଡା ଆମେ ଗୁଡା।
-ବିଧୁ

# କାମ କରୁନି ମାମଲା ନୀତି, ବଢୁଛି ସଂଖ୍ୟା

ଭୁବନେଶ୍ୱର,୧୦।୯(ନି.ପ୍ର.): ଓଡିଶା ସରକାର ପ୍ରଣୟନ କରିଥିବା ରାଜ୍ୟ ମାମଲା ନୀତିର ଠିକଣା ଅନୁପାଳନ ହେଉନଥିବାରୁ ମାମଲା ସଂଖ୍ୟା ବଢ଼ିବାରେ ଲାଗିଛି ଏବଂ ସରକାରଙ୍କ ପଦାଧିକାରୀମାନଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ବି ବିବି ଚାଲୁଛି । ଏଥିଯୋଗୁ ଆଇନ୍ ଅଦାଲତଗୁଡିକ ଉପରେ ଚାପ ବୃଥିବାବେଳେ ତଳୁ ଉପର ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଅଦାଲତରେ ପର୍ଯ୍ୟାପ୍ତ ସଂଖ୍ୟକ ବିଚାରପତି ନଥିବାରୁ ସମସ୍ୟା ଗମ୍ଭୀର ହେଉଛି ।

ଏବେ ଓଡିଶାର ବିଭିନ୍ନ ଅଦାଲତରେ ୨୨ଲକ୍ଷରୁ ଅଧିକ ମାମଲା ବିଚାରାଧୀନ ଥିବା କୁହାଯାଉଛି । ଏଥିରୁ ଓଡିଶା ହାଇକୋର୍ଟରେ ପ୍ରାୟ ୧ଲକ୍ଷ ୭୦ ହଜାର ମାମଲା ବିଚାର ପ୍ରତୀକ୍ଷାରେ ରହିଥିବାବେଳେ ସେଥିମଧ୍ୟରେ ପ୍ରାୟ ୧୨ ହଜାର ଅଦାଲତ ଅବମାନନା ମାମଲା ରହିଛି । କେବଳ ସେତିକି ନୁହେଁ, ଜିଲ୍ଲା ସ୍ତରୀୟ ଓ ଅଧସ୍ତନ କୋର୍ଟଗୁଡିକରେ ୨୦/୩୦ ବର୍ଷରୁ ପୁରୁଣା ଅନେକ ମାମଲା ବି ଗଡୁଛି ।

ପୁରୁଣା ମାମଲାର ସଂଖ୍ୟା ହ୍ରାସ ସହିତ ତ୍ୱରିତ ଫଇସଲାକୁ ଆଖି ଆଗରେ ରଖି ତ୍ରୟୋଦଶ ଅର୍ଥ କମିଶନଙ୍କ ସୁପାରିସ ଆଧାରରେ ୨୦୧୧ ମଇ ମାସରେ ଓଡିଶା ସରକାର ରାଜ୍ୟ ମାମଲା ନୀତି ପ୍ରଣୟନ କରିଥିଲେ । ୫ବର୍ଷରୁ ପୁରୁଣା ମାମଲାଗୁଡିକୁ ତୁରନ୍ତ ଫଇସଲା କରିବା ଏହି ମାମଲା ନୀତିର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଥିଲା । ମାମଲା ନୀତିର କାର୍ଯ୍ୟକାରିତା ସଂକ୍ରାନ୍ତରେ ନିୟମିତ ବ୍ୟବଧାନରେ ସମୀକ୍ଷା କରିବା ଲାଗି ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କ୍ଷମତା ସଂପନ୍ନ କମିଟି ମଧ ଗାଯାଇଥିଲା । ଜିଲ୍ଲା ସ୍ତରରେ ବି ଅନୁରୂପ ବ୍ୟବସ୍ଥା ହୋଇଥିଲା ।



ଅଭିଯୋଗ ହେଉଛି ଯେ ୫ବର୍ଷ ଭିତରେ ମାମଲା ଫଇସଲା ତ ଦୂରର କଥା କେତେକ କ୍ଷେତ୍ରରେ ଏହା ୨୦/୩୦ବର୍ଷରୁ ଅଧିକ ସମୟ ଧରି ମଧ ଗଡୁଛି । ଯେଉଁସବୁ ମାମଲାରେ ନୀତିଗତ ଭାବେ ରାଜ୍ୟ ସରକାରଙ୍କ ଅଦାଲତଙ୍କ ଆଦେଶକୁ ଅନୁପାଳନ କରୁଛନ୍ତି ସେଭଳି କ୍ଷେତ୍ରରେ ମାମଲା ରୁଜୁ ହୋଇନଥିଲେ ମଧ ଅନ୍ୟମାନଙ୍କୁ ସମାନ ଫାଇଦା ଦେବା ପାଇଁ ଏଥିରେ ବ୍ୟବସ୍ଥା ଥିଲା । ତେବେ ଅଦାଲତରୁ ଆଦେଶ ନଆଣିଲେ ଅଭିଯୋଗ ସମାଧାନ ହୋଇପାରିବ ନାହିଁ ବୋଲି ବହୁ କ୍ଷେତ୍ରରେ ରୋକ୍‌ଠୋକ୍ ଭାବେ ଶୁଣାଇ ଦିଆଯାଉଥିବାରୁ ସମାନ ଅଭିଯୋଗ ପାଇଁ ଲୋକଙ୍କୁ ଅଦାଲତ ମୁହାଁ ହେବାକୁ ବାଧ କରାଯାଉଛି ।

ସରକାରୀ ମାମଲା ପରିଚାଳନାରେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଉତ୍ତର ଦାଖଲ କରିବା ଏବଂ ଅଦାଲତ ଯେଉଁ ନଥିପତ୍ର ଓ ତଥ୍ୟ ଚାହୁଁଛନ୍ତି ତାହା ଯୋଗାଇ ଦେବା ପାଇଁ ମାମଲା ନୀତିରେ ସ୍ପଷ୍ଟ ଉଲ୍ଲେଖ ରହିଥିଲା । ଏହା ସତ୍ତ୍ୱେ ବି ଅଧିକାଂଶ ମାମଲାରେ ସରକାରଙ୍କ ପକ୍ଷରୁ ଉତ୍ତର ଓ ତଥ୍ୟ ଦାଖଲରେ ଅହେତୁକ ବିଳମ୍ବ ଘଟିଥାଏ । କେବଳ ସେତିକି ନୁହେଁ, ନିମ୍ନ ଅଦାଲତରେ ଫୌଜଦାରୀ ମାମଲାଗୁଡିକରେ ବହୁ କ୍ଷେତ୍ରରେ ସରକାରଙ୍କ ପକ୍ଷରୁ ସାକ୍ଷ୍ୟ ପ୍ରମାଣ ଦାଖଲରେ ଅବହେଳା ଯୋଗୁ ମାମଲା ଫଇସଲାରେ ବିଳମ୍ବ ଘଟିଥାଏ ।

ମାମଲା ନୀତି ସଂକ୍ରାନ୍ତରେ ଓଡିଶା ହାଇକୋର୍ଟ ସ୍ପଷ୍ଟ ନିର୍ଦ୍ଦେଶ ଦେବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ସଂଶୋଧିତ ମାମଲା ନୀତି ପ୍ରଣୟନ କରାଯାଇଥିଲା । ତାହା ମଧ ଠିକଣା ଭାବେ ଅନୁପାଳନ କରାଯାଇପାରୁ ନାହିଁ । ଅଭିଯୋଗ ହେଉଛି ଯେ ଛୋଟଛୋଟ ସମସ୍ୟା ସମାଧାନ କରିବାରେ କ୍ଷେତ୍ର ଅଧିକାରୀମାନଙ୍କ ବିଫଳତା ଯୋଗୁ ଉଭୟ ଦେୱାନୀ ଓ ଫୌଜଦାରୀ ମାମଲା ସଂଖ୍ୟା ବୃଦ୍ଧି ଏବଂ ପରବର୍ତ୍ତୀ ସମୟରେ ଫୌଜଦାରୀ ମାମଲାରେ ଦଣ୍ଡବିଧାନ ହାର କମ୍ ରହୁଛି । ସରକାରୀ ମାମଲାର ଠିକଣା ପରିଚାଳନା ଘେନି ନିକଟରେ ଓଡିଶା ହାଇକୋର୍ଟ ମଧ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି । ସରକାରୀ କଳ ମାମଲା ସଂକ୍ରାନ୍ତରେ ସଚେତନ ଓ ସମ୍ବେଦନଶୀଳ ରହିଲେ ଅଦାଲତଗୁଡିକ ଉପରେ ମାମଲାର ଚାପ କମନ୍ତା ବୋଲି ଅଭିଜ୍ଞ ଆଇନ୍‌ଜୀବୀମାନେ ମତବ୍ୟକ୍ତ କରୁଛନ୍ତି ।



# ଜଳେଶ୍ୱର ପଞ୍ଚାୟତ ସମିତି ସମୀକ୍ଷା ବୈଠକରେ ଯୋଗଦେଲେ ବାଲେଶ୍ୱର ସାଂସଦ

ଜଳେଶ୍ୱର, ୧୦।୯ :(ମନ୍ଥନ)ଆଜି ଅପରାହ୍ନରେ ଜଳେଶ୍ୱର ବ୍ଲକ ପଞ୍ଚାୟତ ସମିତି ସମୀକ୍ଷା ବୈଠକ ଅଧକ୍ଷ ମାନସ କୁମାର ଜେନାଙ୍କ ପୌରୋହିତ୍ୟରେ ଅନଷ୍ଠିତ ହୋଇଥିଲା ।ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଉକ୍ତ ବୈଠକରେ ଯୋଗଦେଇ ବ୍ଲକର ବିଭିନ୍ନ ଉନ୍ନୟନମୂଳକ ପ୍ରସଙ୍ଗ ଓ ଜନସାଧାରଣଙ୍କ ସମସ୍ୟା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ ।ଉକ୍ତ ବୈଠକରେ ପଞ୍ଚାୟତ ସମିତି ସଦସ୍ୟମାନଙ୍କ ଦ୍ୱାରା ଉତ୍ଥାପିତ



ବିଭିନ୍ନ ସ୍ଥାନୀୟ ସମସ୍ୟା ଉପରେ ଆଲୋଚନା କରାଯିବା ସହ ସେଗୁଡ଼ିକର ଶୀଘ୍ର ସମାଧାନ ଓ ଆବଶ୍ୟକ ଉନ୍ନୟନମୂଳକ କାର୍ଯ୍ୟକୁ କିପରି ସୁବ୍ୟବସ୍ଥିତ ଭାବେ ଆରମ୍ଭ ଓ କାର୍ଯ୍ୟକାରୀ କରାଯାଇପାରିବ, ସେନେଇ ବିସ୍ତୃତ ମତ ବିନିମୟ ହୋଇଥିଲା ।ଜନସାଧାରଣଙ୍କ ସମସ୍ୟାର ସମାଧାନ, ମୌଳିକ ସୁବିଧାର ବିକାଶ ଏବଂ ସରକାରୀ ଯୋଜନାର ସୁଫଳ ତୃଣମୂଳ ସ୍ତରରେ ପହଞ୍ଚାଇବା ଆମ ସମସ୍ତଙ୍କର ପ୍ରମୁଖ ଦାୟିତ୍ୱ । ଏଥିପାଇଁ ଜନପ୍ରତିନିଧି ଓ ପ୍ରଶାସନ ମଧ୍ୟରେ ଉତ୍ତମ ସମନ୍ୱୟ ରଖି ଲୋକଙ୍କ ସ୍ୱାର୍ଥରେ ନିରନ୍ତର କାର୍ଯ୍ୟ କରିବା ଉପରେ ଗୁରୁତ୍ୱ ଦିଆଗଲା ।ଏହି ବୈଠକରେ ଜଳେଶ୍ୱରର ବିଧାୟକ ଅଶ୍ୱିନୀ କୁମାର ପକ୍ଷତ୍ର , ଜିଲ୍ଲା ପରିଷଦ ଉପାଧକ୍ଷ ଅନୁସୟା ପ୍ରଧାନ,ବିଡ଼ିଓ ଗୌରାଙ୍ଗ ଚରଣ ଘୋଷ, ତହସିଲଦାର ସତ୍ୟଜିତ ମହାନ୍ତିଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଓ ଜନ ପ୍ରତିନିଧିମାନେ ଉପସ୍ଥିତ ରହି ୧୬ତମ ଫାଇନାନ୍ସ କମିଶନ୍, ଜି ପି ଡି ପି,ପାନୀୟ ଜଳଯୋଗାଣ ପ୍ରକଳ୍ପ,ବିକଶିତ ଭାରତ ଜୀ ରାମଜୀ ଆଇନ୍ ସମ୍ପର୍କରେ ଆଲୋଚନା କରାଯାଇ ଗୃହୀତ ହୋଇଥିଲା ।ଶେଷରେ ଉପାଧକ୍ଷା ସଞ୍ଚିତା ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ ।

# ପିପୁଲ୍ଲି ହାଇସ୍କୁଲ ମିନି ଷ୍ଟାଡିୟମର ଅବସ୍ଥା ଶୋଚନୀୟ, ପ୍ରତିକାର ଦାବି

ବୁଗୁଡ଼ା, ୧୦।୯ :(ମନ୍ଥନ) ସ୍ଥାନୀୟ ପିପୁଲ୍ଲି ହାଇସ୍କୁଲ ମିନି ଷ୍ଟାଡିୟମ ଶୋଚନୀୟ ଅବସ୍ଥାରେ ରହିଛି । ସମଗ୍ର ଷ୍ଟାଡିୟମର ଭୂପୃଷ୍ଠ ଅସମତୁଲ ରହିଥିବା ବେଳେ ଦୁଇ-ପଞ୍ଚମାଂଶ ଲଟାବୁଦାରେ ପରିପୂର୍ଣ୍ଣ ରହିଛି । ଫଳରେ ଅବଶିଷ୍ଟ ସ୍ଥାନରେ ଖେଳାଖେଳି ସମୟରେ ଜନ୍ତୁଜନ୍ତାଙ୍କ ଭୟ ରହୁଛି । ଅନ୍ୟପକ୍ଷରେ ଷ୍ଟାଡିୟମର ପାଚେରୀ ଦୁଇଟି ସ୍ଥାନରେ ଭାଙ୍ଗି ଯାଇଛି । ଗତ ଗ୍ରୀଷ୍ମ ଅବକାଶରେ କାଳବୈଶାଖି ପ୍ରଭାବରେ ଗୋଟିଏ ସ୍ଥାନରେ ପାଚେରୀର କିଛି ଅଂଶ ଭାଙ୍ଗି ଯାଇଥିବା ବେଳେ ଅନ୍ୟ ଏକ ସ୍ଥାନରେ ଷ୍ଟାଡିୟମକୁ ଅବାଧ ପ୍ରବେଶ କରୁଥିବା ଦୁର୍ବୃତ୍ତମାନେ ଭାଙ୍ଗି ଦେଇଛନ୍ତି । ଏଥି ସହ ଷ୍ଟାଡିୟମ ଭିତରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଘରଟି ପାନୀୟ ଜଳ ସମସ୍ୟା ସାଙ୍ଗକୁ ଅନ୍ୟାନ୍ୟ ଆନୁସଙ୍ଗିକ ଅବ୍ୟବସ୍ଥା ହେତୁ ତାହା କ୍ରୀଡାବିତଙ୍କ କୌଣସି କାର୍ଯ୍ୟରେ ବ୍ୟବହାର ପାଇଁ ଅନୁପଯୋଗୀ ହୋଇପଡିଛି । ସ୍ଥାନୀୟ ନିର୍ବାଚିତ ଜନପ୍ରତିନିଧିଗଣ ଏବଂ ସରକାରୀ ଅଧିକାରୀମାନଙ୍କର ଅପାରଗତା ଓ



ଉଦାସୀନତା ମନୋଭାବ ଯୋଗୁଁ ବୁଗୁଡା ଅଞ୍ଚଳର କେଉଁଠି ହେଲେ ବ୍ଲକ ସ୍ତରୀୟ କ୍ରୀଡା ପ୍ରତିଯୋଗିତା ଆୟୋଜନ କରିବା ନିମନ୍ତେ ଉପଯୁକ୍ତ କ୍ରୀଡା ପ୍ରାଙ୍ଗଣଟିଏ ନଥିବା ବେଳେ ବାଧବାଧକତା ହେତୁ ସହର ମଧ୍ୟରେ ଶୋଚନୀୟ ଅବସ୍ଥାରେ ଥିବା ଏହି ପିପୁଲ୍ଲି ହାଇସ୍କୁଲ ମିନି ଷ୍ଟାଡିୟମରେ ଅନେକ ସମୟରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ କାମଚଳା କ୍ରୀଡା ପ୍ରତିଯୋଗିତାମାନ ଅନୁଷ୍ଠିତ ହେଉଅଛି । ଏହି ମିନି ଷ୍ଟାଡିୟମରେ ଆୟୋଜିତ ଅନେକ ସରକାରୀ ଏବଂ ରାଜନୈତିକ କାର୍ଯ୍ୟକ୍ରମରେ ବହୁ ବଡବଡ ନେତା ଏବଂ ଉଚ୍ଚପଦସ୍ଥ ଅଧିକାରୀମାନେ ଯୋଗଦେଇ ଫେରିଥିଲେ ହେଁ ଏହାର ଦୂରବସ୍ଥାକୁ ଅଣଦେଖା କରିଛନ୍ତି । କିଛି ବର୍ଷ ତଳେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଏହି ମିନି ଷ୍ଟାଡିୟମଟି ନିର୍ମାଣ କରିବା ସମୟରେ ମଧ ପଡିଆଟିକୁ ସମତୁଲ କରାଯାଇନଥିଲା,ଯାହାକି ଆଜି ପର୍ଯ୍ୟନ୍ତ ସେହିପରି ଅସମତୁଲ ଅବସ୍ଥାରେ ରହିଛି । ଷ୍ଟାଡିୟମର ଭଙ୍ଗା ପାଚେରୀ ନିର୍ମାଣ ନିମନ୍ତେ ପିପୁଲ୍ଲି ହାଇସ୍କୁଲ କର୍ତ୍ତୃପକ୍ଷ ସ୍ଥାନୀୟ ପୂର୍ତ୍ତ ବିଭାଗକୁ ନିବେଦନ କରିଥିଲେ ହେଁ ତାହାର କୌଣସି ସୁଫଳ ମିଳିନାହିଁ । ଏଣୁ , ଏହି ମିନି ଷ୍ଟାଡିୟମଟିକୁ କ୍ରୀଡା ଉପଯୋଗୀ କରିବା ଦିଗରେ ପ୍ରଶାସନିକ ପଦକ୍ଷେପ ଜରୁରୀ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି । ପ୍ରକାଶ ଯୋଗ୍ୟ ଯେ, ଆସନ୍ତା ୧୨ ତାରିଖରେ ହେବାକୁ ଥିବା ବ୍ଲକ ସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡା ପ୍ରତିଯୋଗିତା କାର୍ଯ୍ୟକ୍ରମରେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ଯୋଗଦାନର ସମ୍ଭାବନା ରହିଥିବା ବେଳେ ଏନ୍‌ଏସି ପକ୍ଷରୁ ପଡିଆ ମଧ୍ୟସ୍ଥ ଲଟାବୁଦା ସଫେଇ କାର୍ଯ୍ୟ ଚାଲୁରହିଥିବା ଜଣାଯାଇଛି । ତେବେ ଭଗ୍ନ ପାଚେରୀ ନିର୍ମାଣ ସହ ସୁବ୍ୟବସ୍ଥିତ ତଥା କ୍ରୀଡା ପ୍ରତିଯୋଗିତା ଆୟୋଜନ ଉପଯୋଗୀ କରିବା ଦିଗରେ ସ୍ଥାନୀୟ ପ୍ରଶାସନ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

# ବୁଗୁଡ଼ା ବ୍ଲକ ସ୍ତରୀୟ ସାଇନ୍ସ ସେମିନାର ଅନୁଷ୍ଠିତ

ବୁଗୁଡା ,୧୦।୯ :(ମନ୍ଥନ) ସ୍ଥାନୀୟ ବୁଦ୍ଧଗିରି ବିଦ୍ୟାପୀଠରେ ବ୍ଲକ ସ୍ତରୀୟ ସାଇନ୍ସ ସେମିନାର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସେମିନାରରେ ୨୫ଟି ବିଦ୍ୟାଳୟର ୨୫ଜଣ ପ୍ରତିଯୋଗୀ ସେମାନଙ୍କ ଗାଇଡ୍ ଟିଚର ସହ ଅଂଶ ଗ୍ରହଣ କରିଥିଲା ବେଳେ ପିପୁଲ୍ଲି କଲେଜର ରସାୟନ ବିଜ୍ଞାନ ଅଧ୍ୟାପକ ବିଜେନ୍ଦ୍ର ଆଚାର୍ଯ୍ୟ ଏବଂ ଉଦ୍ଭିଦ ବିଜ୍ଞାନ ଅଧ୍ୟାପିକା ଅନୀତା ଦେବୀ ବିଚାରକ ଭାବେ ଯୋଗ ଦେଇ କୃତି ପ୍ରତିଯୋଗୀଙ୍କୁ ଚୟନ କରିଥିଲେ । ଏବିଇଓ କୃଷ୍ଣଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାମଶ୍ୟାଳି ହାଇସ୍କୁଲ ପ୍ରଧାନ ଶିକ୍ଷକ ଜି.ନାଗେଶ୍ୱର ରାଓ ଯୋଗ ଦେଇ ଏହାକୁ ଉଦଘାଟନ କରିଥିଲା ବେଳେ ସମ୍ମାନିତ ଅତିଥି ଭାବେ ସିଆରସିସି କିରଣ ବାଳା ତ୍ରିପାଠୀ ଯୋଗ ଦେଇ ପ୍ରତିଯୋଗୀଙ୍କୁ ମାର୍ଗ ଦର୍ଶନ ସହ ଉତ୍ସାହିତ କରିଥିଲେ । ଏ ଅବସରରେ କୃତି ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ସହ ପୁରସ୍କୃତ କରାଯାଇଥିଲା ।

# ଜଳେଶ୍ୱର- ହାଓ୍ୱଡ଼ା ମେମୋ ଟ୍ରେନକୁ ପୁନଃ ପ୍ରଚଳନ ପାଇଁ ଦାବିପତ୍ର ପ୍ରଦାନ

ଜଳେଶ୍ୱର, ୧୦।୯ :(ମନ୍ଥନ)ସମାଜ କଲ୍ୟାଣ ବିକାଶ ପରିଷଦ ପକ୍ଷରୁ ଜଳେଶ୍ୱର ଷ୍ଟେସନ ମ୍ୟାନେଜର ଚନ୍ଦନ କୁମାର ସିଂହଙ୍କ ଜରିଆରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଦକ୍ଷିଣ ପୂର୍ବ ରେଳପଥର ଜେନେରାଲ ମେନେଜର,ଖଡଗପୁରଡି ଆର ଏମ, ଅପରେଟିଂ ମ୍ୟାନେଜରଙ୍କ ଉଦ୍ଦେଶ୍ୟରେ ଜଳେଶ୍ୱରରୁ ହାଓ୍ୱଡା ଏବଂହାଓ୍ୱଡାରୁ ଜଳେଶ୍ୱର ମେମୋ ଟ୍ରେନର ପୁନଃ ପ୍ରଚଳନ ପାଇଁ ଦାବି ପତ୍ର ପ୍ରଦାନ କରାଯାଇଛି । ଉକ୍ତ ମେମୋ ଟ୍ରେନଟିରେ ଏହି ଅଞ୍ଚଳର ବ୍ୟବସାୟୀମାନେ ସେମାନଙ୍କ ପ୍ରତିଦିନ କୋଲକାତାରୁ ବିଭିନ୍ନ ପ୍ରକାରର ଜିନିଷ କିଣି ଫେରିଥାନ୍ତି । ମାତ୍ର କିଛି ଦିନ ପୂର୍ବରୁ ଏନ୍ .ଆଇ ନେଟ ଓ୍ୱର୍କ ପାଇଁ ଉକ୍ତ ଟ୍ରେନଟିର ଛାଡ଼ିବା ସ୍ଥାନ ଜଳେଶ୍ୱର ପରିବର୍ତ୍ତେ ? ବେଲଦାକୁ ସ୍ଥାନାନ୍ତର କରାଯାଇଥିଲା ବୋଲି ରେଳ କର୍ତ୍ତୃପକ୍ଷଆଦେଶନାମା ଜାରି କରିଥିଲେ । ତେଣୁ ଯଥାଶୀଘ୍ରଟ୍ରେନଟିକୁ ଜଳେଶ୍ୱରରୁ ଅତିଶୀଘ୍ର ପୁନଃ ପ୍ରଚଳନ କରା ନ ଯାଏ ,ତେବେ ବାଧ ହୋଇ ସମାଜ କଲ୍ୟାଣ ପରିଷଦ ସହିତ ଅନ୍ୟ ସମସ୍ତ ସଂଗଠନ ସହିତ ମିଶି ରେଳରୋକ କରିବ ବୋଲି ଚେତାବନୀ ଦିଆ ଯାଇଛି । ଆଜି ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ଉପସଭାପତି ଡ଼.ଅଜିତ କୁମାର ମହାନ୍ତି,କପିଳେଶ୍ୱର ମହାନ୍ତି, କୋଷାଧକ୍ଷ ବନମାଳୀ ଧଳ,ଶରତ ଚନ୍ଦ୍ର ପରିଡା,ମୂରଲୀ ମୋହନ ପ୍ରଧାନ,ଶଶୀକାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ରାଜନୀତି ବିଜ୍ଞାନ ବିଭାଗୀୟ ନବାଗତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ବୁଗୁଡ଼ା, ୧୦।୯ :(ମନ୍ଥନ) ସ୍ଥାନୀୟ ପିପୁଲ୍ଲିକଲେଜର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ସମ୍ମିଳନୀ କକ୍ଷରେ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧକ୍ଷ ଭଗବାନ ଶତପଥୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ଉପାଧକ୍ଷ ହରିକୃଷ୍ଣ ନାୟକ ଯୋଗ ଦେଇଥିବା ବେଳେ ରାଜନୀତି ବିଜ୍ଞାନ ବିଭାଗୀୟ ମୁଖ୍ୟ ଅଧ୍ୟାପକ ଅକ୍ଷୟ କୁମାର ସାହୁ , ଅଧ୍ୟାପକ ଲୋକନାଥ ବେହେରା ଓ ପବିତ୍ର ଖୁଣ୍ଟିଆଳ ପ୍ରମୁଖ ମଞ୍ଚାସୀନ ରହିଥିଲେ । ଏ ଅବସରରେ ନବାଗତ ଛାତ୍ରଛାତ୍ରୀମାନେ ସ୍ୱ ସ୍ୱ ପରିଚୟ ପ୍ରଦାନ କରିଥିଲେ ଏବଂ ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରଛାତ୍ରୀମାନେ ସେମାନଙ୍କୁ ଉପହାର ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଏଥି ସହ ସ୍ୱବିଭାଗୀୟ ନୀତିନିୟମ ଓ ମହାବିଦ୍ୟାଳୟର ଅନୁଶାସନ ମାନି ଚଳିବାକୁ ପରାମର୍ଶ ଦେଇଥିଲେ ।

# କୁକୁଡାଖଣ୍ଡିରେ ଉଲ୍ଲାସ ସଚେତନତା ରଥର ଶୁଭାରମ୍ଭ

କୁକୁଡାଖଣ୍ଡି, ୧୦।୯ :(ମନ୍ଥନ) କୁକୁଡାଖଣ୍ଡି ବ୍ଲକ ରୁ ଆଜି ସ୍ୱାକ୍ଷରତା ଓ ଗୁଣାତ୍ମକ ଶିକ୍ଷାର ବିକାଶ ଲାଗି ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ସରକାରଙ୍କ ନିର୍ଦ୍ଦେଶ କ୍ରମେ ପ୍ରଚାର ରଥ କୁ ଗ୍ରାମାଞ୍ଚଳ ଲୋକଙ୍କୁ ସଚେତନତା ସୃଷ୍ଟି କୁ ନେଇ ସ୍ୱାକ୍ଷରତା ପରିକ୍ରମା ରଥ ଶୁଭାରମ୍ଭ କରାଯାଇଛି । ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ଜନହିତକର କାର୍ଯ୍ୟକ୍ରମ ଉଲ୍ଲାସ ହେବ ଆମର ଆହ୍ୱାନ କୁ ନେଇ ଗଞ୍ଜାମ ଜିଲ୍ଲା କୁକୁଡାଖଣ୍ଡି ବ୍ଲକରେ ସଚେତନତା କାର୍ଯ୍ୟକ୍ରମ ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ମହାପାତ୍ର ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହାକୁ ବ୍ଲକ ଉପାଧକ୍ଷା ବିଷ୍ଣୁପ୍ରିୟା ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ଏହା ଦ୍ୱାରା ଯେଉଁ ବ୍ୟକ୍ତି ମାନେ ପୁନଃ ଶିକ୍ଷା ସହ ଯୋଡି ହେବା କୁ ସତପ୍ରବୃତ୍ତ ଭାବେ ଇଛା ପ୍ରକାଶ କରନ୍ତି



ତେବେ ପାଠର ମର୍ଯ୍ୟାଦା ଉପରେ ଆଲୋକପାତ କରିବା ନିମନ୍ତେ ଶିକ୍ଷା ବିଭାଗ ସହଯୋଗର ହାତ ବଢ଼ାଇବାକୁ ଆହ୍ୱାନ ଦିଆଯାଇଛି । ଯେଉଁ ମାନେ ସ୍ୱଳ୍ପ ପାଠ ପଢ଼ି ଓହରି ଯାଇଛନ୍ତି କିମ୍ବା ପାଠ ପଢି ନାହାନ୍ତି ବା ଭୁଲିଯାଇଛନ୍ତି, ସେମାନଙ୍କ ନିମନ୍ତେ ପୁନଃ ଶିକ୍ଷାର ଅଭିବୃଦ୍ଧି ନିମନ୍ତେ ଏହି ଯୋଜନା ସରକାରୀ ସ୍ତରରେ ପ୍ରଚଳିତ ହୋଇଛି । ଏହି କାର୍ଯ୍ୟକ୍ରମରେ ଯୋଡ଼ି ହୋଇ ଜଣେ ବ୍ୟକ୍ତି ୪ର୍ଥ ଶ୍ରେଣୀ ପାସ୍ ପ୍ରମାଣ ପତ୍ର ପାଇପାରିବେ । ପରବର୍ତ୍ତୀ ସମୟରେ ସରକାରଙ୍କ ଅଧିନ ରେ ଥିବା ଶିକ୍ଷା ବିଭାଗର ଏସଆଇଓଏସ ମାଧ୍ୟମରେ ଶିକ୍ଷା ଗ୍ରହଣ କରି ପରବର୍ତ୍ତୀ ସମୟରେ ଏନଆଇଓଏସ ରେ ନାମ ଲେଖାଇ ଯୁକ୍ତ ୨ପାସ୍ କରିବାର ସୁବିଧା ମଧ୍ୟ ରହିଥିବା ଶିକ୍ଷା ଅଧିକାରୀ ଶ୍ରୀ ମହାପାତ୍ର କହିଛନ୍ତି କ୍ଷ ଶିକ୍ଷା କେବଳ ଅକ୍ଷର ଜ୍ଞାନ ନୁହେଁ, ଏହା ବୃତ୍ତିଗତ କିମ୍ବା ଜ୍ଞାନର ଭଣ୍ଡାର ଭଳି ବ୍ୟବହାର ହୋଇ ପାରିବ ବ୍ୟାଙ୍କ କାମ, ମୋବାଇଲ ବ୍ୟବହାର, ସ୍ୱାସ୍ଥ୍ୟ, ପରିବେଶ ଏବଂ ନିଜର ଅଧିକାର ଓ କର୍ତ୍ତବ୍ୟ ବିଷୟରେ ସଚେତନ କରାଏ । ତେଣୁ ସରକାରୀ ଯୋଜନାର ଲାଭ ପାଇବା ସହ ରୋଜଗାରକ୍ଷମ ହେବା ପାଇଁ ଏହା ଏକ ବଡ଼ ମାଧ୍ୟମ । ଏହି ଅବସରରେ ନିଜ ଅଞ୍ଚଳର ବିଦ୍ୟାଳୟକୁ ଯାଇ ଉଲ୍ଲାସ ବିଷୟରେ ଅଧିକ ଜାଣିବା ଏବଂ ଅନ୍ୟମାନଙ୍କୁ ଆହ୍ୱାନ କରି ସମାଜ କୁ ଶିକ୍ଷିତ କରି ଉତ୍ସର୍ଗ କରାଇବା ପାଇଁ ଅନ୍ୟ କୁ ପ୍ରବର୍ତ୍ତାଇବା । ଶିକ୍ଷିତ ଭାରତ, ବିକଶିତ ଭାରତ ସ୍ୱପ୍ନକୁ ସାକାର କରିବା ପାଇଁ ସମସ୍ତେ ସହଯୋଗର ହାତ ବଢ଼ାଇବାକୁ ଅନୁରୋଧ କରାଯାଇଛି । ଏଥିରେ ବ୍ଲକର ଅତିରିକ୍ତ ଶିକ୍ଷା ଅଧିକାରୀ ବସନ୍ତ କୁମାର ସେଠି, ସିମାଞ୍ଚଳ କାର୍ଜୀ, ହେମନ୍ତ ସେଠୀ, ଡମ୍ବୁରୁ ଦୋରା ସମେତ ସିଆରସିଏସ ଓ ଶିକ୍ଷା ବିଭାଗ କର୍ମଚାରି,ଶିକ୍ଷକ ମାନେ ଉପସ୍ଥିତ ଥିଲେ ।

# ରାସନ ଚାଉଳକୁ ନେଇ ଧମକ ଅଭିଯୋଗ ହିତାଧିକାରୀଙ୍କୁ ଗାଳିଗୁଲଜ ଓ ଆକ୍ରମଣ ଉଦ୍ୟମ:୩ ଜଣଙ୍କ ନାମରେ ମାମଲା

ଧାମନଗର, ୧୦।୯ :(ମନ୍ଥନ)ରାସନ ଚାଉଳ ନଦେବାକୁ କେନ୍ଦ୍ର କରି ଜଣେ ହିତାଧିକାରୀଙ୍କୁ ଗାଳିଗୁଲଜ, ଠେଲାପେଲା, ଆକ୍ରମଣ ଉଦ୍ୟମ ଓ ଜୀବନରୁ ମାରିଦେବା ଧମକ ଦିଆଯାଇଥିବା ଅଭିଯୋଗରେ ଧାମନଗର ଥାନାରେ ମାମଲା ରୁଜୁ ହୋଇଛି । ଧାମନଗର ଥାନା ଅନ୍ତର୍ଗତ ସ୍ୱାମୀପାଟଣା ଗ୍ରାମର ଦେବାଶିଷ ନାୟକ (୨୫)ଙ୍କ ଅଭିଯୋଗ ଅନୁଯାୟୀ, ଗତ ଅଗଷ୍ଟ ୧୩ରେ ସେ ନିଜର ରାସନ ଚାଉଳ ଆଣିବାକୁ ସ୍ଥାନୀୟ ଡିଲର ସଂଘମିତ୍ରା ସାହୁଙ୍କ ନିକଟକୁ ଯାଇଥିଲେ । ତେବେ ଚାଉଳ ନଦେଇ ତାଙ୍କୁ ଗାଳିଗୁଲଜ କରାଯିବା ସହ ସଂଘମିତ୍ରା ସାହୁ, ଧନେଶ୍ୱର ସାହୁ ଓ ବାସନ୍ତୀ ସାହୁ ମିଶି ଠେଲାପେଲା କରିଥିବା ସେ ଅଭିଯୋଗ କରିଛନ୍ତି ।ଘଟଣାର ସମାଧାନ ପାଇଁ ଅଗଷ୍ଟ ୩୧ରେ ଗାଁରେ ବୈଠକ ବସିଥିଲା । ତେବେ ସେଠାରେ ଆପୋଷ ସମାଧାନ ହୋଇନଥିବା ବେଳେ ଦେବାଶିଷ, ତାଙ୍କ ମା' ଓ ସାନଭାଇଙ୍କୁ ଅଭିଯୁକ୍ତମାନେ ଗାଳିଗୁଲଜ ଓ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି ।ଅଭିଯୋଗ ଅନୁସାରେ, ସେପ୍ଟେମ୍ବର ୮ ତାରିଖ ଅପରାହ୍ନ ପ୍ରାୟ ୩ଟାରେ ଦେବାଶିଷ ରାସ୍ତାରେ ଯାଉଥିବାବେଳେ ବିପକ୍ଷ ଗୋଷ୍ଠୀ ତାଙ୍କୁ ଅଟକାଇଥିଲେ । ଲୁହାରଡ୍ ଓ ଭୁଜାଲିରେ ଆକ୍ରମଣ କରିବାକୁ ଉଦ୍ୟମ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦିଆଯାଇଥିବା ଦେବାଶିଷ ଅଭିଯୋଗ କରିଛନ୍ତି ।ଏହି ଅଭିଯୋଗ ଆଧାରରେ ଧାମନଗର ପୁଲିସ ସେପ୍ଟେମ୍ବର ୮ ରାତି ୯ଟା ୪୫ରେ କେସ୍ ନଂ ୦୩୮୮/୨୦୨୬ ରେ ଏକ ମାମଲା ରୁଜୁ ହୋଇଛି । ବିଏନ୍‌ଏସ୍‌ର ଧାରା ୧୧୫(୨),୨୯୬, ୩(୫) ଓ ୩୫୧(୨)ରେ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି । ଆଇଆଇସି ଶୁଭ୍ରଜିତ ଦାଶଙ୍କ ନିର୍ଦ୍ଦେଶକ୍ରମେ ଏଏସଆଇ ଶିବଶଙ୍କର ଖିଲାର ଉକ୍ତ ଘଟଣାର ତଦନ୍ତ ଭାର ନେଇଛନ୍ତି ।

# ମା' ବୁଢ଼ୀ ଠାକୁରାଣୀଙ୍କ ନିକଟରେ ନ୍ୟାୟ ପାଇଁ ପ୍ରାର୍ଥନା କଲା ଅନୁଗୋଳ ଜିଲ୍ଲା ଠିକାଦାର ସଂଘ

ଅନୁଗୋଳ, ୧୦।୯ :(ମନ୍ଥନ)ଅନୁଗୋଳ ଜିଲ୍ଲା ଠିକାଦାର ସଂଘର ସଦସ୍ୟମାନେ ଗୁରୁବାର ଏକତ୍ରିତ ହୋଇ ଅନୁଗୋଳର ଅଧିଷ୍ଠାତ୍ରୀ ତଥା ଆରାଧ ଦେବୀ ମା' ବୁଢ଼ୀ ଠାକୁରାଣୀଙ୍କ ପବିତ୍ର ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା କରିଥିଲେ । ଏହି ଅବସରରେ ସଂଘର ସମସ୍ତ ସଦସ୍ୟ ଓ ସେମାନଙ୍କ ପରିବାରବର୍ଗଙ୍କ ସୁଖ, ଶାନ୍ତି, ସମୃଦ୍ଧି ଓ ମଙ୍ଗଳ କାମନା କରିବା ସହ ଠିକାଦାର ସମାଜର ବିଭିନ୍ନ ସମସ୍ୟାର ନ୍ୟାୟସଙ୍ଗତ ସମାଧାନ ପାଇଁ ମା'ଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ଏହି ଅବସରରେ ସଂଘର ସଦସ୍ୟମାନେ ଠିକାଦାର ସମାଜର ସାମୂହିକ ସ୍ୱାର୍ଥ, ସଂଘର ଏକତା ଓ ଶୃଙ୍ଖଳା ସହିତ ଚାଲୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ମା'ଙ୍କ ନିକଟରେ ନିବେଦନ କରିଥିଲେ । ସଂଘ ପକ୍ଷରୁ କୁହାଯାଇଛି ଯେ, ଅନୁଗୋଳ ଜିଲ୍ଲା ଠିକାଦାର ସଂଘ ସମେତ ବିଭିନ୍ନ ଜିଲ୍ଲା ଠିକାଦାର ସଂଘ ଏବଂ ନିଖିଳ ଓଡ଼ିଶା ଠିକାଦାର ସଂଘର ଆହ୍ୱାନ ଓ ସାମୂହିକ ନିଷ୍ପତ୍ତିକୁ ସମ୍ମାନ ଦେଇ ଅଧିକାଂଶ ଠିକାଦାର ଶୃଙ୍ଖଳାର ସହିତ ଟେଣ୍ଡର ପ୍ରକ୍ରିୟାରେ ଅଂଶଗ୍ରହଣ କରୁଛନ୍ତି । ତେବେ ଅଳ୍ପ କେତେକ ଠିକାଦାର ସାମୂହିକ ନିଷ୍ପତ୍ତିକୁ ଅଣଦେଖା କରି କମ୍ ମୂଲ୍ୟରେ ଟେଣ୍ଡର ଦାଖଲ କରୁଥିବାରୁ ଠିକାଦାର ସମାଜ ମଧ୍ୟରେ ଅସନ୍ତୋଷ ଓ ଚିନ୍ତା ପ୍ରକାଶ ପାଇଥିବା ସଂଘ ପକ୍ଷରୁ କୁହାଯାଇଛି ।

ବିଶେଷକରି ଶ୍ରୀ ଆଦିତ୍ୟ କୁମାର ମହାପାତ୍ର,



ଭୁବନେଶ୍ୱର, ଅନୁଗୋଳ ଇରିଗେସନ୍ ଡିଭିଜନ ଅଧୀନରେ ୭ଟି ଟେଣ୍ଡରରେ ପ୍ରାୟ ୨୧.୯୯% କମ୍ ରେ ଏଗ୍ରିମେଣ୍ଟ କରିଥିବା ନେଇ ସଂଘ ପକ୍ଷରୁ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯାଇଥିଲା ଯେ, ଏହି ପ୍ରକ୍ରିୟାରେ ଶ୍ରୀ ମହାପାତ୍ରଙ୍କୁ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ସହଯୋଗ କରିଥିବା କିମ୍ବା ଭବିଷ୍ୟତରେ ଯଦି ଅନୁଗୋଳ ଜିଲ୍ଲାର ସହଯୋଗ କରିବେ ସେହି ବ୍ୟକ୍ତିବିଶେଷଙ୍କ ସମ୍ପର୍କରେ ମଧ ମା' ବୁଢ଼ୀ ଠାକୁରାଣୀ ବିଚାର କରିବେ କହି ମା'ଙ୍କ ନିକଟରେ ଗୁହାରୀ ଜଣାଇ ସମର୍ପଣ କରାଯାଇଥିବା ବିଷୟ ସଂଘ ପକ୍ଷରୁ କୁହାଯାଇଛି । ସଂଘ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ଏହି ବିଷୟକୁ ନେଇ କୌଣସି ବ୍ୟକ୍ତିଙ୍କ ପ୍ରତି ଅପଶବ୍ଦ, ଅପମାନଜନକ ମନ୍ତବ୍ୟ କିମ୍ବା ଅନୁଚିତ ଆଚରଣ କରାଯିବ ନାହିଁ । ସଂଘ ଆଇନସମ୍ମତ, ଶାନ୍ତିପୂର୍ଣ୍ଣ ଓ ଗଣତାନ୍ତ୍ରିକ ପଦ୍ଧତିରେ ନିଜର ଦାବି ଓ ଅଭିଯୋଗ ଉପସ୍ଥାପନ କରିବ । ସଂଘର ସାମୂହିକ ନିଷ୍ପତ୍ତିର ବିରୋଧରେ ଯେଉଁମାନେ କାର୍ଯ୍ୟ କରିଛନ୍ତି କିମ୍ବା ଆଗାମୀ ଦିନରେ କରିବେ, ସେମାନଙ୍କ ସମ୍ପର୍କିତ ସମସ୍ତ ବିଷୟ ନ୍ୟାୟ ପାଇଁ ମା'ଙ୍କ ନିକଟରେ ସମର୍ପଣ କରାଯାଇଛି । ସଂଘର ସଦସ୍ୟମାନେ କହିଛନ୍ତି ଯେ, ସେମାନଙ୍କର କୌଣସି ବ୍ୟକ୍ତିବିଶେଷଙ୍କ ପ୍ରତି ବ୍ୟକ୍ତିଗତ ଆକ୍ରୋଶ ନାହିଁ । ସେମାନେ କେବଳ ନ୍ୟାୟ, ସମାନ ସୁଯୋଗ, ସୁସ୍ଥ ପ୍ରତିଯୋଗିତା ଓ ଠିକାଦାର ସମାଜର ସାମୂହିକ ସ୍ୱାର୍ଥ ପାଇଁ ନିଜର ମତ ରଖୁଛନ୍ତି । ଯାହା ସତ୍ୟ ଓ ନ୍ୟାୟ, ତାହାର ଉଚିତ ନିଷ୍ପତ୍ତି ମା' ବୁଢ଼ୀ ଠାକୁରାଣୀ କରିବେ ବୋଲି ସମସ୍ତେ ବିଶ୍ୱାସ ପ୍ରକାଶ କରିଥିଲେ ।ଏହି ଅବସରରେ ସଂଘର ଏକତା ଅକ୍ଷୁଣ୍ଣ ରହିବା, ସମସ୍ତ ସଦସ୍ୟ ଓ ସେମାନଙ୍କ ପରିବାରର ମଙ୍ଗଳ, ଠିକାଦାର ସମାଜ ମଧ୍ୟରେ ଭାଇଚାରା ଓ ଶୃଙ୍ଖଳା ବଜାୟ ରହିବା ସହ ଚାଲୁଥିବା ବିଭିନ୍ନ ସମସ୍ୟାର ନ୍ୟାୟସଙ୍ଗତ ସମାଧାନ ପାଇଁ ସଂଘର ସଭାପତି ଶ୍ରୀ ସୁନୀଲ କୁମାର ପ୍ରଧାନ, ସାଧାରଣ ସମ୍ପାଦକ ଶ୍ରୀ ସୁବୋଧ କୁମାର ମହାପାତ୍ର, ଉପସଭାପତି ଶ୍ରୀ ଅଜିତ ପ୍ରସାଦ ଦ୍ୱିବେଦୀ, ଶ୍ରୀ ବିମଳ ଚନ୍ଦ୍ର ବେହେରା, ସହସମ୍ପାଦକ ଶ୍ରୀ ସନ୍ଦୀପ କୁମାରନାଥ ଓ ଶ୍ରୀ ଅଶୋକ କୁମାର ସାହୁଙ୍କ ସମେତ ସଂଘର ସମସ୍ତ ସଦସ୍ୟ ମା'ଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ଜିଲ୍ଲା ଠିକାଦାର ସଂଘ, ଅନୁଗୋଳ ପକ୍ଷରୁ ଆୟୋଜିତ ଏହି ପୂଜାର୍ଚ୍ଚନାରେ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ ।

# ଆନ୍ଦୋଳନରୁ ହଟିଲେ ସଫେଇ କର୍ମଚାରୀ

ଗଞ୍ଜାମ, ୧୦।୯ :(ମନ୍ଥନ)ଗଞ୍ଜାମ ଏନଏସିରେ କାର୍ଯ୍ୟରତ ଅସ୍ଥାୟୀ ସଫେଇ କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁଁ ତିନି ଦିନ ଧରି ଗଞ୍ଜାମ ସହରରେ ବନ୍ଦ ରହିଥିଲା ସଫେଇ କାର୍ଯ୍ୟ । ଏନଏସି ଇଓ ଅର୍ପଣା ଡାଙ୍ଗୁଆଙ୍କ ହସ୍ତକ୍ଷେପ ପରେ ବୁଧବାର ସ୍ୱାଭାବିକ ହୋଇଛି ସଫେଇ କାର୍ଯ୍ୟ । ଦୀର୍ଘ ସମୟ ପର୍ଯ୍ୟନ୍ତ ଏନ୍‌ଏସି ଇଓ ଡାଙ୍ଗୁଆଙ୍କ ସହ ସଫେଇ କର୍ମଚାରୀଙ୍କ ଆଲୋଚନା ପରେ କର୍ମଚାରୀମାନେ ଆନ୍‌ଦୋଳନରୁ ଓହରି କାମକୁ ଫେରିଛନ୍ତି । ଫଳରେ ତିନି ଦିନ ଧରି ପ୍ରଭାବିତ ହୋଇଥିବା ସହରର ପରିମଳ ବ୍ୟବସ୍ଥା ପୁଣି ସ୍ୱାଭାବିକ ହୋଇଛି ।

ସୂଚନା ଅନୁସାରେ ଏକାଧିକ ଅପରାଧରେ ଲିପ୍ତ ଥିବା ସହରର ଜଣେ ବ୍ୟକ୍ତି ସାନିଟେସନ କାର୍ଯ୍ୟରେ ସୁପ୍ରଭାଇଜର କାର୍ଯ୍ୟ କରୁଥିଲେ । ଥାନାରେ ଏକାଧିକ ମାମଲା ଥିବା ଜଣା ପଡିବା ପରେ ଏନଏସି ପ୍ରଶାସନ ପକ୍ଷରୁ ଉକ୍ତ ବ୍ୟକ୍ତିଙ୍କୁ କାର୍ଯ୍ୟରୁ ହଟାଇ ଦିଆଯାଇଥିଲା ଯାହାକୁ ନେଇ କିଛି କର୍ମଚାରୀ ଏହାକୁ ବିରୋଧ କରି ଅନ୍ୟ ସଫେଇ କର୍ମଚାରୀ ମାନଙ୍କୁ ହୁସକାଇ ଆନ୍‌ଦୋଳନ କରିଥିଲେ । କିନ୍ତୁ କୌଣସି ପରିସ୍ଥିତିରେ ଉକ୍ତ ବ୍ୟକ୍ତିଙ୍କୁ କାର୍ଯ୍ୟରେ ନିଯୁକ୍ତି ଦିଆଯିବ ନାହିଁ ବୋଲି ରୋକ ଠୋକ ଜଣାଇ ଦେଇଥିଲେ କାର୍ଯ୍ୟ ନିର୍ବାହୀ ଅଧିକାରୀ ଡାଙ୍ଗୁଆ କ୍ଷ ଏଥିସହ କାର୍ଯ୍ୟରେ ଯୋଗ ନଦେଲେ ନିୟମାନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦେଇଥିଲେ । ଏହାପରେ ସଫେଇ କର୍ମଚାରୀମାନେ ଏନ୍‌ଏସି କାର୍ଯ୍ୟାଳୟକୁ ଆସି ଇଓଙ୍କ ସହ ଆଲୋଚନା କରିଥିଲେ । ଦୀର୍ଘ ସମୟର ଆଲୋଚନା ପରେ କର୍ମଚାରୀମାନେ କାର୍ଯ୍ୟବିରତି ପ୍ରତ୍ୟାହାର କରି ପୁଣି ସଫେଇ କାର୍ଯ୍ୟରେ ଯୋଗଦେଇଥିଲେ ।ସନ୍ଧ୍ୟାରେ ଇଓ ଅର୍ପନା ଡାଙ୍ଗୁଆ ନିଜେ ସଫେଇ କାର୍ଯ୍ୟସ୍ଥଳରେ ଉପସ୍ଥିତ ରହି କାମର ତଦାରଖ କରିଥିଲେ । ବିଭିନ୍ନ ସ୍ଥାନରେ ଜମି ରହିଥିବା ଆବର୍ଜନା ହଟାଇବା ସହ ସହରର ପରିମଳ ବ୍ୟବସ୍ଥାକୁ ସ୍ୱାଭାବିକ କରିବାକୁ କର୍ମଚାରୀମାନେ କାର୍ଯ୍ୟରେ ଲାଗିଥିଲେ ।ତିନି ଦିନର କାର୍ଯ୍ୟବନ୍ଦ ପରେ ଇଓଙ୍କ ହସ୍ତକ୍ଷେପ ଓ ଆଲୋଚନା ପରେ କର୍ମଚାରୀମାନେ କାର୍ଯ୍ୟକୁ ଫେରିଥିବାରୁ ସହରବାସୀଙ୍କ ମଧ୍ୟରେ ଆଶ୍ୱସ୍ତି ପ୍ରକାଶ ପାଇଛି ।

# ଗଞ୍ଜାମ ବ୍ଲକ ସ୍ତରୀୟ ଉଲ୍ଲାସ -ନବ ଭାରତ ସ୍ୱାକ୍ଷରତା କାର୍ଯ୍ୟକ୍ରମ ଓ ଆନ୍ତର୍ଯ୍ୟାତିୟ ସ୍ୱାକ୍ଷରତା ଦିବସ ପାଳିତ

ଗଞ୍ଜାମ, ୧୦।୯ :(ମନ୍ଥନ)ଗଞ୍ଜାମ ବ୍ଲକ ସ୍ତରୀୟ ଉଲ୍ଲାସ -ନବ ଭାରତ ସ୍ୱାକ୍ଷରତା କାର୍ଯ୍ୟକ୍ରମ ଓ ଆନ୍ତର୍ଯ୍ୟାତିୟ ସ୍ୱାକ୍ଷରତା ଦିବସ ପାଳିତ ହୋଇଯାଇଛି । ଗଞ୍ଜାମ ଗୋଷ୍ଠି ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ତରଫରୁ ଗଞ୍ଜାମ ବ୍ଲକ ଅନ୍ତର୍ଗତ ପୋଇରାଶି ପଞ୍ଚାୟତ ର ବରପଲ୍ଲୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେଆୟୋଜିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଗଞ୍ଜାମ ଗୋଷ୍ଠି ଶିକ୍ଷା ଅଧିକାରୀ ସରୋଜ କୁମାର ସାହୁ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥିଭାବେ ଗଞ୍ଜାମ ବ୍ଲକ ଅଧକ୍ଷା ଶର୍ମିଷ୍ଠା ପ୍ରଧାନ ଯୋଗଦେଇ ଶିକ୍ଷା ସମାଜ ଗଠନ କରିବାରେ ମୂଳ ତେଣୁ ଉଲ୍ଲାସ ମାଧ୍ୟମରେ ଶିକ୍ଷାର ହାର ବଢ଼ା ଯାଇପାରିବ ବୋଲି ପ୍ରକାଶ କରିଥିଲେ । ସ୍ଥାନୀୟ ସରପଞ୍ଚ ରବିନ୍ଦ୍ର ନାଥ ବେହେରା, ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ତଥା ଉଲ୍ଲାସ ନୋଡାଲ ଅଫିସର ବନିତା ମିଶ୍ର ସମ୍ମାନିତ ଅତିଥିଭାବେ ମଞ୍ଚାସିନ ରହିଥିଲେ । ଉକ୍ତ



କାର୍ଯ୍ୟକ୍ରମରେ ରଷିକୁଲ୍ୟା ଉଚ୍ଚ ବିଦ୍ୟାଳୟ ଓ ବରପଲ୍ଲୀ ନୋଡାଲ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଗୋଷ୍ଠି ସଚେତନତା ପାଇଁ ସାଇକେଲ ଶୋଭାଯାତ୍ରା ବାହାରିଥିଲା । ଗ୍ରାମର ମଧ ଭାଗରେ ପଥ ପ୍ରାନ୍ତ ନାଟକ ମାଧ୍ୟମରେ ଉଲ୍ଲାସ ନବ ଭାରତ ସମ୍ପର୍କରେ ସଚେତନତା କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମ ରେ ପୋଇରାଶି ଗ୍ରାମ ପଞ୍ଚାୟତ ର ଉଲ୍ଲାସ ସର୍ଭୟର ମାନେ ଯୋଗ ଦେଇଥିଲେ । ଶିକ୍ଷକ କୃଷ୍ଣ ଚନ୍ଦ୍ର ବେହେରା ସଭା ପରିଚାଳନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଗଞ୍ଜାମ ବ୍ଲକ ର ସମସ୍ତ ସି ଆର ସି ସି ମାନେ ଉପସ୍ଥିତ ଥିଲେ ।ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଅଶୋକ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ହତ୍ୟା ଉଦ୍ୟମ ମାମଲା: ଫେରାର୍ ଦୁଇ କୁଖ୍ୟାତ ଅପରାଧୀ ଗିରଫ

କୁକୁଡାଖଣ୍ଡି ,୧୦।୯ :(ମନ୍ଥନ)ଏକ ହତ୍ୟା ଉଦ୍ୟମ ମାମଲାରେ ସଦର ଥାନା ପୁଲିସ୍ ୨ କୁଖ୍ୟାତ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ୨ ଅଭିଯୁକ୍ତ ଦକ୍ଷିଣପୁରର ରାମକୃଷ୍ଣ ନାହାକ ଓରଫ୍ ବୁଲୁ(୩୯) ଏବଂ ଦିଗପହଣ୍ଡି ଥାନା ଚାଞ୍ଚଡାପଲ୍ଲୀ ଅଞ୍ଚଳର ପରେଶ ଲେଙ୍କା ଓରଫ୍ ପପୁ (୨୫) ବୋଲି ଜଣାପଡିଛି । ଅଭିଯୁକ୍ତଙ୍କ ନିକଟରୁ ଗୋଟିଏ ଖଣ୍ଡା, ପିସ୍ତଲ ଓ ଦୁଇଟି ଜୀବନ୍ତ ଗୁଳି, ଗୋଟିଏ କାର୍ ଓ ଗୋଟିଏ ବୁଲେଟ୍ କୁ ଜବତ କରିଛି । ମିଳିଥିବା ସୂଚନା ପ୍ରକାରେ ଗତ ମାର୍ଚ୍ଚ ୧୭ ତାରିଖ ଦିନ ପ୍ରାୟ ସାଢେ ଗୋଟାଏ ବେଳେ ନୀଳମାଧବ ସାହୁ(ଭବାନୀ) ନାମକ ଜଣେ ବ୍ୟକ୍ତି ତାଙ୍କ ସାଙ୍ଗ ଅମିର କୁଣ୍ଡଙ୍କ ସହ ବାଇକରେ ଯାଉଥିଲେ । ଏସ୍‌ଏଚ୍-୧୭ ମୁଖ୍ୟ ରାସ୍ତାରେ ଦକ୍ଷିଣାପୁର ନିକଟରେ ଅଟକାଇଥିଲେ । ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଅଭିଯୁକ୍ତମାନେ ନୀଳମାଧବ ଏବଂ ତାଙ୍କ ସାଙ୍ଗକୁ ଖଣ୍ଡାରେ ଆକ୍ରମଣ କରିବା ସହ ସେମାନଙ୍କ ବାଇକ୍ ଉପରକୁ କାର୍ ଚଢାଇ ଦେଇଥିଲେ । ଅଭିଯୁକ୍ତଙ୍କ କାର୍ ଅନ୍ୟ ଏକ ବାଇକ୍‌କୁ ମଧ୍ୟ ଧକ୍କା ଦେବା କାରଣରୁ ବାଇକ୍ ଆରୋହୀ ମହିଳାଙ୍କ ମୃତ୍ୟୁ ଘଟିଥିଲା । ଆହତଙ୍କୁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା । ଘଟଣା ପରେ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ । ଏନେଇ ସଦର ଥାନାରେ ନୀଳମାଧବ ଅଭିଯୋଗ କରିବା ପରେ ପୁଲିସ୍ ୧୪୧/୨୬ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭକରିଥିଲା । ଆଜି ପୁଲିସ୍ ଅଭିଯୁକ୍ତ ରାମକୃଷ୍ଣ ନାହାକ ଏବଂ ଅନ୍ୟ ଅଭିଯୁକ୍ତ ପରେଶ ଲେଙ୍କାକୁ ଗିରଫ କରିଥିଲା । ଜେରା ବେଳେ ରାମକୃଷ୍ଣ ନାୟକ ଜଣେ କୁଖ୍ୟାତ ଅପରାଧୀ । ତା ନାମରେ ପୂର୍ବରୁ ଦୁଇଟି ହତ୍ୟା ମାମଲା ରହିଛି । ସେ ଏକ ଅପରାଧ ଗ୍ୟାଙ୍ଗ ଗଢିଥିବା ନେଇ ପୁଲିସ୍ ଜାଣିବାକୁ ପାଇଛି । ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବା ସହ ଘଟଣାର ଅଧିକ ତଦନ୍ତ ଜାରି ରହିଥ ?ବା ନେଇ ଥାନା ଅଧିକାରୀ ସୁଚିତ୍ରା ପରିଡ଼ା ସୂଚନା ଦେଇଛନ୍ତି ।



# ଅନୁଗୋଳ ଜିଲ୍ଲାର 'ଦିଶା' କମିଟି ବୈଠକ ଅନୁଷ୍ଠିତ

ଅନୁଗୋଳ,୧୦।୯ :(ମନ୍ଥନ) ଅନୁଗୋଳ ଜିଲ୍ଲାର ବିକାଶ, ଗମନାଗମନର ସୁବିଧା, ମୋବାଇଲ କନେକ୍ଟିଭିଟି, ଶିକ୍ଷା, ସାମାଜିକ ସୁରକ୍ଷା ଏବଂ ଶିଶୁଙ୍କ ପୋଷଣ ସ୍ଥିତିରେ ସୁଧାର ଆଣିବା ପାଇଁ ଡବଲ ଇଞ୍ଜିନ ସରକାର ପ୍ରତିବଦ୍ଧ । ଅନୁଗୋଳ ଜିଲ୍ଲାରେ ଗୁରୁବାର ଅନୁଷ୍ଠିତ ଜିଲ୍ଲା ବିକାଶ ସମନ୍ୱୟ ଏବଂ ମନିଟରିଂ କମିଟି (ଦିଶା) ବୈଠକରେ ଆଲୋଚନା ହୋଇଥିବା ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିଗୁଡ଼ିକ ଉପରେ ଏହା ସୂଚନା ଦେଇଛନ୍ତି ସମ୍ବଲପୁର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଅନୁଗୋଳ ଜିଲ୍ଲାରେ ନବଜାତ ଶିଶୁଠାରୁ ଆରମ୍ଭ କରି +୨ ପର୍ଯ୍ୟନ୍ତ ପାଖାପାଖି ୩ ଲକ୍ଷ ପିଲା ଅଛନ୍ତି। ଜାତୀୟ ସ୍ୱାସ୍ଥ୍ୟ ପରିବାର ସର୍ଭେ ? ଅନୁସାରେ ସେମାନଙ୍କର ପୋଷଣ ସ୍ଥିତିରେ ଆହୁରି ସୁଧାର ଆଣିବା ଦରକାର । ଏହି ପରିପ୍ରେକ୍ଷୀରେ ସେମାନଙ୍କ ପୋଷଣ ସ୍ଥିତିରେ ସୁଧାର ଆଣିବା କେବଳ ସରକାରୀ ସେବାରେ ହୋଇପାରିବ ନାହିଁ । ସମାଜର ଭାଗୀଦାରୀରେ ଏହି ଦାୟିତ୍ୱ ନେବାକୁ ହେବ । ବର୍ତ୍ତମାନ ସମୟରେ ଆରମ୍ଭ ହୋଇଥିବା 'ପୋଷଣ ମାସ' ଏବଂ ଲୋକପ୍ରିୟ




ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନରୁ ଆରମ୍ଭ ହେଉଥିବା 'ସେବା ପକ୍ଷ' ଅବସରରେ ଏହି ୩ ଲକ୍ଷ ପିଲାଙ୍କ ପୋଷଣ ପାଇଁ ଦଳ-ମତ ନିର୍ବିଶେଷରେ ସମସ୍ତେ ଏକାଠି ହେବାକୁ ପଡିବ । ଏ ଦିଗରେ ଏକ ବ୍ୟାପକ 'ଜନଆନ୍ଦୋଳନ' କରିବା ପାଇଁ ବୈଠକରେ ଚର୍ଚ୍ଚା ହୋଇଛି ।ସେହିପରି ଜିଲ୍ଲାର ଗମନାଗମନ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ୧୪୯ ନଂ ଜାତୀୟ ରାଜପଥ ପିଟିରିରୁ ପାଲଲହଡ଼ା ପର୍ଯ୍ୟନ୍ତ ପାଖାପାଖି ୬୮ କିଲୋମିଟର ରାସ୍ତାକୁ ୪-ଲେନ୍ କରାଯାଉଛି । ସ୍ଥାନୀୟ ଲୋକଙ୍କ ଦୀର୍ଘଦିନର ଦାବିକୁ ଆଧାର କରି 'ଖମାର ବଜାର ବାଇପାସ୍' ପ୍ରସ୍ତାବକୁ ଏନଏଚଏଆଇ ସ୍ୱୀକୃତି ଦେଇଛନ୍ତି, ଖୁସିର ବିଷୟ । ଏହା ସହିତ ପିଡବ୍ଲୁଡି ରାସ୍ତା, ଷ୍ଟେଟ୍ ହାଇୱେ, ପ୍ରମୁଖ ଜିଲ୍ଲା ରାସ୍ତାଘାଟ ଏବଂ ରେଳବାଇ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଆଲୋଚନା ହୋଇଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଜିଲ୍ଲାରେ ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ 'ପିଏମ-ଶ୍ରୀ ଆଦର୍ଶ ସ୍କୁଲ' ଗୁଡ଼ିକର କାର୍ଯ୍ୟ ସମୀକ୍ଷା କରାଯାଇଛି। ଡିଜିଟାଲ ସଂଯୋଗୀକରଣକୁ ମଜବୁତ କରିବା ପାଇଁ ବିଏସଏନଏଲର ବର୍ତ୍ତମାନ ଥିବା ୨୫୦ଟି ଟାୱାର ସହ ଆଉ ୪୫ଟି ନୂଆ ଟାୱାର ବସାଇବା ଏବଂ ପାଲଲହଡ଼ାର ନଗିରା ଠାରୁ ଆଠମଲ୍ଲିକର ଉପାନ୍ତ ଅଞ୍ଚଳ ପର୍ଯ୍ୟନ୍ତ ବ୍ୟାପକ ସର୍ଭେ ? କରି ଅଧିକ ଟାୱାର ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି । ଜାତୀୟ ପେନସନ ଯୋଜନାରେ ଭତ୍ତା ମିଳିବା ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଥିବା ଭ୍ରାନ୍ତି ଦୂର କରାଯାଇ ଯୋଗ୍ୟ ହିତାଧିକାରୀଙ୍କୁ ନିରନ୍ତର ସେବା ଯୋଗାଇଦେବା ପାଇଁ ପ୍ରଶାସନ ପକ୍ଷରୁ ଯୋଜନା ହୋଇଛି। ଏହି ବୈଠକରେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ଅନୁଗୋଳ ଜିଲ୍ଲାର ସମସ୍ତ ବିଧାୟକ, ବ୍ଲକ୍ ? ଚେୟାରମ୍ୟାନ୍, ଜିଲ୍ଲା ପରିଷଦ ଅଧ୍ୟକ୍ଷା, ଜିଲ୍ଲାପାଳ, ବରିଷ୍ଠ ପ୍ରଶାସନିକ ଅଧିକାରୀ ଏବଂ ରେଳବାଇ, ଏନଏଚଏଆଇ ଓ ବିଏସଏନଏଲ ଭଳି କେନ୍ଦ୍ରୀୟ ସଂସ୍ଥାର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

# ଅନୁଗୋଳରେ 'ଉଲ୍ଲାସ' କାର୍ଯ୍ୟକ୍ରମ: ସଚେତନତା ରାଲି ଓ ସେମିନାର ଅନୁଷ୍ଠିତ

ଅନୁଗୋଳ, ୧୦।୯ :(ମନ୍ଥନ)ନବ ଭାରତ ସାକ୍ଷରତା ଅଭିଯାନ ସଚେତନତା ପକ୍ଷ ଅନ୍ତର୍ଗତ 'ଉଲ୍ଲାସ' (ULLAS – Understanding of Lifelong Learning for All in Society) କାର୍ଯ୍ୟକ୍ରମକୁ ଅଧିକ ଜନମୁଖୀ ଓ ସଚେତନତାମୂଳକ କରିବା ଉଦ୍ଦେଶ୍ୟରେ ଆଜି ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, ଅନୁଗୋଳ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଉପଲକ୍ଷେ ଏକ ସଚେତନତା ରାଲି ଓ ସେମିନାର ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ଉଚ୍ଚ ବିଦ୍ୟାଳୟରୁ ବାହାରିଥିବା ଏହି ରାଲି ମାଧ୍ୟମରେ ନିରକ୍ଷରତା ଦୂରୀକରଣ, ଡିଜିଟାଲ ଓ ଆର୍ଥିକ ସାକ୍ଷରତା ଏବଂ ଜୀବନବ୍ୟାପୀ ଶିକ୍ଷା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ରାଲି ପରେ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷଠାରେ 'ଉଲ୍ଲାସ' କାର୍ଯ୍ୟକ୍ରମ ସମ୍ପର୍କିତ ଏକ ସେମିନାର ଅନୁଷ୍ଠିତ ହୋଇଥିଲା। ସେମିନାରରେ ଉଲ୍ଲାସ କାର୍ଯ୍ୟକ୍ରମର ଲକ୍ଷ୍ୟ, ଉଦ୍ଦେଶ୍ୟ, ଗୁରୁତ୍ୱ ଓ ସମାଜରେ ଜୀବନବ୍ୟାପୀ ଶିକ୍ଷାର ଆବଶ୍ୟକତା ଉପରେ ଆଲୋଚନା କରାଯାଇଥିଲା। ବିଶେଷକରି ସମାଜର




ପ୍ରତ୍ୟେକ ବର୍ଗଙ୍କୁ ଶିକ୍ଷାର ମୁଖ୍ୟଧାରା ସହିତ ଯୋଡ଼ିବା ଏବଂ ଶିକ୍ଷାକୁ ଜୀବନ ସହିତ ସମ୍ପୃକ୍ତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅଙ୍ଗନାବାଡ଼ି କର୍ମୀ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ, ପ୍ରଧାନ ଶିକ୍ଷକ, ସହକାରୀ ଶିକ୍ଷକ, ସମଗ୍ର ଶିକ୍ଷା କାର୍ଯ୍ୟାଳୟର ସମସ୍ତ ବିଭାଗୀୟ ଅଧିକାରୀ ସମେତ କର୍ମକର୍ତ୍ତାଗଣ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ମଧୁସ୍ମିତା ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଲ୍ଲାସ କାର୍ଯ୍ୟକ୍ରମର ସାମାଜିକ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେ ଶିକ୍ଷା କେବଳ ବିଦ୍ୟାଳୟରେ ସୀମିତ ନୁହେଁ, ବରଂ 'ଜୀବନ ପାଇଁ ଶିକ୍ଷା ଓ ସମସ୍ତଙ୍କ ପାଇଁ ଶିକ୍ଷା' ଧାରଣାକୁ ସାକାର କରିବାରେ ଉଲ୍ଲାସର ଭୂମିକା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ବୋଲି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମର ଅନ୍ୟତମ ସମ୍ମାନିତ ଅତିଥି ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ଲୋପମୁଦ୍ରା ପଟ୍ଟନାୟକ ଯୋଗଦେଇ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ସମସ୍ତଙ୍କ ସକ୍ରିୟ ସହଯୋଗ ଓ ସାମୂହିକ ଦାୟିତ୍ୱର ଆବଶ୍ୟକତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଶ୍ରୀ ଅମ୍ବୁଜ କୁମାର ଗଡ଼ନାୟକ ସୁଚାରୁ ଭାବେ ପରିଚାଳନା କରିଥିବାବେଳେ ଜିଲ୍ଲା ଶିକ୍ଷା ବିଜ୍ଞାନ ସଂଯୋଜକ ଶ୍ରୀ ମନୋରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଏସଏପି ଅଷ୍ଟମ ବାଟାଲିୟନରେ ଶପଥ ଗ୍ରହଣ ସମାରୋହ

ଗଞ୍ଜାମ ,୧୦।୯ :(ମନ୍ଥନ) ଗଞ୍ଜାମ ସହର ଅନତିଦୂରରେ ରହିଥିବା ଛତ୍ରପୁର ଓଏସପି ଅଷ୍ଟମ ବାଟାଲିୟନରେ ହାବିଲଦାର ଓ ସିପାହୀ ଶାଖା ସଂଘର ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହୋଇଯାଇଥିଲା । ବାଟାଲିୟନ ପରିସରରେ ଆୟୋଜିତ ସମାରୋହ ରେ ସହ ଦୁର୍ଗପତି ପବିତ୍ର ମୋହନ ମୁଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ଜଗତରନାଥ ଜଗନ୍ନାଥ ଙ୍କ ପ୍ରତିମୂର୍ତ୍ତୀ ନିକଟରେ ପ୍ରଦୀପ ପ୍ରଜ୍ଜଳନ କରିବା ସହ ନବ ନିର୍ବାଚିତ ପଦାଧିକାରୀ ଙ୍କ ଶପଥ ପାଠ କରାଇଥିଲେ ସଭାପତି ଭାବେ ହାବିଲଦାର ଯଶୋବନ୍ତ ସ୍ୱାଇଁ,ଉପ ସଭାପତି ଜୟଧର ଶବର,ସମ୍ପାଦକ ସୁଶାନ୍ତ ସେଠୀ, କୋଷାଧ୍ୟକ୍ଷ ଜଗନ୍ନାଥ ସେଠୀ,ଯୁଗ୍ମ ସମ୍ପାଦକ (କ)ରତିକାନ୍ତ ସାହୁ,ଯୁଗ୍ମ ସମ୍ପାଦକ (ଖ)ଚିନ୍ମୟ ପାତ୍ର ,କାର୍ଯ୍ୟକାରୀ ସଭ୍ୟ ବିଶ୍ୱନାଥ ସେଠୀ, ଲକ୍ଷ୍ମଣ ସାହୁ,କେ. ହେମାନନ୍ଦ ରେଡି ,ସତ୍ୟମ ରେଡି,ଜଗନ୍ନାଥ ରେଡି ପ୍ରମୁଖ ବିଭିନ୍ନ ପଦ ପଦବୀରେ ସମସ୍ତ ପାର୍ଥୀ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିଲେ । ଶୁଭେନ୍ଦୁ କୁମାର ପଲାଇଙ୍କୁ କେନ୍ଦ୍ରିୟ କାର୍ଯ୍ୟକାରୀ ସମିତିର ସଭ୍ୟ ଭାବେ ଘୋଷଣା କରାଯାଇଥିଲା ।ଗତ ଥର ନିର୍ବାଚନ ରେ ଏହି ସମସ୍ତ ପଦାଧିକାରୀ ମାନେ ବିଭିନ୍ନ ପଦ ପଦବୀରେ ନିର୍ବାଚିତ ହୋଇଥିଲେ । ବାଟାଲିୟନର ବିକାଶ, ବିଭିନ୍ନ ଜନ କଲ୍ୟାଣକାରୀ କାର୍ଯ୍ୟକ୍ରମ ଏବଂ ହାବିଲଦାର ଓ ସିପାହୀ ମାନଙ୍କ ସୁବିଧା ଅସୁବିଧାରେ ଛିଡା ହୋଇ ସମସ୍ତ ଙ୍କ ପ୍ରିୟ ଭାଜନ ହୋଇପାରିଥିବାରୁ ପୁଣି ଥରେ ସେହି ପାର୍ଥୀ ମାନେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିଲେ । ଯାହାକୁନେଇ ସମସ୍ତ ପଦାଧିକାରୀ ମାନଙ୍କୁ ବିଭିନ୍ନ ମହଲରୁଶୁଭେଚ୍ଛାର ସୁଅ ଛୁଟିଛି ।




# ଗୋପବନ୍ଧୁ ଜିଲ୍ଲା ଚିକିତ୍ସାଳୟରେ ଅବ୍ୟବସ୍ଥା ଅଭିଯୋଗ

ଖୋର୍ଦ୍ଧା, ୧୦।୯ :(ମନ୍ଥନ) ଖୋର୍ଦ୍ଧାସ୍ଥିତ ଗୋପବନ୍ଧୁ ଜିଲ୍ଲା ଚିକିତ୍ସାଳୟରେ ରୋଗୀ ସେବା, ପରିମଳ ଓ ଯାତାୟାତ ବ୍ୟବସ୍ଥାକୁ ନେଇ ଅବ୍ୟବସ୍ଥାର ଅଭିଯୋଗ ଉଠିଛି। ବାହାରୁ ଚିକିତ୍ସାଳୟର ଭିତ୍ତିଭୂମି ଆଧୁନିକ ଦେଖାଯାଉଥିଲେ ମଧ ଭିତରେ ରୋଗୀଙ୍କୁ ମିଳୁଥିବା ବିଭିନ୍ନ ସୁବିଧା ଓ ପରିମଳ ବ୍ୟବସ୍ଥାକୁ ନେଇ ରୋଗୀ ଓ ସମ୍ପର୍କୀୟଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ।ଅଭିଯୋଗ ଅନୁଯାୟୀ, ନିରାମୟ ଓ ପଞ୍ଜୀକରଣ ନିକଟସ୍ଥ ମୁଖ୍ୟ ଫାଟକ ଦୁଇଦିନ ଧରି ବନ୍ଦ ରହିଥିବାରୁ ରୋଗୀଙ୍କ ସମେତ ମହିଳା, ବୟସ୍କ ଓ ଦିବ୍ୟାଙ୍ଗମାନେ ଯାତାୟାତରେ ଅସୁବିଧା ଭୋଗୁଛନ୍ତି। ଏହା ସହ ଚର୍ମ, ଦନ୍ତ ଓ ଇଏନ୍‌ଟି ବିଭାଗ ଅପେକ୍ଷାକୃତ ଛୋଟ ପରିସରରେ ଚାଲୁଥିବାରୁ ପ୍ରତିଦିନ ଶହ ଶହ ରୋଗୀଙ୍କ ଭିଡ଼ ଜମୁଥିବା ଅଭିଯୋଗ ହୋଇଛି ।ପାର୍କିଂ ବ୍ୟବସ୍ଥାକୁ ନେଇ ମଧ ଅସନ୍ତୋଷ ରହିଛି। ହସ୍ପିଟାଲ ପରିସରରେ ପାର୍କିଂ ପାଇଁ ସ୍ଥାନ ଥିଲେ ମଧ ସେଠାରେ ପାଣି ଜମି ରହୁଥିବାରୁ ଅନେକ ଗାଡ଼ି ବିଭିନ୍ନ ବିଭାଗ ସମ୍ମୁଖରେ ଅବ୍ୟବସ୍ଥିତ ଭାବେ ରଖାଯାଉଛି। ଏହା ଫଳରେ ଯାତାୟାତ ବାଧାପ୍ରାପ୍ତ ହେବା ସହ ଜରୁରୀ ସମୟରେ




ଆମ୍ବୁଲାନ୍ସ ଓ ଅନ୍ୟାନ୍ୟ ଯାନବାହନ ଚଳାଚଳକୁ ନେଇ ମଧ ପ୍ରଶ୍ନ ଉଠୁଛି ।ଅନ୍ୟପକ୍ଷରେ, ଥାଲାସେମିଆ ରୋଗୀଙ୍କ ପାଇଁ ଆବଶ୍ୟକ ସମୟରେ ରକ୍ତ ଉପଲବ୍ଧ ନଥିବା କୁ ନେଇ ମଧ ଅଭିଯୋଗ ଆସିଛି। ନିୟମିତ ରକ୍ତ ଆବଶ୍ୟକ କରୁଥିବା ରୋଗୀଙ୍କ କ୍ଷେତ୍ରରେ ଏଭଳି ସମସ୍ୟା ଗୁରୁତର ଚିନ୍ତାର ବିଷୟ ବୋଲି ରୋଗୀଙ୍କ ସମ୍ପର୍କୀୟମାନେ କହିଛନ୍ତି ।ଚିକିତ୍ସାଳୟର ବିଭିନ୍ନ ମହଲାର ଟୟଲେଟ୍ ପରିମଳକୁ ନେଇ ମଧ ପ୍ରଶ୍ନ ଉଠିଛି। ଟୟଲେଟ୍ ?ଗୁଡ଼ିକ ନିୟମିତ ସଫେଇ ହେଉନଥିବା ଏବଂ ବ୍ଲିଚିଂ ଓ ଫେନାଇଲ୍ ଆଦିର ଆବଶ୍ୟକ ବ୍ୟବହାର ହେଉନଥିବା ଅଭିଯୋଗ ହୋଇଛି। ବିଶେଷକରି ପ୍ରଥମ ମହଲା ସମେତ ଉପର ମହଲାର ଟୟଲେଟ୍ ଗୁଡ଼ିକର ପରିସ୍ଥିତିକୁ ନେଇ ରୋଗୀ ଓ ସମ୍ପର୍କୀୟମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି ।ଏପରିକି ଓଡଟ ପରିସରରେ ଥିବା ଟୟଲେଟ୍‌ର ପରିମଳ ବ୍ୟବସ୍ଥାକୁ ନେଇ ମଧ ଅଭିଯୋଗ ଉଠିଛି। ଗୁରୁତର ରୋଗୀ ରହୁଥିବା ଏହି ଅଞ୍ଚଳରେ ପରିମଳ ବ୍ୟବସ୍ଥାକୁ ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ଏହି ପରିସ୍ଥିତିରେ ସଫେଇ ଦାୟିତ୍ୱରେ ଥିବା କର୍ମଚାରୀ ଓ ଠିକାଦାର ଙ୍କ ଭୂମିକା ଉପରେ ମଧ ପ୍ରଶ୍ନ ଉଠିଛି ।ରୋଗୀଙ୍କ ପାଇଁ କେବଳ ଚକାଚକ୍ୟା ଭିତ୍ତିଭୂମି ଯଥେଷ୍ଟ ନୁହେଁ; ଏହା ସହ ପରିଷ୍କାର ପରିବେଶ, ସୁଗମ ଯାତାୟାତ, ସୁବ୍ୟବସ୍ଥିତ ପାର୍କିଂ, ଆବଶ୍ୟକ ରକ୍ତ ଉପଲବ୍ଧତା ଓ ଉନ୍ନତ ରୋଗୀ ସେବା ନିଶ୍ଚିତ କରିବା ଜରୁରୀ। ତେଣୁ ଉପରୋକ୍ତ ଅଭିଯୋଗଗୁଡ଼ିକ ଉପରେ ହସ୍ପିଟାଲ କର୍ତ୍ତୃପକ୍ଷ କେବେ ପଦକ୍ଷେପ ନେଉଛନ୍ତି ଏବଂ ଏନେଇ କି ସ୍ପଷ୍ଟୀକରଣ ଦେଉଛନ୍ତି, ତାହା ଉପରେ ଏବେ ନଜର ରହିଛି ।

# ଯତୀନ ସାରଙ୍କ ଦେହାନ୍ତରେ ଅସ୍ତରଙ୍ଗରେ ଶୋକ

ଅସ୍ତରଙ୍ଗ, ୧୦।୯ :(ମନ୍ଥନ) ଅସ୍ତରଙ୍ଗ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଯତୀନ ସାରଙ୍କ ଦେହାନ୍ତକୁ ନେଇ ଅସ୍ତରଙ୍ଗ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି। ଛାତ୍ର ଛାତ୍ରୀଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ଅନୁଷ୍ଠାନ ଶିକ୍ଷାନୁଷ୍ଠାନ ଗୁଡିକରେ ଶୋକର ବାତାବରଣ ଦେଖିବାକୁ ମିଳିଥିଲା। ପରିବାର ସୂଚନାନୁଯାୟୀ ଯତୀନ ସାର ସୋମବାର ଦିନ ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଭୁବନେଶ୍ୱରର ଏକ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ପରୀକ୍ଷା ନିରୀକ୍ଷା କରିବା ପରେ ଛାତି ଭିତରେ କ୍ଷତ ଥିବା ଡାକ୍ତର ମାନେ ଜାଣିବାକୁ ପାଇଥିଲେ। ମଙ୍ଗଳବାର ଅସ୍ତ୍ରପଚାର ହେବାର ଥିଲା। କିନ୍ତୁ ଅସ୍ତ୍ରପଚାରର କିଛି ଘଣ୍ଟା ପୂର୍ବରୁ ହଠାତ ହୃଦଘାତ ହେବାରୁ ତାଙ୍କର ସେହି ହସ୍ପିଟାଲରେ ମୃତ୍ୟୁ ହୋଇଯାଇଛି। ସ୍ୱର୍ଗତ ଯତୀନ ବିଶ୍ୱାଳ ୨୦୦୪ ମସିହାରେ ସେ ଅସ୍ତରଙ୍ଗ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ପଦବୀରେ ନିଯୁକ୍ତି ପାଇଥିଲେ। ନିରନ୍ତର ଭାବେ ଶିକ୍ଷାଦାନ କରି ଶିକ୍ଷକ ସମାଜରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଥିଲେ।ସେ ନିକଟରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିଲେ।ବିଦ୍ୟାଳୟ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ସେ ଏମିତି ଏକ ସ୍ୱତନ୍ତ୍ର ସ୍ଥାନ ତିଆରି କରିପାରିଥିଲେ ଯେ ତାଙ୍କ ମୃତ୍ୟୁ ଖବର ପାଇବା ମାତ୍ରେ ଛାତ୍ର ଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ମଧ୍ୟରେ ଏକ ପ୍ରକାର ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।ଛାତ୍ର ଛାତ୍ରୀ ମାନେ କାନ୍ଦି କାନ୍ଦି ସାରଙ୍କ ମରଶରୀର ଆସିବା ପର୍ଯ୍ୟନ୍ତ ସମସ୍ତେ ଅପେକ୍ଷା କରି ରହିଥିଲେ। ସନ୍ଧ୍ୟାରେ ମରଶରୀର ବିଦ୍ୟାଳୟ ପରିସରରେ ପହଞ୍ଚିବା ପରେ ସମସ୍ତେ ପୁଷ୍ପାଞ୍ଜଳି ଦେଇ ଶେଷ ବିଦାୟ ଦେଇଥିଲେ।

# ରାଣୀଗୋଡା ଉପ ଡାକଘର ତରଫରୁ ଆଧାର ସଂଶୋଧନ ଓ ନୂତନ ପଞ୍ଜିକରଣ ଶିବିର

ଅନୁଗୋଳ, ୧୦।୯ :(ମନ୍ଥନ) ସହର ଉପକଣ୍ଠ ରାଣୀଗୋଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ୩ ବର୍ଷରୁ ୧୫ ବର୍ଷ ଛାତ୍ରଛାତ୍ରୀ ମାନଙ୍କର ଆଧାର କାର୍ଡ ସଂଶୋଧନ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଶିବିରର କାର୍ଯ୍ୟକ୍ରମ ପୂର୍ବାହ୍ନ ୧୧ ଘଟିକା ସମୟରେ ଶୁଭାରମ୍ଭ ହୋଇଥିଲା । ଉକ୍ତ ଆଧାର ସଂଶୋଧନ ଶିବିର ସ୍ଥାନୀୟ ଶାଖା ଡାକଘରର ଶାଖା ଡାକପାଳ ଶୁଭଙ୍କର ସାହୁ ଓ ସହକାରୀ ଡାକପାଳ ଲକ୍ଷ୍ମୀପ୍ରିୟା ନାଏକ ଏବଂ ଆଧାର ସୁପରଭାଇଜର ରଶ୍ମିତା ମଲ୍ଲିକଙ୍କ ଦ୍ୱାରା ପରିଚାଳିତ ହୋଇଥିଲା । ଉକ୍ତ ଶିବିରରେ ମୋଟ ୧୪ ଛାତ୍ରଛାତ୍ରୀଙ୍କର ଆଧାର ସଂଶୋଧନ ହୋଇ ପାରିଥିଲା । ଆସନ୍ତା କାଲି ତା ୧୧.୦୯.୨୦୨୬ ରିଖ ଶୁକ୍ରବାର ଦିନ ସକାଳ ୧୧ ଘଟିକାରେ ଉକ୍ତ ଆଧାର କାର୍ଡ ସଂଶୋଧନ ଓ ପଞ୍ଜିକରଣ ଶିବିର ସ୍ଥାନୀୟ ବଗାଧର ପୀଠ ପରିସରରେ ଅନୁଷ୍ଠିତ ହେବ । ଉକ୍ତ ଶିବିରରେ ବାକି ରହି ଯାଇଥିବା ଛାତ୍ରଛାତ୍ରୀ ଏବଂ ଗ୍ରାମବାସୀ ଅଂଶଗ୍ରହଣ କରି ଆଧାର କାର୍ଡ ସଂଶୋଧନ ଓ ପଞ୍ଜିକରଣ କାର୍ଯ୍ୟର ସୁଯୋଗ ନେଇ ପାରିବେ ବୋଲି ଉପ ଡାକପାଳ ମତ୍ତ ପ୍ରକାଶ କରିଥିଲେ ।ଉକ୍ତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ନିରୋଦ କୁମାର ସେନାପତି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରମାକାନ୍ତ ଦାସ, ବରିଷ୍ଠ ନାଗରିକ ମଞ୍ଚର ସଂଗଠନ ସମ୍ପାଦକ ତ୍ରେତାନନ୍ଦ ସାମନ୍ତ, ସମାଜ ସେବୀ ନୀର ସାହୁ, ପଞ୍ଚସଖା ଶିକ୍ଷାସେତୁ ସଭାପତି ପୁର୍ଣ୍ଣଚନ୍ଦ୍ର ସିଂହ ସାମନ୍ତ ଓ ଶିକ୍ଷୟିତ୍ରୀ ନିରୁପମା ସାହୁ, ରଞ୍ଜିତାରାଣୀ ପଣ୍ଡାପାଣିଗ୍ରାହୀ, ବିନୋଦିନୀ ସାହୁ, ବବିତା ସାହୁ ଓ ସିମନ୍ତିନୀ ଜଗତ ଉପସ୍ଥିତ ଥିଲେ ।



# ଅନୁଗୋଳରେ ଜିଲ୍ଲା ଅଡିଟ୍ କାର୍ଯ୍ୟାଳୟ ଏବଂ ପଲିଟେକ୍ନିକ କ୍ୟାମ୍ପସରେ ନୂଆ ହଷ୍ଟେଲ ଉଦଘାଟିତ

ଅନୁଗୋଳ, ୧୦।୯ :(ମନ୍ଥନ)ସମ୍ବଲପୁର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଅନୁଗୋଳ ଅମଲାପଡ଼ା ଠାରେ 'ଜିଲ୍ଲା ଅଡିଟ୍ କାର୍ଯ୍ୟାଳୟ' ଏବଂ ଅନୁଗୋଳ ସରକାରୀ ପଲିଟେକ୍ନିକ୍ କ୍ୟାମ୍ପସରେ ୧୦୦ ଲେଖାଁଏ ଶଯ୍ୟା ବିଶିଷ୍ଟ ଛାତ୍ରାବାସ ଓ ଛାତ୍ରୀନିବାସର ଉଦ୍‌ଘାଟନ କରିଛନ୍ତି ।ଏହି ଅବସରରେ ଶ୍ରୀ ପ୍ରଧାନ ପ୍ରକାଶ କରିଛନ୍ତି ଯେ, ଅମଲାପଡ଼ାଠାରେ ଉଦ୍ ?ଘାଟିତ ହୋଇଥିବା ଏହି ନୂତନ ଅଡିଟ୍ କାର୍ଯ୍ୟାଳୟ ଜିଲ୍ଲାର ସରକାରୀ ଆର୍ଥିକ କାରବାରରେ ଅଧିକ ସ୍ୱଚ୍ଛତା ଆଣିବା ସହ ପ୍ରଶାସନିକ କାର୍ଯ୍ୟଦକ୍ଷତା ବୃଦ୍ଧି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ଆର୍ଥିକ ଶୃଙ୍ଖଳା ଓ ସ୍ୱଚ୍ଛ ଶାସନ ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ସେହିପରି ଅନୁଗୋଳ ସରକାରୀ ପଲିଟେକ୍ନିକ୍ କ୍ୟାମ୍ପସରେ ଉଦ୍‌ଘାଟିତ ହୋଇଥିବା ଛାତ୍ରାବାସ ଓ ଛାତ୍ରୀନିବାସ ଦ୍ୱାରା ବୈଷୟିକ ଶିକ୍ଷା ଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ, ବିଶେଷ କରି ସୁଦୂର ଗ୍ରାମାଞ୍ଚଳରୁ ଆସୁଥିବା ପୁଅ-ଝିଅମାନେ ବିଶେଷ ଭାବରେ ଉପକୃତ ହେବେ । ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମାଧ୍ୟମରେ ଅନୁଗୋଳର ଯୁବଶକ୍ତିଙ୍କୁ ସ୍ୱାବଲମ୍ବୀ, କୁଶଳୀ ଓ ଆତ୍ମନିର୍ଭର କରିବା ପାଇଁ ଆମ 'ଡବଲ ଇଞ୍ଜିନ ସରକାର' ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।



# ବଜ୍ରପାତରେ ଜଣେ ମୃତ

ମୋରଡ଼ା, ୧୦।୯ :(ମନ୍ଥନ)ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ଥାନା ଅଧୀନ ଜୁରୁକା ଗ୍ରାମରେ ଆଜି ଏକ ଅଭାବନୀୟ ଘଟଣା ଘଟିଛି। ବଜ୍ରପାତରେ ଜଣେ ବ୍ୟକ୍ତିଙ୍କ ଅକାଳ ମୃତ୍ୟୁ ଘଟିଛି। ମୃତକ ହେଲେ ଜୁରୁକା ଗ୍ରାମର ସନ୍ତୋଷ ସି ।ମିଳିଥିବା ସୂଚନା ଅନୁସାରେ, ଆଜି ଅପରାହ୍ନ ସମୟରେ ଆକାଶ ମେଘାଚ୍ଛନ୍ନ ହେବା ସହ ବର୍ଷା ହେଉଥିଲା। ସନ୍ତୋଷ ନିଜ ଘର ପାଖରେ ଥିବା ପଡିଆରେ ଚରୁଥିବା ଗାଈକୁ ଘରକୁ ଆଣିବା ପାଇଁ ଯାଇଥିଲେ। ପଡିଆରେ ପହଞ୍ଚିବା ମାତ୍ରେ ହଠାତ୍ ପ୍ରବଳ ଶବ୍ଦ ସହ ବଜ୍ରପାତ ହୋଇଥିଲା। ବଜ୍ରାଘାତ ଏତେ ଭୟଙ୍କର ଥିଲା ଯେ ଘଟଣାସ୍ଥଳରେ ହିଁ ସନ୍ତୋଷଙ୍କ ମୃତ୍ୟୁ ଘଟିଥିଲା। ଗାଈଟି ମଧ ଆହତ ହୋଇଥିବା ସୂଚନା ମିଳୁଛି ।ଏହି ଖବର ଗାଁରେ ପ୍ରଚାରିତ ହେବା ପରେ ସମଗ୍ର ଜୁରୁକା ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ସନ୍ତୋଷ ଜଣେ ସରଳ ଓ ପରିଶ୍ରମୀ ବ୍ୟକ୍ତି ଭାବେ ଗାଁରେ ପରିଚିତ ଥିଲେ। ତାଙ୍କ ଅକାଳ ବିୟୋଗରେ ପରିବାର ଲୋକେ ଭାଙ୍ଗି ପଡିଛନ୍ତି। ଘଟଣା ସମ୍ପର୍କରେ ଖବର ପାଇ ଶୁଳିଆପଦା ପୋଲିସ ଓ ରାଜସ୍ୱ ବିଭାଗ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯିବା ସହ ପରିବାରକୁ ସରକାରୀ ନିୟମ ଅନୁସାରେ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

# ଗଣେଶପୂଜା ଭଶାଣୀନେଇ ଭଦ୍ରେଶ୍ୱର ଥାନାରେ ପ୍ରସ୍ତୁତି ବୈଠକ

ମାହାଙ୍ଗା , ୧୦।୯ :(ମନ୍ଥନ) ଭଦ୍ରେଶ୍ୱର ଥାନା ପରିସରରେ ଗଣେଶପୂଜା ଭଷାଣୀକୁ ନେଇ ଏକ ପ୍ରସ୍ତୁତି ବୈଠକ ଥାନା ଅଧିକାରିଣୀ ସନ୍ଧ୍ୟାରାଣୀ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ୧୦ଟି ପଂଚାୟତର ୫୦ରୁ ଉର୍ଦ୍ଧ୍ୱ ଗଣେଶପୂଜା କମିଟିର ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ କର୍ମକର୍ତ୍ତାମାନେ ଉପସ୍ଥିତ ରହିଥିଲେ। ଚଳିତ ବର୍ଷ କିଭଳି ଭାବରେ ଶାନ୍ତି ଓ ଶୃଙ୍ଖଳାର ସହିତ ଭଦ୍ରେଶ୍ୱର ଥାନା ଅଂଚଳରେ ଗଣେଶପୂଜା ଅନୁଷ୍ଠିତ ହେବ ସେଥିପ୍ରତି କମିଟିର ସଦସ୍ୟମାନେ ଦୃଷ୍ଟିଦେବାକୁ ଥାନା ଅଧିକାରିଣୀ ପରାମର୍ଶ ଦେଇଥିଲେ। ଏପରିକି ଚଳିତ ବର୍ଷ ଭଷାଣୀ ସମୟରେ ଡିଜେ ବ୍ୟବହାରକୁ ସଂପୂର୍ଣ୍ଣ ଭାବରେ ବନ୍ଦ ରଖିବାକୁ ଥାନା ଅଧିକାରିଣୀ ସମସ୍ତ ଗଣେଶପୂଜା କମିଟିର କର୍ମକର୍ତ୍ତାମାନଙ୍କୁ ଜଣାଇଦେଇଥିଲେ। ଯେଉଁମାନେ ଏହି ନିୟମ ଉଲଘଂନ କରିବେ ସେମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ବୋଲି ଥାନା ଅଧିକାରିଣୀ ସୂଚନା ଦେଥିଲେ। ଏପରିକି ରାତି ୧୦ଟା ମଧ୍ୟରେ ଭଷାଣୀ କାର୍ଯ୍ୟ ଶେଷ କରିବାକୁ ସମସ୍ତ ପୂଜା କମିଟିର କର୍ମକର୍ତ୍ତାମାନଙ୍କୁ କୁହାଯାଇଥିଲା।



ପୂଜାକମିଟିର କର୍ମକର୍ତ୍ତାମାନେ ରାତି ୧୦ଟା ମଧ୍ୟରେ ଭଷାଣୀ କାର୍ଯ୍ୟ ଶେଷ କରିବା ପାଇଁ ଥାନାଅଧିକାରିଣୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏହି ପ୍ରସ୍ତୁତି ବୈଠକରେ ଏସ୍ଆଇ ନାରାୟଣ ବେସ୍ରା, ଏଏସ୍ଆଇ ଦୁଃଖୀଶ୍ୟାମ ସାହୁ, ଦିପକ କୁମାର ରାଉତ, ସୁନିଲ କୁମାର ଆଚାର୍ଯ୍ୟ, ସନ୍ତୋଷ କୁମାର ମିଶ୍ର, ଧନଞ୍ଜୟ ମହାପାତ୍ର, ନୃସିଂହ ଚରଣ ସେଠୀ, ଚନ୍ଦନ ବେହେରା, ଅରଜ୍ୟୋତି ମଲ୍ଲିକ, ମୋହନ ଚରଣ ନାୟକ, ସୁଧାଂଶୁ ଶେଖର ପ୍ରଧାନ, ବିଜୟ କୁମାର ସାମଲ, ଅନନ୍ତ କିଶୋର ଦାସ, ପଙ୍କଜ ସିଂହ, ମାନସ ରଂଜନ ସ୍ୱାଇଁ, ଦେବସ୍ମିତା ସାମଲ, ତପନ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। ଭଷାଣୀ ସମୟରେ କୌଣସି ପ୍ରକାର ଅଘଟଣ ଓ ବିଶୃଙ୍ଖଳା ଯେପରି ନହୁଏ ସେଥିପ୍ରତି କର୍ମକର୍ତ୍ତାମାନେ ଦୃଷ୍ଟି ଦେବାକୁ ଥାନାଅଧିକାରିଣୀ ପରାମର୍ଶ ଦେଇଥିଲେ।

# ୯୯ ତମ ବର୍ଷ କୁଚିଣ୍ଡା ଦଶହରା ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ସଭା

କୁଚିଣ୍ଡା, ୧୦।୯ :(ମନ୍ଥନ)ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଠାରେ ହୋଇଆସୁଥିବା ପ୍ରସିଦ୍ଧ କୁଚିଣ୍ଡା ଦୁର୍ଗାପୂଜା ୯୯ ତମ ବର୍ଷ ପାଳନ ପାଇଁ ଏକ ପ୍ରସ୍ତୁତି ସଭା ଅନୁଷ୍ଠିତ ହୋଇଥିଲା। ସଭାପତି ଏନଏସି ଚେୟାରମ୍ୟାନ ପ୍ରଦ୍ୟୁତ କୁମାର ମହାନ୍ତି ଙ୍କ ସଭାପତିତ୍ୱ ସାଧାରଣ ସମ୍ପାଦକ ଗଗନ ଶର୍ମା ଙ୍କ ପରିଚାଳନା ରେ ଆୟୋଜିତ ସଭା ରେ ଗତ ୨୦୨୫ ପୂଜା ଆୟ ବେୟ ସହିତ ବିଭିନ୍ନ ବିଷୟ ଆଲୋଚନା. ଅକ୍ଟୋବର ୨୧ ତାରିଖ କୁଚିଣ୍ଡା ଦଶହରା ପାଳନ ହେବ. ଅନ୍ୟ ବର୍ଷ ତୁଳନା ରେ ଚଳିତ ବର୍ଷ ଆକର୍ଷଣୀୟ ଭାବରେ ଦଶହରା ପର୍ବ ପାଳନ ହେବ. କମିଟି ପକ୍ଷରୁ ଷଷ୍ଠୀ ଠାରୁ ଦଶହରା ପର ଦିନ ପର୍ଯ୍ୟନ୍ତ ସଂସ୍କୃତିକ କାର୍ଯ୍ୟକ୍ରମ, ଫୁଟବଲ ପ୍ରତିଯୋଗିତା, ରାବଣ ପୋଡି, ବିସର୍ଜନ କୁ ଅଧିକ ଆକର୍ଷଣୀୟ କରିବାକୁ ନିଷ୍ପତି ହୋଇଥିଲା. ଏହି ସଭାରେସରୋଜ ରାଓ,ଗଣେଷ ଅଗ୍ରୱାଲ, ଗଣେଷ ରାମ ଅଗ୍ରୱାଲ, ସଂଜିତ ଶର୍ମା, ଆନନ୍ଦ ଅଗ୍ରୱାଲ, ଅରୁଣ ପଟ୍ଟନାୟକ, ଫକିର ବରିହା, ବନମାଳୀ ଶତପଥୀ, ସତୁଲ୍ୟ ମହାନ୍ତି, ଯୁଧିଷ୍ଠିର ଦାନୀ, ଶୈଳେଶ ଶର୍ମା, ଗଗନ ପଣ୍ଡା, ପ୍ରଫୁଲ ବେହେରା, ଜିତୁ ପଟ୍ଟନାୟକ, ଗୋବିନ୍ଦ ସାହୁ, ରାକେଶ ରାୟ, ରାଜିନ ସୋନି, ପ୍ରତାପ ଶର୍ମା, ବସନ୍ତ ନାୟକ, ସଞ୍ଜୟ ମହାନନ୍ଦ, ନବୀନ ସାହୁ, ଗୁଡ୍ଡୁ ଅଗ୍ରୱାଲ, ଜଗନ୍ନାଥ ବେହେରା, ବିନୟ ଅଗ୍ରୱାଲ, ଟିନୁ ମହାନ୍ତି, ଗଜେନ୍ଦ୍ର ଭୋଇ, ବୁଲା ନେହେରା ଶହ ବହୁ କର୍ମକର୍ତା ବରିଷ୍ଠ ନାଗରିକ, ସଦସ୍ୟ ମାନେ ଉପସ୍ଥିତ ରହିଥିଲେ।



ଶୁକ୍ରବାର ୧୧ ସେପ୍ଟେମ୍ବର, ୨୦୨୬, ଭୁବନେଶ୍ୱର
Friday September 11 2026 Bhubaneswar



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

### ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା

ପ୍ରଧାନମନ୍ତ୍ରୀ ଜଣେ ବ୍ୟକ୍ତି ନୁହନ୍ତି, ସେ ଭାରତୀୟ ଜନତାଙ୍କ ଗଣତାନ୍ତ୍ରିକ ଜନାଦେଶର ସର୍ବୋଚ୍ଚ ନିର୍ବାଚିତ ପ୍ରତିନିଧିମାନଙ୍କ ମଧ୍ୟରୁ ଜଣେ; ତେଣୁ ତାଙ୍କ ସୁରକ୍ଷା କେବଳ ତାଙ୍କ ନିଜସ୍ୱ ସୁରକ୍ଷା ନୁହେଁ, ଏହା ରାଷ୍ଟ୍ରର ସାମ୍ବିଧାନିକ ମର୍ଯ୍ୟାଦା, ଗଣତାନ୍ତ୍ରିକ ସ୍ଥିରତା ଓ କୋଟି କୋଟି ଭାରତୀୟଙ୍କ ବିଶ୍ୱାସର ସୁରକ୍ଷା। ମୁମ୍ବାଇରେ ପ୍ରଧାନମନ୍ତ୍ରୀଙ୍କ ଏକ କାର୍ଯ୍ୟକ୍ରମ ପୂର୍ବରୁ ନକଲି ପରିଚୟପତ୍ର ବ୍ୟବହାର କରି ପ୍ରବେଶର ଚେଷ୍ଟା ଏବଂ ଜଣେ ବ୍ୟକ୍ତିଙ୍କ ପାଖରୁ ବନ୍ଧୁକ ମିଳିବା ଘଟଣା ନିଶ୍ଚିତ ଭାବେ ଗଭୀର ଚିନ୍ତାର ବିଷୟ। ଏହି ଘଟଣାର ପ୍ରଧାନମନ୍ତ୍ରୀଙ୍କ ସହ ସିଧାସଳଖ ସମ୍ପର୍କ ଥିବା ପ୍ରମାଣ ମିଳିଛି ବୋଲି ତଦନ୍ତ ସମାପ୍ତ ପୂର୍ବରୁ କହିବା ଅନୁଚିତ; କିନ୍ତୁ ଘଟଣାଟି ଯେଉଁ ପ୍ରଶ୍ନ ଉଠାଇଛି, ତାହାକୁ ମଧ୍ୟ ଅଣଦେଖା କରିହେବ ନାହିଁ। ପ୍ରଶ୍ନ ହେଉଛି—ନକଲି ପରିଚୟ ନେଇ କେହି ସୁରକ୍ଷିତ କାର୍ଯ୍ୟକ୍ରମସ୍ଥଳ ନିକଟକୁ ପହଞ୍ଚିବାର ସାହସ କଲା କିପରି ? ତାହାର ପରିଚୟ କେଉଁ ସ୍ତରରେ ଯାଞ୍ଚ ହେଲା ? ଯାଞ୍ଚ ପ୍ରକ୍ରିୟାରେ କୌଣସି ଫାକ ରହିଗଲା କି ? ଅସ୍ତ୍ର ନେଇଥିବା ବ୍ୟକ୍ତିଙ୍କ ଉଦ୍ଦେଶ୍ୟ କ'ଣ ଥିଲା ? ଏବଂ ସବୁଠାରୁ ବଡ଼ ପ୍ରଶ୍ନ—ଆଜି ଯଦି ସନ୍ଦେହଜନକ ଗତିବିଧି ଚିହ୍ନଟ ହୋଇ ଘଟଣା ରୋକାଯାଇଛି, ତେବେ ଆସନ୍ତାକାଲି ଏପରି ସମ୍ଭାବନାକୁ ମୂଳରୁ କିପରି ରୋକାଯିବ ? ଏହି ପ୍ରଶ୍ନଗୁଡ଼ିକର ଉତ୍ତର ଦୋଷାରୋପରେ ନୁହେଁ, ନିଷ୍ପକ୍ଷ ଓ ଗଭୀର ତଦନ୍ତରେ ମିଳିବା ଦରକାର। କାରଣ ସୁରକ୍ଷା ବ୍ୟବସ୍ଥାରେ ସଫଳତାର ଅର୍ଥ କେବଳ ବିପଦ ଦେଖାଦେବା ପରେ ତାହାକୁ ରୋକିଦେବା ନୁହେଁ; ପ୍ରକୃତ ସଫଳତା ହେଉଛି ବିପଦକୁ ଜନ୍ମ ନେବା ପୂର୍ବରୁ ଚିହ୍ନଟ କରିବା। ସୁରକ୍ଷାରେ ଶତାଧିକ ଠିକ୍ ପଦକ୍ଷେପ ଥିଲେ ମଧ୍ୟ ଗୋଟିଏ ଗୁରୁତର ଭୁଲ ସମଗ୍ର ବ୍ୟବସ୍ଥାକୁ ପ୍ରଶ୍ନର ସମ୍ମୁଖୀନ କରିପାରେ। ଏହିକାରଣରୁ ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷାରେ 'ଚାଲିବ' ମନୋଭାବର କୌଣସି ସ୍ଥାନ ନାହିଁ। ପରିଚୟପତ୍ର ଯାଞ୍ଚଠାରୁ ପ୍ରବେଶ ଅନୁମତି, ଅସ୍ତ୍ର ଚିହ୍ନଟଠାରୁ ସନ୍ଦେହଜନକ ଗତିବିଧି ନିରୀକ୍ଷଣ, ସ୍ଥାନୀୟ ପୁଲିସଠାରୁ କେନ୍ଦ୍ରୀୟ ସୁରକ୍ଷା ବ୍ୟବସ୍ଥା ପର୍ଯ୍ୟନ୍ତ ପ୍ରତ୍ୟେକ କଡ଼ି ମଜବୁତ ହେବା ଆବଶ୍ୟକ। ଗୋଟିଏ କଡ଼ି ଦୁର୍ବଳ ହେଲେ ସମଗ୍ର ଶୃଙ୍ଖଳା ବିପଦରେ ପଡ଼ିପାରେ। ଆଜିର ଘଟଣା ଆମକୁ ଏହି ମୌଳିକ ସତ୍ୟଟି ମନେ ପକାଇଦେଉଛି। ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷାକୁ ଦଳୀୟ ରାଜନୀତିର ଚଷମାରେ ଦେଖିବା ଆହୁରି ବିପଜ୍ଜନକ। ଆଜି ଯେଉଁ ବ୍ୟକ୍ତି ପ୍ରଧାନମନ୍ତ୍ରୀ ପଦରେ ଅଛନ୍ତି, ସେ ଆସନ୍ତାକାଲି ନଥାଇପାରନ୍ତି; ସରକାର ବଦଳିବ, ଦଳ ବଦଳିବ, ନେତୃତ୍ୱ ବଦଳିବ, କିନ୍ତୁ ପ୍ରଧାନମନ୍ତ୍ରୀ ପଦର ସାମ୍ବିଧାନିକ ମର୍ଯ୍ୟାଦା ଅବିଚଳ ରହିବ। ତେଣୁ ଯେଉଁ ଦଳର ସରକାର ହେଉ, ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ପ୍ରସଙ୍ଗରେ ଦେଶର ପ୍ରତ୍ୟେକ ନାଗରିକଙ୍କ ଆଭିମୁଖ୍ୟ ଏକ ହେବା ଦରକାର—ରାଷ୍ଟ୍ର ପ୍ରଥମ। ରାଜନୈତିକ ମତଭେଦ ଗଣତନ୍ତ୍ରର ଅଧିକାର, କିନ୍ତୁ ଜାତୀୟ ସୁରକ୍ଷା ଉପରେ ରାଜନୈତିକ ଲାଭକ୍ଷତିର ହିସାବ ଚାଲିବା ଉଚିତ ନୁହେଁ। ପ୍ରଧାନମନ୍ତ୍ରୀଙ୍କୁ ସମାଲୋଚନା କରିବା ଗଣତନ୍ତ୍ରର ଅଧିକାର, କିନ୍ତୁ ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷାକୁ ଦୁର୍ବଳ କରିବା କିମ୍ବା ତାହାକୁ ହାସ୍ୟାସ୍ପଦ କରିବା ଗଣତନ୍ତ୍ରର ସ୍ୱାସ୍ଥ୍ୟ ପାଇଁ ଶୁଭ ନୁହେଁ। ସୁରକ୍ଷା ନେଇ ଆଉ ଏକ ବଡ଼ ଦାୟିତ୍ୱ ଗଣମାଧ୍ୟମ ଓ ସାଧାରଣ ଲୋକଙ୍କ ଉପରେ ମଧ୍ୟ ରହିଛି। ଘଟଣାକୁ ନେଇ ତଥ୍ୟହୀନ ଭୟ, ଅପପ୍ରଚାର କିମ୍ବା ଅତିରଞ୍ଜିତ ଦାବି କରିବା ଉଚିତ ନୁହେଁ। ଏକ ଗୁରୁତର ସୁରକ୍ଷା ଘଟଣାକୁ ଖବର କରିବା ଆବଶ୍ୟକ, କିନ୍ତୁ ତାହାର ନାମରେ ସୁରକ୍ଷା ବ୍ୟବସ୍ଥାର ଗୁପ୍ତ ପଦ୍ଧତି, ସୁରକ୍ଷାକର୍ମୀଙ୍କ ନିର୍ଦ୍ଦିଷ୍ଟ ବିନ୍ୟାସ କିମ୍ବା ସମ୍ଭାବ୍ୟ ଦୁର୍ବଳତାକୁ ସାର୍ବଜନୀନ କରିଦେବା ମଧ୍ୟ ବିପଦଜନକ। ସତ୍ୟ ଖବର ସହିତ ଦାୟିତ୍ୱଶୀଳ ସାମ୍ବାଦିକତା ହେଉଛି ଆଜିର ଆବଶ୍ୟକତା। ସରକାରଙ୍କ ପାଇଁ ମଧ୍ୟ ଏହି ଘଟଣା ଏକ ସୁଯୋଗ—ନିଜ ବ୍ୟବସ୍ଥାକୁ ନିଜେ ପରୀକ୍ଷା କରିବାର ସୁଯୋଗ। କେଉଁଠି ଭୁଲ ହେଲା, କାହାର ଅବହେଳା ଥିଲା, କେଉଁ ନିୟମକୁ ଆହୁରି କଠୋର କରିବା ଆବଶ୍ୟକ, ଏବଂ ଭବିଷ୍ୟତରେ ନକଲି ପରିଚୟ ଓ ଅନଧିକୃତ ଅସ୍ତ୍ର ପ୍ରବେଶକୁ କିପରି ଶୂନ୍ୟ ସହନଶୀଳତାରେ ରୋକାଯିବ—ଏସବୁର ସମୀକ୍ଷା ହେବା ଦରକାର। ଘଟଣା ପରେ ଦୋଷୀ ଖୋଜିବା ଠାରୁ ଘଟଣା ପୁନରାବୃତ୍ତି ନହେବାର ବ୍ୟବସ୍ଥା କରିବା ଅଧିକ ଜରୁରୀ। କାରଣ ଜଣେ ସୁରକ୍ଷାକର୍ମୀଙ୍କ ଏକ ମୁହୂର୍ତ୍ତର ଅସାବଧାନତା ଏବଂ ଜଣେ ଅନୁପ୍ରବେଶକାରୀଙ୍କ ଏକ ମୁହୂର୍ତ୍ତର ସୁଯୋଗ ମଧ୍ୟରେ ରାଷ୍ଟ୍ରର ଅସୀମ କ୍ଷୁଣ୍ଣ ଲୁଚିଥାଇପାରେ। ତେଣୁ ସୁରକ୍ଷା ବ୍ୟବସ୍ଥାରେ ମାନବୀୟ ସତର୍କତା ସହିତ ଆଧୁନିକ ପ୍ରଯୁକ୍ତି, ତ୍ୱରିତ ସୂଚନା ବିନିମୟ, ପରିଚୟର ବହୁସ୍ତରୀୟ ସତ୍ୟାପନ ଓ ନିୟମିତ ଅଭ୍ୟାସକୁ ଆହୁରି ଦୃଢ଼ କରିବା ଦରକାର। ଏହା କେବଳ ପ୍ରଧାନମନ୍ତ୍ରୀଙ୍କ ପାଇଁ ନୁହେଁ; ରାଷ୍ଟ୍ରର ସମସ୍ତ ସାମ୍ବିଧାନିକ ପଦାଧିକାରୀ ଓ ଜନସାଧାରଣଙ୍କ ସୁରକ୍ଷା ପାଇଁ ମଧ୍ୟ ଆବଶ୍ୟକ। ଏହି ଘଟଣା ଆମକୁ ଆଉ ଗୋଟିଏ କଥା ଶିଖାଏ—ରାଷ୍ଟ୍ରୀୟ ସୁରକ୍ଷା କେବଳ ବନ୍ଧୁକ ଧରିଥିବା ସୁରକ୍ଷାକର୍ମୀଙ୍କ ଦାୟିତ୍ୱ ନୁହେଁ; ଏହା ସଚେତନ ନାଗରିକ ସମାଜର ମଧ୍ୟ ଦାୟିତ୍ୱ। ସନ୍ଦେହଜନକ ଗତିବିଧି ଦେଖିଲେ ଚୁପ୍ ରହିବା ନୁହେଁ, ଆଇନସମ୍ମତ ଭାବେ ସୂଚନା ଦେବା ଦରକାର। ଭୁଲ ଖବର ପ୍ରସାର କରିବା ନୁହେଁ, ସତ୍ୟ ଯାଞ୍ଚ କରିବା ଦରକାର। ସୁରକ୍ଷା ବ୍ୟବସ୍ଥାକୁ ଉପହାସ କରିବା ନୁହେଁ, ତାହାକୁ ଆହୁରି ଦୃଢ଼ କରିବା ପାଇଁ ଦାବି କରିବା ଦରକାର। ମନେ ରଖିବାକୁ ହେବ—ରାଷ୍ଟ୍ରର ସୁରକ୍ଷାରେ ଛୋଟ ବଡ଼ ବୋଲି କିଛି ନାହିଁ। ଗୋଟିଏ ନକଲି ପରିଚୟପତ୍ର ମଧ୍ୟ ଚେତାବନୀ, ଗୋଟିଏ ଅନଧିକୃତ ଅସ୍ତ୍ର ମଧ୍ୟ ଚେତାବନୀ, ଗୋଟିଏ ଅସାବଧାନତା ମଧ୍ୟ ଚେତାବନୀ। ଆଜି ଯେଉଁ ବିପଦ ରୋକାଯାଇଛି, ତାହାକୁ ସଫଳତାର ଶେଷ ବିନ୍ଦୁ ଭାବେ ନୁହେଁ, ଆଗାମୀ ସୁରକ୍ଷା ପାଇଁ ପ୍ରଥମ ସତର୍କଘଣ୍ଟି ଭାବେ ଦେଖିବା ଦରକାର। ଦେଶର ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷାରେ ଏକ ଫାଟ ମଧ୍ୟ ରାଷ୍ଟ୍ର ପାଇଁ ଗୁରୁତର ସନ୍ଦେଶ। କାରଣ ପ୍ରଧାନମନ୍ତ୍ରୀଙ୍କୁ ସୁରକ୍ଷିତ ରଖିବା ମାନେ କେବଳ ଜଣେ ନେତାଙ୍କୁ ସୁରକ୍ଷିତ ରଖିବା ନୁହେଁ; ଏହା ଭାରତୀୟ ଜନାଦେଶକୁ ସମ୍ମାନ କରିବା, ଗଣତନ୍ତ୍ରର ମର୍ଯ୍ୟାଦାକୁ ସୁରକ୍ଷିତ ରଖିବା ଏବଂ ରାଷ୍ଟ୍ରର ଆତ୍ମବିଶ୍ୱାସକୁ ଅଟୁଟ ରଖିବା। ତେଣୁ ଏହି ଘଟଣାରୁ ଆମର ଏକମାତ୍ର ସଂକଳ୍ପ ହେଉ—ଦୋଷ ଲୁଚିବ ନାହିଁ, ନିର୍ଦ୍ଦୋଷଙ୍କୁ ଦୋଷୀ କରାଯିବ ନାହିଁ, ତଦନ୍ତରେ ରାଜନୈତିକ ଚାପ ରହିବ ନାହିଁ ଏବଂ ସୁରକ୍ଷା ବ୍ୟବସ୍ଥାରେ ଯେଉଁଠି ଦୁର୍ବଳତା ରହିଛି, ସେଠାରେ ତାହାକୁ ତୁରନ୍ତ ସୁଧାରାଯିବ। ନେତା ଆସିବେ, ନେତା ଯିବେ; ସରକାର ଆସିବ, ସରକାର ଯିବ; କିନ୍ତୁ ଭାରତ ରହିବ। ଏବଂ ଭାରତର ସୁରକ୍ଷା ଓ ଗଣତନ୍ତ୍ରର ମର୍ଯ୍ୟାଦା ରହିବା ଦରକାର—ସବୁଠାରୁ ଉପରେ, ସବୁବେଳେ।

# ଜୀବନ ଯେବେ ଲାଗେ ପିତା

## 'ଆତ୍ମହତ୍ୟା ଉପରେ ବର୍ଣ୍ଣନା ପରିବର୍ତ୍ତନ କରିବା'

**ପ୍ରଫେସର ଡାକ୍ତର ସମ୍ରାଟ କର**

ଆମ ଦେଶରେ ପ୍ରତିଦିନ ଅସଂଖ୍ୟ ବ୍ୟକ୍ତି କୌଣସି କାରଣରୁ ଆତ୍ମହତ୍ୟା କରିଥାନ୍ତି। ଆତ୍ମହତ୍ୟା ଏକ ଅପରାଧ। ଏଭଳି ଏକ ଘୃଣ୍ୟ ମାନସିକତାକୁ ମନରୁ ଦୂରେଇବା ଓ ଲୋକଙ୍କ ମଧ୍ୟରେ ସଚେତନତା ଜାଗ୍ରତ କରିବା ଉଦ୍ଦେଶ୍ୟରେ ପ୍ରତି ବର୍ଷ ସେପ୍ଟେମ୍ବର ୧୦ ତାରିଖକୁ ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ ଭାବେ ପାଳନ କରାଯାଏ। ବିଭିନ୍ନ ପ୍ରକାର କାର୍ଯ୍ୟକଳାପ ଦ୍ୱାରା ଆତ୍ମହତ୍ୟା ଭଳି ଏକ ଅପରାଧଠୁ ଦୂରରେ ରହିବାକୁ ଶପଥ ନେବା ପାଇଁ ଏହି ଦିନ ବିଶ୍ୱବାସୀଙ୍କୁ ପ୍ରୋତ୍ସାହିତ କରାଯାଏ। ନିକଟରେ ରିଲିଜ୍ ହୋଇଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଅନୁସାରେ, ପ୍ରତିବର୍ଷ ୮ଲକ୍ଷରୁ ଅଧିକ ଲୋକ ଆତ୍ମହତ୍ୟାରେ ପ୍ରାଣ ହରାଉଛନ୍ତି। ରିପୋର୍ଟ ଆହୁରି କହିଛି, କାଗଜପତ୍ରରେ ଏହି ଆକଳନ ଥିବାବେଳେ ପ୍ରକୃତରେ ଏହି ସଂଖ୍ୟା ଆହୁରି ଅଧିକ।

ପ୍ରତି ବର୍ଷ ପରି ଚଳିତ ବର୍ଷର ବାର୍ତ୍ତା ରହିଛି 'ଆତ୍ମହତ୍ୟା ଉପରେ ବର୍ଣ୍ଣନା ପରିବର୍ତ୍ତନ କରିବା' ('ଉଷବଭଶସଭଶ ଷ୍ଠଷର ଘବକ୍ସକ୍ସବ-ଷ୍ଠସଙ୍ଗର କ୍ଟଭ ଝଙ୍କସମସୟର')। ପରିସଂଖ୍ୟାନର ତଥ୍ୟ ଅନୁଯାୟୀ ଓଡ଼ିଶାରେ ପ୍ରତି ଦିନ ୧୫ରୁ ଅଧିକ ଲୋକ ଆତ୍ମହତ୍ୟା କରୁଛନ୍ତି। ୨୦୨୧ ପାଇଁ ଜାତୀୟ ଅପରାଧ ରେକର୍ଡ଼ ବ୍ୟୁରୋ ପକ୍ଷରୁ ପ୍ରକାଶିତ ରିପୋର୍ଟରୁ ଏଭଳି ଉଦ୍‌ବେଗଜନକ ତଥ୍ୟ ମିଳିଛି। ରାଜ୍ୟରେ ୫୬୫୧ ଜଣ ଆତ୍ମହତ୍ୟା କରିଛନ୍ତି। ସେମାନଙ୍କ ମଧ୍ୟରେ ପୁରୁଷଙ୍କ ସଂଖ୍ୟା ୪୪୧୨ ଥିବାବେଳେ ୧୨୩୯ ମହିଳା ଆତ୍ମହତ୍ୟା ପ୍ରମୁଖ କାରଣ ରହିଛି। ଏହି ସମସ୍ୟା ଯୋଗୁଁ ସର୍ବାଧିକ ୪୦୩୩ ଜଣ ଆତ୍ମହତ୍ୟା କରିଛନ୍ତି। ରିପୋର୍ଟ ଅନୁସାରେ ୧୩୪ ବିବାହ ଜନିତ ଓ ୧୩୨ ଜଣ ପ୍ରେମ ବ୍ୟାପରକୁ ନେଇ ଆତ୍ମହତ୍ୟା କରିଥିଲେ। ତେବେ ଚିନ୍ତାଜନକ ବିଷୟ ହେଲା ଯେ ଆତ୍ମହତ୍ୟାକାରୀଙ୍କ ମଧ୍ୟରେ ଅଛନ୍ତି ୮୩୪ ଛାତ୍ରଛାତ୍ରୀ। ଏଥିରେ ଛାତ୍ରଙ୍କ ସଂଖ୍ୟା ୬୯୭ ଓ ଛାତ୍ରୀଙ୍କ ସଂଖ୍ୟା ଥିଲା ୧୩୭। କରୋନା ଲକ ଡାଉନ ପରେ ମାନସିକ ଅବସାଦ ଗ୍ରସ୍ତ ହୋଇ ଲୋକମାନେ ଏଭଳି ଚରମ ପଦକ୍ଷେପ ଗ୍ରହଣ କରୁଥିବା କୁହାଯାଉଛି। ୨୦୨୦ ତୁଳନାରେ ଓଡ଼ିଶାରେ ଆତ୍ମହତ୍ୟା ହାର ୧.୯ ପ୍ରତିଶତ ବୃଦ୍ଧି ପାଇଛି।

ସମାଜ ଠାରୁ ସେମାନେ ଦୂରରେ ଥିଲେ ନାଁ ସମାଜ ସେମାନଙ୍କୁ ଦୂରେଇ ଦେଇଥିଲା। ସେ ପ୍ରଶ୍ନ ଏବେ ବି ଅସମାହିତ। ନିଜ ଭିତରେ ହିଁ ସେମାନେ ନିଜକୁ ସୀମିତ ରଖୁଥିଲେ। ନିବୁଜ ଘରର ଚାରି କାନ୍ଥ ବାହାରେ ଯେ ଏକ ଦୁନିଆ ଅଛି ବୋଧହୁଏ ସେମାନେ ପାଶୋରି ଦେଇଥିଲେ। ବନ୍ଦ କୋଠରୀ ଭିତରେ ସେମାନଙ୍କ ଦୁନିଆ କିପରି ସେ କଥା ଜାଣିବାକୁ କେହି ଥରେ ବି ପ୍ରୟାସ କରିନଥିଲେ। ଦୁଃଶ୍ଚିନ୍ତା, ଉଦ୍‌ବେଗ, ଅବସାଦ ନାଁ ସମାଜ ପ୍ରତି ବିମୁଖ ମନୋଭାବ ? ପ୍ରକୃତରେ ସେମାନଙ୍କ ସହିତ କ'ଣ ଘଟେ ? ଏକାଠି ଜୀଇଁବା, ଏକାଠି ମରିବାର ଦ୍ୱାହି ଦେଇ ଜଣେ ନିଜ ଜୀବନକୁ ଶେଷ କରିଦିଏ। ସମାଜବିତ୍ ମାନଙ୍କ ଅନୁସାରେ ସମାଜର ଉପେକ୍ଷା, ଲଜ୍ଜା, ଆତ୍ମଗ୍ଲାନି କିମ୍ବା କୌଣସି ଏକ ନିର୍ଦ୍ଦିଷ୍ଟ ଧାର୍ମିକ ବିଶ୍ୱାସୀ ହିଁ ଆତ୍ମହତ୍ୟା ପାଇଁ ବାଟ କଢ଼େଇ ନେଇଥାଏ।

ଆତ୍ମହତ୍ୟା କରିବାର ନିଷ୍ପତ୍ତି ନେବା ପୂର୍ବରୁ ସେମାନେ ବାହାର ଦୁନିଆ ସହିତ ସଂପର୍କ ପ୍ରାୟ ଛିନ୍ନ କରି ଦେଇଥାନ୍ତି। ସେମାନଙ୍କ ଗତିବିଧି ବୁଝିବା ମଧ୍ୟ ସହଜ ହୋଇନଥାଏ। ଉଦାହରଣସ୍ୱରୂପ ଯେଉଁ ପରିବାରର ଲୋକମାନେ ସମୁହ ଆତ୍ମହତ୍ୟା କରନ୍ତି ସେମାନେ ପାଖ ପଡ଼ୋଶୀଙ୍କ ସହିତ ମିଶନ୍ତି ନାହିଁ ସତ। କିନ୍ତୁ ଦୋକାନକୁ ଯାଆନ୍ତି। ନିତ୍ୟ ବ୍ୟବହାର୍ଯ୍ୟ ଜିନିଷପତ୍ର କିଣନ୍ତି। କିମ୍ବା ଅନ୍ୟାନ୍ୟ ଦରକାରୀ କାମ ପାଇଁ ଅଚିହ୍ନା ଲୋକଙ୍କ ସହିତ ମଧ୍ୟ କଥାବାର୍ତ୍ତା କରନ୍ତି। ସେତେବେଳେ ସେମାନଙ୍କୁ ଅସ୍ୱାଭାବିକ୍ ମନେ ହୋଇନଥାଏ। ଏ କ୍ଷେତ୍ରରେ ସମାଜର ମଧ୍ୟ ଦାୟିତ୍ୱ ରହିଛି। ଆଜିକାଲି ଲୋକମାନେ ନିଜ ନିଜ ଘର ସଂସାରକୁ ନେଇ ଏତେ ବ୍ୟସ୍ତ ଯେ କେଉଁଠି କ'ଣ ଘଟୁଛି ସେ ବିଷୟରେ ଖିଆଲ ରଖିବାକୁ ସେମାନେ ଉଚିତ ଭାବୁନାହାନ୍ତି। ସମାଜ ଚେଷ୍ଟା କଲେ ମଧ୍ୟ ସମୁହ ଆତ୍ମହତ୍ୟା ଭଳି ଘଟଣାକୁ କେତେକାଂଶରେ ଏଡ଼ାଯାଇ ପାରିବ। ସେ କ୍ଷେତ୍ରରେ ଆମକୁ ଲୋକଙ୍କ ପ୍ରତି ଥିବା ଦୃଷ୍ଟିଭଙ୍ଗୀ ବଦଳାଇବାକୁ ପଡ଼ିବ।

ଆତ୍ମହତ୍ୟାର ଇଚ୍ଛା କରୁଥିବା ବ୍ୟକ୍ତି ମାନସିକ ରୋଗ ବିଶେଷଜ୍ଞଙ୍କ ପାଖକୁ ଆସିଲେ, ପ୍ରଥମେ ତାର ଭାବନା ତଥା ବ୍ୟବହାରର ଆକଳନ କରାଯାଏ । ପୂର୍ବରୁ ସେ କେବେ ଆତ୍ମହତ୍ୟା କରିବାକୁ ଚେଷ୍ଟା କରିଛି କିମ୍ବା ପରିବାରର କିଏ କରିଛନ୍ତି ଆଦି ଜାଣିବା ଦରକାର । ଲୋକଟିର ମାନସିକ ଚାପ ବିଷୟରେ ଜାଣିଲେ ଚିକିତ୍ସା ସହଜ ହୋଇଥାଏ । ଯେଉଁମାନଙ୍କର ପରିବାର ଓ ବନ୍ଧୁମାନଙ୍କ ସହିତ ନିବିଡ଼ ସଂପର୍କ ଥାଏ ତଥା ମାନସିକ ଚାପ ଦୂରକରିବାର ଇଚ୍ଛାଶକ୍ତି ଥାଏ, ସେମାନେ ଚିକିତ୍ସାରେ ଖୁବ୍‌ଶୀଘ୍ର ଲାଭବାନ ହୁଅନ୍ତି । ବିଷାଦଗ୍ରସ୍ତ ଥିବା, ପୂର୍ବରୁ ଆତ୍ମହତ୍ୟାର ଉଦ୍ୟମ କରିଥିବା ଓ ନିଶାସେବନ କରୁଥିବା ବ୍ୟକ୍ତିମାନଙ୍କର ଅଧିକ ଦିନ ଚିକିତ୍ସା ଆବଶ୍ୟକ ।

ଲୋକଟି ସହ କଥାବାର୍ତ୍ତା କରି ତା'ର ସମସ୍ୟା ବିଷୟରେ ପଚରାଉଚୁରା କରିବା ଉଚିତ । ତା'ର ଅକୃତକାର୍ଯ୍ୟ, ନୈରାଶ୍ୟ ଏବଂ ସେ କ'ଣ ପାଇଁ ଚିନ୍ତିତ ରହିଛି ଇତ୍ୟାଦି ବିଷୟ ବୁଝିବା ଆବଶ୍ୟକ । ତାକୁ ତା'ର କାର୍ଯ୍ୟଦକ୍ଷତା ଓ ସୀମା ବିଷୟରେ ବୁଝାଇବା ଦରକାର । ସେ ମଧ୍ୟ କିପରି ନିଜକୁ ପରିସ୍ଥିତି ସହ ଖାପ ଖୁଆଇ ଜୀବନରେ ବାସ୍ତବତା ପ୍ରତି ସଜାଗ ରହିବ ତାହା ମଧ୍ୟ ତାକୁ ବୁଝାଇବା ଉଚିତ । ସେ ଆବଶ୍ୟକ କରୁଥିବା ସାହାଯ୍ୟ, ସହାନୁଭୂତି, ଉପଦେଶ ଓ ଉତ୍ସାହ ତାକୁ ଦେବା ଦରକାର । ଫଳରେ ସେ ତା' ଉପରେ ଥିବା ସମସ୍ତ ପ୍ରକାର ସମସ୍ୟାଗୁଡ଼ିକୁ ଦୂର କରିପାରିବ । ଲୋକଟିର ଚିକିତ୍ସା ପାଇଁ ପରିବାରର ସଦସ୍ୟମାନଙ୍କର ବହୁ ଗୁରୁଦାୟିତ୍ୱ ରହିଛି । ସେମାନେ ତା'ର ସମସ୍ୟା ବୁଝିବା ସଙ୍ଗେ ସଙ୍ଗେ ଏହାର ସମାଧାନ କରିବା ପାଇଁ ଡାକ୍ତରଙ୍କ ସହଯୋଗ ଓ ସାହାଯ୍ୟ କରିବା ସହ ଲୋକକୁ ମଧ୍ୟ ସାହାଯ୍ୟ କରିବେ ଓ ସେ କିପରି ପୁନର୍ବାର ଆତ୍ମହତ୍ୟାର ଇଚ୍ଛାରୁ ଦୂରେଇ ରହିବ ସେଥିପ୍ରତି ଯତ୍ନଶୀଳ ହେବା ଆବଶ୍ୟକ ।

ଯେଉଁମାନଙ୍କର ପାରିପାର୍ଶ୍ୱିକ ଅବସ୍ଥା ବା କାରଣ ଯୋଗୁଁ ଏପରି ଭାବନା ଆସିଥାଏ, ସେମାନଙ୍କ କ୍ଷେତ୍ରରେ ସାଧାରଣତଃ କେତେଗୁଡ଼ିଏ ସମସ୍ୟା ଏଥିପାଇଁ ଦାୟୀ । ତେଣୁ ସେମାନେ ଏକାଠି କେତେଗୁଡ଼ିଏ ଲୋକ ସହିତ ବସି ଆଲୋଚନା କରି ସମସ୍ୟାର ସମାଧାନ ବିଷୟ ସ୍ଥିର କରିବା ଆବଶ୍ୟକ । ସାଧାରଣତଃ ଛ'ରୁ ଦଶ ଜଣ ଏପ୍ରକାର ଲୋକ ସପ୍ତାହରେ ଥରେ ଏକାଠି ହୋଇ ଆଲୋଚନା କରିବା ଦରକାର । ଆମ ଦେଶରେ ଏପ୍ରକାର ପ୍ରଣାଳୀ ଖୁବ୍ ଉପଯୋଗୀ । ଆପଣ ଯଦି ଜାଣିପାରନ୍ତି ଯେକୌଣସି ବ୍ୟକ୍ତି ଆତ୍ମହତ୍ୟା କରିବାକୁ ଇଚ୍ଛାପ୍ରକାଶ କରୁଛି- ତାକୁ ସଙ୍ଗେ ସଙ୍ଗେ ମାନସିକ ରୋଗ ବିଶେଷଜ୍ଞଙ୍କ ପାଖକୁ ନିଅନ୍ତୁ । ଚିକିତ୍ସା ପାଇଁ ତାଙ୍କୁ ବାଧ୍ୟ କରି ଡାକ୍ତରଙ୍କ ପାଖକୁ ନିୟମିତ ନିଅନ୍ତୁ । ଦୟାଶୀଳ ହୋଇ ରୋଗୀସହ କଥାବାର୍ତ୍ତା କରନ୍ତୁ । ତାହାର ଅନୁଭବ ଓ ସମସ୍ୟା ବିଷୟରେ ଧୈର୍ଯ୍ୟ ଧରି ଶୁଣନ୍ତୁ । ତାଙ୍କୁ ଉତ୍ସାହ ଦିଅନ୍ତୁ । ତାଙ୍କୁ ପ୍ରବୋଧ ଦିଅନ୍ତୁ ଯେ ଆଗକୁ ଭଲ ଦିନ ଆସୁଛି ଓ ହସି ହସି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ । ତାହାଙ୍କର ଖାଦ୍ୟ ଏବଂ ପରିଷ୍କାର ପରିଚ୍ଛନ୍ନତା ପ୍ରତି ଯତ୍ନ ଦିଅନ୍ତୁ । ଗୋଟିଏ ମୁହୂର୍ତ୍ତ ପାଇଁ ମଧ୍ୟ ତାଙ୍କୁ ଏକୁଟିଆ ଛାଡ଼ନ୍ତୁ ନାହିଁ । ଯଦି ଏହା ସମ୍ଭବ ନ ହୁଏ ତା'ହେଲେ ତାଙ୍କୁ ଡାକ୍ତରଖାନାରେ ରଖି ଦିଅନ୍ତୁ । ମନେ ରଖନ୍ତୁ ଆତ୍ମହତ୍ୟା କରିବାର ଭାବନା ନିଶ୍ଚିତଭାବେ ଦୂର ହୋଇପାରିବ । ଏଥିପାଇଁ ପରିବାର, ସମାଜ ତଥା ଚିକିତ୍ସକମାନଙ୍କ ସହଯୋଗ ନିତ୍ୟାନ୍ତ ଆବଶ୍ୟକ ।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ଼,
କଟକ, ଦୂରଭାଷ : ୯୧୩୨୪୩୩୩୩୩

# ୩୦ ବର୍ଷରୁ ଅଧିକ ବୟସର ବ୍ୟକ୍ତିମାନଙ୍କ ପାଇଁ ନିୟମିତ ସ୍କ୍ରିନିଙ୍ଗର ଗୁରୁତ୍ୱ

**ଶ୍ରୀ ଅମରନାଥ ସକ୍‌ସେନା**

ଆଜିକାଲିର ବ୍ୟସ୍ତ ଦୈନନ୍ଦିନ ଜୀବନରେ ଚାପ ଏବଂ ଜୀବନଶୈଳୀ ସହ ଜଡ଼ିତ କାରଣଗୁଡ଼ିକ ଅନେକ ରୋଗର ପ୍ରମୁଖ କାରଣ ପାଲଟିଛି. ଆଜି, ଜଣେ ୩୦ ବର୍ଷ ବୟସର ବ୍ୟକ୍ତି ମଧ୍ୟ ହୃଦ୍ ?ଘାତର ଶିକାର ହୋଇପାରନ୍ତି. ଏପରି ଘଟଣା ଦର୍ଶାଏ ଯେ ଲୋକମାନେ ନିଜ ସ୍ୱାସ୍ଥ୍ୟ ସ୍ଥିତି ବିଷୟରେ ଅଧିକ ସଚେତନ ହେବା ଏବଂ ସମୟ ସମୟରେ ନିଜର ଯାଞ୍ଚ କରାଇବା ଆବଶ୍ୟକ. ଏହି ଘଟଣାଗୁଡ଼ିକ ଏହା ମଧ୍ୟ ଦର୍ଶାଏ ଯେ ଯଦିଓ ଆପଣ ଗୋଟିଏ ଦିନରେ ସମ୍ପୂର୍ଣ୍ଣ ସୁସ୍ଥ ଅନୁଭବ କରିପାରନ୍ତି, କିନ୍ତୁ ଶରୀର ଭିତରେ ବହୁତ କିଛି ଘଟୁଥାଇପାରେ ଯାହାକୁ ଆପଣ ହୁଏତ ଅନୁଭବ କରିପାରୁନଥିବେ.

୩୦ ଏବଂ ୪୦ ବର୍ଷ ବୟସର ପରବର୍ତ୍ତୀ ସମୟ ହେଉଛି ଅତ୍ୟଧିକ ଗୁରୁତ୍ୱପୂର୍ଣ୍ଣ ସମୟ: ଚିକିତ୍ସା କ୍ଷେତ୍ରରେ ମଧ୍ୟ ୪୦ ବର୍ଷ ବୟସର ପରବର୍ତ୍ତୀ ସମୟକୁ ସ୍ୱାସ୍ଥ୍ୟ ଦୃଷ୍ଟିରୁ ଏକ ଗୁରୁତ୍ୱପୂର୍ଣ୍ଣ ସମୟ ଭାବେ ଦେଖାଯାଏ. ଅନେକ ଲୋକଙ୍କ ପାଇଁ ବୟସ ବଢ଼ିବା ସହିତ ମେଟାବୋଲିଜିମ୍ ଧିମା ହୋଇଯାଏ ଏବଂ ହରମୋନାଲ୍ ସନ୍ତୁଳନ ବଦଳିବା ଆରମ୍ଭ କରେ. ସାରା ବିଶ୍ୱରେ ସାର୍ବଜନିକ ସ୍ୱାସ୍ଥ୍ୟ ଏଜେନ୍ସିଗୁଡ଼ିକ ପ୍ରମାଣ ଆଧାରରେ ସ୍କ୍ରିନିଙ୍ଗ ସମୟସୀମା ଗୁଡ଼ିକୁ ସଂଶୋଧିତ କରିଛନ୍ତି. ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଦୀର୍ଘସ୍ଥାୟୀ ରୋଗକୁ ପ୍ରତିରୋଧ କରିବା ପାଇଁ ସବୁଠାରୁ ଅଧିକ ଖର୍ଚ୍ଚ-ପ୍ରଭାବୀ ଉପାୟ ଭାବରେ ଶୀଘ୍ର ଚିହ୍ନଟ କରିବା ଉପରେ ଗୁରୁତ୍ୱ ଦେଉଛନ୍ତି. ଭାରତରେ ଅଣ-ସଂକ୍ରାମକ ରୋଗର ପ୍ରତିରୋଧ ଏବଂ ନିୟନ୍ତ୍ରଣ ପାଇଁ ଜାତୀୟ କାର୍ଯ୍ୟକ୍ରମ ଅନୁଯାୟୀ, ପ୍ରାପ୍ତବୟସ୍କ ବ୍ୟକ୍ତିମାନଙ୍କ ପାଇଁ ୩୦ ବର୍ଷ ବୟସ ପର ଠାରୁ ଡାଇବେଟିସ୍, ଉଚ୍ଚ ରକ୍ତଚାପ ଏବଂ ସାଧାରଣ କର୍କଟ ରୋଗ ପାଇଁ ସର୍ବଜନ-ସ୍ତରୀୟ ସ୍କ୍ରିନିଙ୍ଗ କରାଯିବାକୁ ପରାମର୍ଶ ଦିଆଯାଏ.

ଡାଇବେଟିସ୍ ଓ ମେଟାବଲିଜିମ୍ ସମ୍ବନ୍ଧିତ ସମସ୍ୟା ବୃଦ୍ଧି: ଇଣ୍ଡିଆନ୍ କାଉନସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ (ଆଇସିଏମଆର) ଦ୍ୱାରା ସରକାର ସମର୍ଥିତ ଗବେଷଣା ସୂଚିତ କରୁଛି ଯେ ଜୀବନଶୈଳୀ ସମ୍ବନ୍ଧିତ ରୋଗଗୁଡ଼ିକ ବିଶେଷ କରି ସହରାଞ୍ଚଳରେ ଭାରତୀୟମାନଙ୍କୁ ପ୍ରଭାବିତ କରୁଛି. ଆଇସିଏମଆର-ଆଇଏନଡିଆଇଏବି ଜାତୀୟ ଅଧ୍ୟୟନରୁ ଜଣାପଡିଛି ଯେ ୧୧.୪% ଭାରତୀୟ ବୟସ୍କଙ୍କୁ ଡାଇବେଟିସ୍ ଏବଂ ୧୫.୩% ଙ୍କୁ ପ୍ରିଡାଇବେଟିସ୍ ଅଛି, ଗ୍ରାମାଞ୍ଚଳ ତୁଳନାରେ ସହରାଞ୍ଚଳରେ ଡାଇବେଟିସ୍ ଅଧିକ ବ୍ୟାପକ ଭାବରେ ଦେଖାଦେଉଛି. ଏହି ଅଧ୍ୟୟନରେ ଶାରୀରିକ ନିଷ୍କ୍ରିୟତା, ଅସ୍ୱାସ୍ଥ୍ୟକର ଖାଦ୍ୟାଭ୍ୟାସ, ମୋଟାପଣ, ଚାପ ଏବଂ ଦ୍ରୁତ ସହରୀକରଣ ପରି କାରଣ ସହ ଜଡ଼ିତ ମେଟାବୋଲିକ୍ ସମସ୍ୟାର ବଢୁଥିବା ପ୍ରଭାବକୁ ଉଲ୍ଲେଖ କରାଯାଇଛି.

ହେଲ୍ ?ଥ ଇନସ୍ୟୁରାନ୍ସ ର ଭୂମିକା କଣ ? ହେଲ୍ ?ଥ ଇନସ୍ୟୁରାନ୍ସ ଦୃଷ୍ଟିକୋଣରୁ, ଏହି ଧାରାଗୁଡ଼ିକ ଜୀବନରେ ବହୁତ ପୂର୍ବରୁ ସ୍ୱାସ୍ଥ୍ୟସେବା ଖର୍ଚ୍ଚ ପାଇଁ ଯୋଜନା କରିବାର ଗୁରୁତ୍ୱକୁ ଦର୍ଶାଇଥାଏ. ଯେହେତୁ ଡାଇବେଟିସ୍, ଉଚ୍ଚ ରକ୍ତଚାପ, କିମ୍ବା ହୃଦ୍ ?ରୋଗ ପରି ଜୀବନଶୈଳୀ ରୋଗଗୁଡ଼ିକ କମ୍ ବୟସରେ ଦେଖାଯାଉଛି, ବ୍ୟକ୍ତିମାନଙ୍କୁ ଦୀର୍ଘକାଳୀନ ଚିକିତ୍ସା, ଔଷଧ, ଡାଇଗ୍ନୋଷ୍ଟିକ୍ ପରୀକ୍ଷା ଏବଂ ବେଳେବେଳେ ଡାକ୍ତରଖାନାରେ ଭର୍ତ୍ତି ଆବଶ୍ୟକ ହୋଇପାରେ, ଯାହା ପାରିବାରିକ ଆର୍ଥିକ ସ୍ଥିତି ଉପରେ ଚାପ ପକାଇପାରେ. ଏଥିରେ ନିୟମିତ ଡାକ୍ତରଙ୍କ ପରାମର୍ଶ, ଡାଇଗ୍ନୋଷ୍ଟିକ୍ ପରୀକ୍ଷା, ଔଷଧ ଏବଂ ଅନେକ ବର୍ଷ ଧରି ଫଲୋ-ଅପ୍ ଚିକିତ୍ସା ସାମିଲ ହୋଇପାରେ. ଯଦି ବ୍ୟକ୍ତିମାନେ ପର୍ଯ୍ୟାପ୍ତ ଭାବରେ ବୀମାଭୁକ୍ତ ହୋଇନଥିବେ, ତେବେ ଚିକିତ୍ସା ଖର୍ଚ୍ଚ ସମୟକ୍ରମେ ବଢୁଥିବା ସମୟରେ ଏଭଳି ବାରମ୍ବାର ଖର୍ଚ୍ଚ ଦୀର୍ଘକାଳୀନ ଆର୍ଥିକ ଯୋଜନାକୁ ପ୍ରଭାବିତ କରିପାରେ.

ହେଲ୍ ?ଥ ଇନସ୍ୟୁରାନ୍ସ ଶୀଘ୍ର ନେବା ଦ୍ୱାରା ବ୍ୟକ୍ତିମାନେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଗୁରୁତର ସମସ୍ୟା ଦେଖାଦେବା ପୂର୍ବରୁ ଆଗୁଆ ନିଜ ପାଇଁ କଭରେଜ୍ ସୁରକ୍ଷା ସୁନିଶ୍ଚିତ କରିପାରିବେ. ଶୀଘ୍ର ପଲିସି ନେବା କେବଳ ନିରନ୍ତର ସୁରକ୍ଷା ସୁନିଶ୍ଚିତ କରେ ନାହିଁ ବରଂ ପଲିସିହୋଲ୍ଡରଙ୍କୁ ମଧ୍ୟ ଶୀଘ୍ର ପ୍ରତୀକ୍ଷା ଅବଧି ସମ୍ପୂର୍ଣ୍ଣ କରିବାରେ ସାହାଯ୍ୟ କରିଥାଏ, ଯାହାକି ଜୀବନରେ ପରବର୍ତ୍ତୀ ସମୟରେ ସ୍ୱାସ୍ଥ୍ୟ ସମ୍ବନ୍ଧିତ ଆବଶ୍ୟକତା ଉତ୍ପନ୍ନ ହେବା ସମୟରେ ସେମାନଙ୍କୁ ଅଧିକ ଭଲ ଭାବରେ ସହାୟତା ପ୍ରଦାନ କରିଥାଏ.

ପ୍ରିଭେଣ୍ଟିଭ୍ ହେଲ୍ ?ଥକେୟାର୍ ହେଉଛି ଅନ୍ୟ ଏକ କ୍ଷେତ୍ର ଯାହାକୁ ଏବେ ଅଧିକ ଗୁରୁତ୍ୱ ଦିଆଯାଉଛି. ହସ୍ପିଟାଲାଇଜେସନ୍ କଭରେଜ୍ ବ୍ୟତୀତ ଓ୍ୱେଲନେସ୍ ପ୍ରୋଗ୍ରାମ୍, ଟେଲି-କନସଲଟେସନ୍, ହେଲ୍ ?ଥ ଚେକ୍-ଅପ୍ ଏବଂ ଡିଜିଟାଲ୍ ହେଲ୍ ?ଥ ସର୍ଭିସ୍ ଜରିଆରେ ପ୍ରିଭେଣ୍ଟିଭ୍ ହେଲ୍ ?ଥକେୟାର୍ କ୍ଷେତ୍ରରେ ସହାୟତା ପ୍ରଦାନ କରିବା ପାଇଁ ଆଧୁନିକ ହେଲ୍ ?ଥ ଇନସ୍ୟୁରାନ୍ସ ସଲ୍ୟୁସନର ରୂପରେଖା ପ୍ରସ୍ତୁତ କରାଯାଉଛି. ଏହି ପଦକ୍ଷେପଗୁଡ଼ିକ ବ୍ୟକ୍ତିମାନଙ୍କୁ କେବଳ ଲକ୍ଷଣ ଦେଖାଗଲା ପରେ ଚିକିତ୍ସା ସହାୟତା ପ୍ରଦାନ ପରିବର୍ତ୍ତ ? ସକ୍ରିୟ ଭାବରେ ନିଜ ସ୍ୱାସ୍ଥ୍ୟ ଉପରେ ନଜର ରଖିବାକୁ ପ୍ରୋତ୍ସାହିତ କରିଥାଏ.

ସ୍ୱାସ୍ଥ୍ୟସେବାର ଆବଶ୍ୟକତା ବଦଳୁଥିବା ଏବଂ ଚିକିତ୍ସା ଖର୍ଚ୍ଚ କ୍ରମାଗତ ଭାବେ ବଢୁଥିବା ସମୟରେ, କେବଳ ଚିକିତ୍ସା ଉପରେ ଧ୍ୟାନ ଦେବା ପରିବର୍ତ୍ତ ? ପ୍ରତିଷେଧକ ପ୍ରଣାଳୀ, ସୁରକ୍ଷା ଉପାୟ ଏବଂ ନିଜର ପ୍ରସ୍ତୁତି ଉପରେ ଗୁରୁତ୍ୱ ଦେବା ଆବଶ୍ୟକ. ହେଲ୍ ?ଥ ଚେକ୍-ଅପ୍, ଓପିଡି, ଓ୍ୱେଲନେସ୍ ପ୍ରୋଗ୍ରାମ୍, ପ୍ରାରମ୍ଭିକ ସ୍କ୍ରିନିଙ୍ଗ ଅନ୍ତର୍ଭୁକ୍ତ ଥିବା ଫିଚର୍ ସହିତ ପର୍ଯ୍ୟାପ୍ତ ସମ୍ ଇନସ୍ୟୁଅର୍ଡ ରାଶି ବିଶିଷ୍ଟ ହେଲ୍ ?ଥ ଇନସ୍ୟୁରାନ୍ସରେ ନିବେଶ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ ଅଟେ. ଆଜି ସ୍ୱାସ୍ଥ୍ୟ କେବଳ ବ୍ୟକ୍ତିଗତ ପସନ୍ଦ ନୁହେଁ, ବରଂ ଏହା ଆପଣଙ୍କ ପାଇଁ ଏବଂ ଆପଣଙ୍କ ପରିବାର ପାଇଁ ଏକ ସ୍ୱାସ୍ଥ୍ୟକର ଏବଂ ସୁରକ୍ଷିତ ଆର୍ଥିକ ଭବିଷ୍ୟତ ନିର୍ମାଣ କରିବା ପାଇଁ ଏକ ଆବଶ୍ୟକୀୟ ପଦକ୍ଷେପ ଅଟେ।

ଚିଫ୍ ଟେକ୍ନିକାଲ୍ ଅଫିସର୍ – କମର୍ସିଆଲ୍, ବଜାଜ
ଜେନେରାଲ ଇନସ୍ୟୁରାନ୍ସ ଲିମିଟେଡ୍
(ପୂର୍ବ ନାମ- ବଜାଜ ଆଲିଆଞ୍ଜ ଜେନେରାଲ
ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍)

# ବାଘାଯତୀନଙ୍କ ବଳିଦାନ ଦିବସ

**ଅଲେଖ ଚନ୍ଦ୍ର ସାମଲ**

୧୮୩୯ ମସିହା ଡିସେମ୍ବର ୮ ତାରିଖ ଆଜିର ବଙ୍ଗଳାଦେଶ ଅନ୍ତର୍ଗତ କୁଷ୍ଟିଆ ଜିଲ୍ଲାର କୟା ନାମକ ଛୋଟ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ ବାଘାଯତୀନ। ପାଞ୍ଚ ବର୍ଷ ବୟସରେ ବାପାଙ୍କ ମୃତ୍ୟୁ ପରେ ମା'ଙ୍କ ସହ ମାମୁଁ ଘରେ ରହି ବାଲ୍ୟ ଶିକ୍ଷା ଲାଭ କରିଥିଲେ। ନଦିଆ ଜିଲ୍ଲାର ସରକାରୀ ଓକିଲ ଥିଲେ ତାଙ୍କୁ ମାମୁଁ ବସନ୍ତ କୁମାର ଚାଟାର୍ଜୀ। ମାମୁଁଙ୍କ ଦ୍ୱାରା ସେ ବିଶେଷ ପ୍ରଭାବିତ ହୋଇଥିଲେ। ମାମୁଁଙ୍କ ଗୃହରକ୍ଷୀ ଫିରୋଜ୍ ଖାଁଙ୍କଠୁ ଯତୀନ ଅସ୍ତ୍ରଶସ୍ତ୍ର ଚାଳନା ଶିକ୍ଷା କରିଥିଲେ। ପିଲାଦିନୁ ମା'ଙ୍କଠୁ ସେ ଦେଶାତ୍ମବୋଧ କାହାଣୀ ଶୁଣୁଥିଲେ। ଇଂରେଜମାନଙ୍କ ପ୍ରତି ସେବେଠୁ ଘୃଣାଭାବ ଜାତ ହୋଇସାରିଥିଲା ତାଙ୍କ ମନରେ। ସାମାଜିକ ବୈଷମ୍ୟକୁ ସେ ଦୃଢ଼ ବିରୋଧ କରୁଥିଲେ। ୧୮୯୯ ମସିହାରେ ଯତନୀ ଏଣ୍ଟ୍ରାସ୍ ପାସ୍ କରି ଉଚ୍ଚଶିକ୍ଷା ପାଇଁ କଲିକତାରେ ରହିଲେ। ସେଠାରେ ଚିନ୍ତାନାୟକମାନଙ୍କ ସ୍ପର୍ଶରେ ଆସି ଇଂରେଜ ବିରୁଦ୍ଧରେ ଲଢ଼େଇ କରିବାକୁ ଅଣ୍ଟା ଭିଡ଼ିଲେ।

୧୯୦୦ ମସିହାରେ ଯତୀନ ଉମାପଦ ବାନାର୍ଜୀଙ୍କ ଝିଅ ହିନ୍ଦୁବାଳାଙ୍କୁ ବିବାହ କରିଥିଲେ। ୧୯୦୩ ମସିହାରେ ଯୋଗେନ୍ଦ୍ର ବିଦ୍ୟାଭୂଷଣଙ୍କ ଘରେ ବିପ୍ଳବୀ ଅରବିନ୍ଦ ଘୋଷଙ୍କ ସହିତ ଯତୀନଙ୍କର ସାକ୍ଷାତ ହେଲା। ଏହାପରେ ସେ ଦେଶର ମୁକ୍ତି ଆନ୍ଦୋଳନରେ ଗଭୀର ମନୋନିବେଶ କଲେ। ୧୯୦୫ ମସିହା ବଙ୍ଗଭଙ୍ଗ ଆନ୍ଦୋଳନରେ ସେ ପ୍ରତ୍ୟେକ୍ଷ ସାମିଲ ହୋଇଥିଲେ। ବାଘାଯତୀନ ଗଦର ନାମକ ଏକ ପତ୍ରିକା ପ୍ରକାଶ କରି ସ୍ୱାଧୀନତା ସଂଗ୍ରାମକୁ ତ୍ୱରାନ୍ୱିତ କରିବାକୁ ଆପ୍ରାଣ ଉଦ୍ୟମ କରିଥିଲେ। ଇଂରେଜ ମାନଙ୍କ ସମସ୍ତ ଉଦ୍ୟମ ସେ ପଣ୍ଡ କରି ଦେଉଥିଲେ। ଦେଶ ପାଇଁ ବିପ୍ଳବୀ ଭାବେ ପ୍ରାଣବଳି ଦେବାର ସୌଭାଗ୍ୟ ଆଉ ଆସିବ ନାହିଁ ବୋଲି ସେ ବାରମ୍ବାର ବିପ୍ଳବୀ ମାନଙ୍କୁ କହୁଥିଲେ। ଦେଶର ମୁକ୍ତି ପାଇଁ ଯୁଦ୍ଧ ସମୟରେ ଇଂରେଜ ମାନଙ୍କ ଗୁଳିରେ ସେ ଗୁରୁତର ଆହତ ହେଲେ। ତାଙ୍କୁ କାବୁକରି ବ୍ରିଟିଶ ସୈନ୍ୟମାନେ ବାଲେଶ୍ୱର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେପ୍ଟେମ୍ବର ୧୦ ତାରିଖ ପ୍ରତ୍ୟୁଷରୁ ବାଘାଯତୀନ ଇହଲୀଳା ସମ୍ବରଣ କଲେ। ଏହି ମହାନାୟକଙ୍କ ଦେଶପ୍ରେମ ଓ ପ୍ରାଣବଳି ଯୁଗ ଯୁଗକୁ ସମଗ୍ର ଓଡ଼ିଶା ତଥା ଭାରତ ଇତିହାସର ପୃଷ୍ଠାମଣ୍ଡନ କରିବ, ତାହା ନିଃସନ୍ଦେହ।

ପୂର୍ବତନ ଡିଏଫଓ, ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ : ୯୪୩୭୨୫୬୭୧୨୩



# ୯ ଆମେରିକୀୟ ଯୁଦ୍ଧ ବିମାନକୁ କ୍ଷତି ପହଞ୍ଚାଇଛି ଇରାନୀ ଡ୍ରୋନ

**ନୂଆଦିଲ୍ଲୀ,୧୦।୯(ଏଜେନ୍ସି):**ମଧ୍ୟପ୍ରାଚ୍ୟରେ ଆମେରିକା ଏବଂ ଇରାନ ମଧ୍ୟରେ ଉତ୍ତେଜନା କ୍ରମାଗତ ଭାବରେ ବୃଦ୍ଧି ପାଉଛି। ପରିସ୍ଥିତି ଆଉ କେବଳ କ୍ଷେପଣାସ୍ତ୍ର ଆକ୍ରମଣ ଏବଂ ସାମରିକ ଘାଟି ପର୍ଯ୍ୟନ୍ତ ସୀମିତ ନାହିଁ, ବରଂ ଏହାର ପ୍ରଭାବ ସାମୁଦ୍ରିକ ପଥ ଏବଂ ବିଶ୍ୱ ତୈଳ ବଜାର ଉପରେ ମଧ୍ୟ ଲଗାତାର ପଡ଼ିବାରେ ଲାଗିଛି। ଜୋର୍ଡାନର ଆକାଶରୁ ହର୍ମୁଜ୍ ପ୍ରଣାଳୀ ପର୍ଯ୍ୟନ୍ତ, ଦୁଇ ଦେଶ ମଧ୍ୟରେ ବିବାଦ ବଢ଼ିବାରେ ଲାଗିଛି। ଇରାନୀ ସେନା ଜୋର୍ଡାନରେ ଏକ ଆମେରିକୀୟ ସାମରିକ ଘାଟିକୁ ଟାର୍ଗେଟ କରିଥିବା ଦାବି କରିଛି, ସେହିପରି ଆମେରିକା ଇରାନୀ ତୈଳ ଟ୍ୟାଙ୍କର ଉପରେ ଆକ୍ରମଣ କରିଛି। ଅନେକ ବାଣିଜ୍ୟିକ ଜାହାଜ ମଧ୍ୟ ଆକ୍ରମଣର ଶିକାର ହୋଇଛି, ଯାହା ଫଳରେ ତେଲ ମୂଲ୍ୟ ବୃଦ୍ଧି ପାଇବାରେ ଲାଗିଛି।ରିପୋର୍ଟ ଅନୁଯାୟୀ, ମଙ୍ଗଳବାର ସନ୍ଧ୍ୟାରେ ଇରାନ ଜୋର୍ଡାନର ମୁୱାଫାକ ସାଲଟି ବାୟୁ ଘାଟିକୁ ଟାର୍ଗେଟ କରି କ୍ଷେପଣାସ୍ତ୍ର ମାଡ଼ କରିଥିଲା। ସୂତ୍ର ଅନୁସାରେ ଆମେରିକୀୟ ନେଟୱାର୍କ ସିବିଏସ ରିପୋର୍ଟ କରିଛି ଯେ, ଆଠଟି ଏଫ-୧୫ ଲଢୁଆ ବିମାନ ସାମାନ୍ୟ କ୍ଷତି ପାଇଛି। ଗୋଟିଏ ଏ-୧୦ ଥଣ୍ଡରବୋଲ୍ଟ ବିମାନର ବହୁତ କ୍ଷତି ହୋଇଛି। ବିମାନ ଏକ ଡେଣା ହରାଇଛି। ତେବେ କ୍ଷତିଗ୍ରସ୍ତ ଏଫ-୧୫ ବିମାନଗୁଡ଼ିକୁ ସେବାକୁ ପୁଣି ଫେରାଇ ନିଆଯାଇଛି ବୋଲି ଜଣାପଡ଼ିଛି।ଜୋର୍ଡାନ ସେନା ରିପୋର୍ଟ କରିଛି ଯେ ଇରାନ ମୋଟ ୨୦ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ନିକ୍ଷେପ କରିଛି। ଜୋର୍ଡାନର ବାୟୁ ପ୍ରତିରକ୍ଷା ପ୍ରଣାଳୀ ଏହି କ୍ଷେପଣାସ୍ତ୍ରଗୁଡ଼ିକ ମଧ୍ୟରୁ ୧୮ଟିକୁ ମଝି ଆକାଶରେ ରୋକିଥିଲା ଯେତେବେଳେ ଦୁଇଟି ଜନବସତି ଅଞ୍ଚଳରୁ ଦୂରରେ ପଡ଼ିଥିଲା। ଜୋର୍ଡାନ ଅନୁଯାୟୀ, ଆକ୍ରମଣରେ କୌଣସି କ୍ଷୟକ୍ଷତି ହୋଇଥିବାର ରିପୋର୍ଟ ନାହିଁ। ଏହି ସମୟରେ, ରିପୋର୍ଟ ସୂଚିତ କରୁଛି ଯେ ଇରାନୀ କ୍ଷେପଣାସ୍ତ୍ରଗୁଡ଼ିକୁ ପ୍ରତିହତ କରିବା ପାଇଁ ଆମେରିକା ସେନା ୩୦ରୁ ଅଧିକ ପାଟ୍ରିଅଟ୍ କ୍ଷେପଣାସ୍ତ୍ର ନିକ୍ଷେପ କରିଥିଲା।ଇରାନର ରିଭୋଲ୍ୟୁସନାରୀ ଗାର୍ଡ ଜୋର୍ଡାନର ଆଜରାକ ଅଞ୍ଚଳରେ ଥିବା ଆମେରିକୀୟ ସାମରିକ ପ୍ରତିଷ୍ଠାନଗୁଡ଼ିକୁ ଟାର୍ଗେଟ କରିଥିବା ଦାବି କରିଛି। ଇରାନ କହିଛି ଯେ ଆକ୍ରମଣରେ ଏଫ-୩୫, ଏଫ-୧୬ ଏବଂ ଏଫ-୧୫ ଲଢୁଆ ବିମାନର ରକ୍ଷଣାବେକ୍ଷଣ ଏବଂ ନିୟୋଜିତ କରିବା ପାଇଁ ବ୍ୟବହୃତ ହ୍ୟାଙ୍ଗର ତଥା ବିମାନ ଆଶ୍ରୟସ୍ଥଳଗୁଡ଼ିକୁ ଟାର୍ଗେଟ କରାଯାଇଥିଲା। ଫଳରେ ବହୁ କ୍ଷୟକ୍ଷତି ହୋଇଥିଲା। ତେବେ ଏହି ଦାବିଗୁଡ଼ିକୁ ଆମେରିକା ଦ୍ୱାରା ସମ୍ପୂର୍ଣ୍ଣ ନିଶ୍ଚିତ କରାଯାଇ ନାହିଁ।ଇରାନ ଦାବି କରିଛି, ଆମେରିକା ଆମର ପାଞ୍ଚଟି ତୈଳ ଟ୍ୟାଙ୍କରକୁ ଟାର୍ଗେଟ କରିଥିଲା। ଏହାର ଜବାବରେ ଆମେ ହର୍ମୁଜ୍ ପ୍ରଣାଳୀ ପାଖରେ ଥିବା ୧୦ଟି ଜାହାଜ ଉପରେ ଆକ୍ରମଣ କରିଥିଲୁ। ତେବେ ଆମେରିକା ସେଣ୍ଟକମ୍ ଇରାନର ଏହି ଦାବିକୁ ସମ୍ପୂର୍ଣ୍ଣ ଭାବରେ ଖଣ୍ଡନ କରି କହିଛି ଯେ, ଇରାନ ପକ୍ଷରୁ ଯୁଦ୍ଧଜାହାଜକୁ ଟାର୍ଗେଟ କରାଯାଇଥିଲା। ଏହି ସମ୍ପୂର୍ଣ୍ଣ ଘଟଣା ବିଶ୍ୱ ତୈଳ ବଜାରକୁ ମଧ୍ୟ ପ୍ରଭାବିତ କରିଛି। ଯୁଦ୍ଧ ବୃଦ୍ଧି ପାଉଥିବା ରିପୋର୍ଟ ମଧ୍ୟରେ, ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ପାଇଛି ଏବଂ ଜୁଲାଇ ପରେ ପ୍ରଥମ ଥର ପାଇଁ ବ୍ରେଣ୍ଟ ଅଶୋଧିତ ତୈଳ ମୂଲ୍ୟ ବ୍ୟାରେଲ ପ୍ରତି ୧୦୦ ଡଲାର ଅତିକ୍ରମ କରିଛି। ଯଦି ଉତ୍ତେଜନା ଆହୁରି ବୃଦ୍ଧି ପାଏ, ତେବେ ଆଗାମୀ ଦିନରେ ଏହା ପେଟ୍ରୋଲ, ଡିଜେଲ ଏବଂ ଅନ୍ୟାନ୍ୟ ସାମଗ୍ରୀର ମୂଲ୍ୟକୁ ପ୍ରଭାବିତ କରିପାରେ। ସାମୁଦ୍ରିକ ମାର୍ଗର ପରିସ୍ଥିତି ମଧ୍ୟ ଚିନ୍ତାଜନକ ରହିଛି।

# ଲଦାଖ ପ୍ରସଙ୍ଗରେ ଆନ୍ଦୋଳନ କରିବାକୁ ଧମକ ଦେଲେ ୱାଙ୍ଗଚୁକ୍

**ନୂଆଦିଲ୍ଲୀ,୧୦।୯(ଏଜେନ୍ସି):** ଶିକ୍ଷାବିତ୍ ତଥା ସାମାଜିକ କର୍ମକର୍ତ୍ତା ସୋନମ୍ ୱାଙ୍ଗଚୁକ୍ ଲଦାଖ ପ୍ରସଙ୍ଗରେ ପୁଣି ଥରେ ଆନ୍ଦୋଳନ କରିବାକୁ ଧମକ ଦେଇଛନ୍ତି। ଲଦାଖ ସହ ଜଡ଼ିତ ସମସ୍ତ ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କଠାରୁ ଗୋଟିଏ ସପ୍ତାହ ମଧ୍ୟରେ ପ୍ରତିଶ୍ରୁତି ନ ମିଳିଲେ ସେ ସେପ୍ଟେମ୍ବର ୧୯ ରୁ ୨୪ ପର୍ଯ୍ୟନ୍ତ ନୂଆକରି ଆନ୍ଦୋଳନ କରିବାକୁ ଧମକ ଦେଇଛନ୍ତି।ଲଦାଖରେ ହିଂସା ପରେ ଗତବର୍ଷ ସେପ୍ଟେମ୍ବରରେ କଠୋର ଜାତୀୟ ସୁରକ୍ଷା ଆଇନ (ଏନ୍ଏସ୍ଏ)ରେ ୱାଙ୍ଗଚୁଙ୍କୁ ଗିରଫ କରାଯିବା ପରେ ଯୋଧପୁର ଜେଲରେ ଛଅ ମାସ ରଖା ଯାଇଥିଲା। ଗତବର୍ଷ ଲଦାଖ ପାଇଁ ରାଜ୍ୟ ମାନ୍ୟତା ଦାବିରେ ଚାଲିଥିବା ଆନ୍ଦୋଳନ ହିଂସାତ୍ମକ ରୂପ ନେଇଥିଲା ଓ ୪ ଜଣଙ୍କର ମୃତ୍ୟୁ, ୧୨ରୁ ଅଧିକ ଆହତ ହୋଇଥିଲେ। କେନ୍ଦ୍ର ସରକାର ଏହି ଆନ୍ଦୋଳନ ପାଇଁ ୱାଙ୍ଗଚୁକ୍ ?ଙ୍କୁ ଦାୟୀ କରି ଗତବର୍ଷ ଗିରଫ କରିଥିଲେ। ମାର୍ଚ୍ଚ ୨୦୨୬ରେ ସେ ଜେଲରୁ ମୁକ୍ତ ହୋଇଥିଲେ। ଏହାର କିଛି ମାସ ପରେ ଦିଲ୍ଲୀରେ ନିଟ୍ ପରୀକ୍ଷାରେ ଅନିୟମିତତା ଅଭିଯୋଗରେ କକ୍‌ରୋଚ୍ ଜନତା ପାର୍ଟି ପକ୍ଷରୁ ହୋଇଥିବା ଛାତ୍ର ଆନ୍ଦୋଳନରେ ୱାଙ୍ଗଚୁକ୍ ଅନଶନ କରିଥିଲେ। ଗୁରୁବାର ଉପରେ କଟାକ୍ଷ କରି ୱାଙ୍ଗଚୁକ୍ ଲୋକପ୍ରିୟ ହାସ୍ୟାଭିନେତା ଜସପାଲ ଭଟ୍ଟିଙ୍କ ଶୋ'ର ଏକ ପୁରୁଣା କ୍ଲିପ୍ ସେୟାର କରି କହିଥିଲେ



ୱାଙ୍ଗଚୁକ୍ କହିଥିଲେ ଯେ, ଲଦାଖର ପ୍ରମୁଖ ନେତା ଓ ନୂଆଦିଲ୍ଲୀରେ ଗୃହ ମନ୍ତ୍ରଣାଳୟ ସବ୍-କମିଟି ମଧ୍ୟରେ ଆଲୋଚନା ଯେପରିଭାବେ ହୋଇଛି ତାହା ତାଙ୍କୁ ନିରାଶ କରିଛି। ବୈଠକ ଯେ, ଆଲୋଚନା ସମୟରେ କିଛି ନୂତନ ହୋଇନଥିଲା। କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଦ୍ୱାରା ଡକାଯାଇଥିବା ଏହି ବୈଠକ ବୁଧବାର ଅନୁଷ୍ଠିତ ହୋଇଥିଲା।

# ଅଭିଷେକ ବାନାର୍ଜୀଙ୍କ ପିଏ ଗିରଫ

**ନୂଆଦିଲ୍ଲୀ,୧୦।୯(ଏଜେନ୍ସି):**ସୁପ୍ରିମକୋର୍ଟ ଆଗୁଆ ଜାମିନ୍ ଦେବାକୁ ମନା କରିବା ପରେ ସାଲବୋନି ଜମି ହଡପ ମାମଲାରେ ଅଭିଷେକ ବାନାର୍ଜୀଙ୍କ ପିଏ ସୁମିତ ରାୟ ଗୁରୁବାର ସିଆଇଡି ଦ୍ୱାରା ଗିରଫ ହୋଇଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ବିଧାନସଭାରେ କହିଛନ୍ତି ଯେ, ସୁପ୍ରିମକୋର୍ଟଙ୍କ ସୁରକ୍ଷା ପ୍ରତ୍ୟାହାର ହେବା ପରେ ୧୨୧, କାଳୀଘାଟ ରୋଡସ୍ଥିତ ଟିଏମ୍‌ସି କାର୍ଯ୍ୟାଳୟରୁ ରାୟଙ୍କୁ ଗିରଫ କରାଯାଇଛି। ଅଧିକାରୀ ଅଭିଯୋଗ କରିଛନ୍ତି ଯେ, ରାୟ ଅଭିଷେକ



ବାନାର୍ଜୀଙ୍କ ପକ୍ଷରୁ ଟଙ୍କା ସଂଗ୍ରହରେ ସାମିଲ ଥିଲେ। ପଶ୍ଚିମ ମେଦିନୀପୁର ଜିଲ୍ଲାର ଏକ କୋର୍ଟ ଜୁନ୍ ୧୫ ତାରିଖରେ ରାୟଙ୍କ ବିରୋଧରେ ଗିରଫ ପରୱାନା ଜାରି କରିଥିଲେ, ଯାହା ପରେ ସେ ପ୍ରଥମେ କୋଲକାତା ହାଇକୋର୍ଟ ଓ ପରେ ଗିରଫ ପୂର୍ବରୁ ଜାମିନ ପାଇଁ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ଅଗଷ୍ଟ ୬ ତାରିଖରେ ସର୍ବୋଚ୍ଚ ଅଦାଲତ ରାୟଙ୍କୁ ଏକ ସ୍ୱତନ୍ତ୍ର ଲିଭ୍ ପିଟିସନ୍ ଦାଖଲ କରିବାକୁ ଅନୁମତି ଦେଇଥିଲେ ଓ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ତାଙ୍କ ଗିରଫଦାରୀ ଉପରେ ସ୍ଥଗିତାଦେଶ ଲଗାଇଥିଲେ। ସିଆଇଡିର ଏହି କାର୍ଯ୍ୟାନୁଷ୍ଠାନ ଝାରଗ୍ରାମରେ ହୋଇଥିବା କଥିତ ଜମି ଦୁର୍ନୀତିର ତଦନ୍ତର ଏକ ଅଂଶ।

# ଭାରତ ଆସିବେ ଚୀନ ରାଷ୍ଟ୍ରପତି

**ନୂଆଦିଲ୍ଲୀ,୧୦।୯(ଏଜେନ୍ସି):** ଚୀନ୍‌ର ରାଷ୍ଟ୍ରପତି ସି ଜିନପିଙ୍ଗ୍ ସେପ୍ଟେମ୍ବର ୧୨ ଓ ୧୩ ତାରିଖରେ ଭାରତ ଗସ୍ତରେ ଆସୁଛନ୍ତି। ନୂଆଦିଲ୍ଲୀରେ ହେବାକୁ ଥିବା ବ୍ରିକ୍ସ ଶିଖର ସମ୍ମିଳନୀରେ ସେ ଯୋଗଦେବେ। ପ୍ରାୟ ୭ ବର୍ଷ ପରେ ତାଙ୍କର ଭାରତ ଗସ୍ତ ଏଭଳି ସମୟରେ ହେଉଛି, ଯେତେବେଳେ ୨୦୨୦ ମସିହାର ଗଲୱାନ ସଂଘର୍ଷ ପରେ ଭାରତ ଓ ଚୀନ୍ ମଧ୍ୟରେ ସମ୍ପର୍କ ଧୀରେ ଧୀରେ ସ୍ୱାଭାବିକ ହେବାକୁ ଚେଷ୍ଟା ଚାଲିଛି।ସି ଜିନପିଙ୍ଗଙ୍କ ଏହି ଗସ୍ତକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମନେ କରାଯାଉଛି। କାରଣ ୨୦୧୯ ପରେ ଏହା ତାଙ୍କର ପ୍ରଥମ ଭାରତ ଗସ୍ତ ହେବ। ତାଙ୍କର ଶେଷ ଭାରତ ଗସ୍ତ ୨୦୧୯ ଅକ୍ଟୋବରରେ ହୋଇଥିଲା। ସେତେବେଳେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ମହାବଳିପୁରମରେ ଆୟୋଜିତ ଦ୍ୱିତୀୟ ଅନୌପଚାରିକ ଭାରତ-ଚୀନ୍ ଶିଖର ସମ୍ମିଳନୀରେ ଯୋଗଦେଇଥିଲେ।ସେପଟେ ବାଂଲାଦେଶର ପ୍ରଧାନମନ୍ତ୍ରୀ ତାରିକ୍ ରହମାନ ନୂଆଦିଲ୍ଲୀରେ ହେବାକୁ ଥିବା ବ୍ରିକ୍ସ ଶିଖର ସମ୍ମିଳନୀରେ ଯୋଗ



ନଦେବା ପ୍ରସଙ୍ଗରେ ବଡ଼ ବୟାନ ଦେଇଛନ୍ତି। ବାଂଲାଦେଶର ବୈଦେଶିକ ବ୍ୟାପାର ରାଜ୍ୟମନ୍ତ୍ରୀ ହୁମାୟୁନ କବୀର ଗୁରୁବାର (୧୦ ସେପ୍ଟେମ୍ବର ୨୦୨୬) କହିଛନ୍ତି ଯେ, ଦୁଇଦିନିଆ ବ୍ରିକ୍ସ ଶିଖର ସମ୍ମିଳନୀ ପାଇଁ ତାରିକ୍ ରହମାନଙ୍କୁ ନିମନ୍ତ୍ରଣ କରାଯାଇନାହିଁ। ତେବେ ବାଂଲାଦେଶ ଏହି ସମ୍ମିଳନୀକୁ ନିଜର ଜଣେ ପ୍ରତିନିଧି ପଠାଇବ ବୋଲି ସେ କହିଛନ୍ତି। ଏଥିସହ ତାରିକ୍ ରହମାନଙ୍କ ଭାରତ ଗସ୍ତକୁ ସେ ସ୍ପଷ୍ଟ ଭାବେ ଖଣ୍ଡନ କରିଛନ୍ତି।'ଦ ଡେଲି ଷ୍ଟାର'ର ରିପୋର୍ଟ ଅନୁସାରେ, ତାରିକ୍ ରହମାନ ବ୍ରିକ୍ସ ଶିଖର ସମ୍ମିଳନୀ ପାଇଁ ଭାରତ ଯିବେ କି ବୋଲି ତାଙ୍କୁ ପଚରାଯାଇଥିଲା। ଏହାର ଉତ୍ତରରେ ହୁମାୟୁନ କବୀର କହିଥିଲେ, 'ଆମେ ସେଠାକୁ କିପରି ଯିବୁ ବାଂଲାଦେଶ ସରକାରର କାହାକୁ ନିମନ୍ତ୍ରଣ କରାଯାଇଛି କି'ସେ କହିଥିଲେ ଯେ, ନିମନ୍ତ୍ରଣ ବାଂଲାଦେଶର ପ୍ରଧାନମନ୍ତ୍ରୀଙ୍କୁ ନୁହେଁ, ବରଂ ବିମ୍ ଷ୍ଟେକର ଅଧ୍ୟକ୍ଷଙ୍କୁ ପଠାଯାଇଛି। ଆମ ପ୍ରଧାନମନ୍ତ୍ରୀଙ୍କୁ ନିମନ୍ତ୍ରଣ କରାଯାଇନାହିଁ। ବିମ୍‌ଷ୍ଟେକ୍ ହେଉଛି ବଙ୍ଗୋପସାଗର ସହ ଜଡ଼ିତ ଦେଶଗୁଡ଼ିକର ଏକ ଆଞ୍ଚଳିକ ସଂଗଠନ। ଏହାର ସମ୍ପୂର୍ଣ୍ଣ ନାମ 'ବେ ଅଫ୍ ବେଙ୍ଗଲ ଇନିସିଏଟିଭ୍ ଫର୍ ମଲ୍ଟି-ସେକ୍ଟୋରାଲ ଟେକ୍ନିକାଲ ଆଣ୍ଡ ଇକୋନୋମିକ୍ କୋଅପରେସନ୍'। ଏହି ସଂଗଠନ ଦକ୍ଷିଣ ଏସିଆ ଓ ଦକ୍ଷିଣ-ପୂର୍ବ ଏସିଆର ଦେଶଗୁଡ଼ିକୁ ପରସ୍ପର ସହ ଯୋଡ଼ିଥାଏ।

# ନୂଆଦିଲ୍ଲୀରେ ବସିବ ବ୍ରିକ୍ସର ମେଗା ବୈଠକ

**ନୂଆଦିଲ୍ଲୀ,୧୦।୯(ଏଜେନ୍ସି):**ଭାରତରେ ଆୟୋଜିତ ହେବାକୁ ଯାଉଛି ୧୮ତମ ବ୍ରିକ୍ସ ଲିଡର୍ସ ସମ୍ମିଳନୀ । ସେପ୍ଟେମ୍ବର ୧୨ ଓ ୧୩ ତାରିଖରେ ନୂଆଦିଲ୍ଲୀର ଭାରତ ମଣ୍ଡପମରେ ଏହି ମେଗା ସମ୍ମିଳନୀ ଅନୁଷ୍ଠିତ ହେବ । ଚଳିତ ବର୍ଷ ଭାରତ ବ୍ରିକ୍ସର ଅଧ୍ୟକ୍ଷତା କରୁଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିସ୍ତାରିତ ବ୍ରିକ୍ସ ଗୋଷ୍ଠୀର ସଦସ୍ୟ ଓ ସହଯୋଗୀ ଦେଶର ନେତାମାନଙ୍କୁ ସ୍ୱାଗତ କରିବେ । ସେପ୍ଟେମ୍ବର ୧୨ ତାରିଖରେ ବ୍ରିକ୍ସର ୧୧ଟି ସଦସ୍ୟ ଦେଶର ନେତାଙ୍କ ଅଂଶଗ୍ରହଣରେ ସମ୍ମିଳନୀର ମୁଖ୍ୟ କାର୍ଯ୍ୟକ୍ରମ ଆରମ୍ଭ ହେବ । ଏହା ପରେ ସେପ୍ଟେମ୍ବର ୧୩ ତାରିଖରେ ବ୍ରିକ୍ସ ସହଯୋଗୀ ଦେଶ ଏବଂ ଆଉଟରିଚ୍ ପାର୍ଟନର ଦେଶଗୁଡ଼ିକର ନେତାମାନେ ଶିଖର ବୈଠକରେ ଯୋଗଦେବେ ।ଏହି ସମ୍ମିଳନୀରେ ବାଣିଜ୍ୟ, ନିବେଶ, ଶକ୍ତି ଓ ଖାଦ୍ୟ ସୁରକ୍ଷା, ଯୋଗାଣ ଶୃଙ୍ଖଳା ଏବଂ ବିଶ୍ୱ ସୁଶାସନ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହେବ । ବ୍ରିକ୍ସର ୧୧ ଜଣ ପୂର୍ଣ୍ଣକାଳୀନ ସଦସ୍ୟ ହେଉଛନ୍ତି ବ୍ରାଜିଲ, ରୁଷିଆ, ଭାରତ, ଚୀନ୍, ଦକ୍ଷିଣ ଆଫ୍ରିକା, ଇଜିପ୍ଟ, ଇଥିଓପିଆ, ଇଣ୍ଡୋନେସିଆ, ଇରାନ, ସାଉଦି ଆରବ ଏବଂ ସଂଯୁକ୍ତ ଆରବ ଏମିରେଟ୍ସ। ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ସିରିଲ୍ ରାମାଫୋସା ସମ୍ମିଳନୀରେ ଯୋଗଦେବା ନିଶ୍ଚିତ କରିଛନ୍ତି ।ସମ୍ମିଳନୀରେ ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ, ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ, ଇରାନ ରାଷ୍ଟ୍ରପତି ମସୁଦ ପେଜେସ୍କିଆନ, ଇଜିପ୍ଟ ରାଷ୍ଟ୍ରପତି ଅବଦେଲ ଫତାହ ଏଲ୍-ସିସି, ଇଥିଓପିଆ ପ୍ରଧାନମନ୍ତ୍ରୀ ଅବିୟ ଅହମ୍ମଦ ଏବଂ ଇଣ୍ଡୋନେସିଆ ରାଷ୍ଟ୍ରପତି ପ୍ରବୋଓ ସୁବିୟାଣ୍ଟୋଙ୍କ ସମେତ ବହୁ ଶୀର୍ଷ ନେତା ଯୋଗଦେବେ। ଏହାସହ ଆବୁଧାବି କ୍ରାଉନ୍ ପ୍ରିନ୍ସ ଶେଖ୍ ଖାଲିଦ୍ ବିନ୍ ମହମ୍ମଦ ବିନ୍ ଜାୟେଦ୍ ଅଲ୍ ନାହ୍ୟାନ୍ ଏବଂ ବ୍ରାଜିଲର ବିଦେଶ ମନ୍ତ୍ରୀ ମାଉରୋ ଭିଏରା ମଧ୍ୟ ସମ୍ମିଳନୀରେ ଅଂଶଗ୍ରହଣ କରିବେ ।

# ନେପାଳକୁ ଭାରତର ଅଷ୍ଟମ ଦଫା ରିଲିଫ୍ ସହାୟତା

**ନୂଆଦିଲ୍ଲୀ,୧୦।୯(ଏଜେନ୍ସି):**ଭୟଙ୍କର ବନ୍ୟାରେ ବିଧ୍ୱସ୍ତ ନେପାଳକୁ ଭାରତର ମାନବିକ ସହାୟତା ଜାରି ରହିଛି। ବୁଧବାର ଭାରତୀୟ ବାୟୁସେନାର ଏକ ବିମାନ ୩୫ ଟନ୍‌ରୁ ଅଧିକ ରିଲିଫ୍ ଓ ଉଦ୍ଧାର ସାମଗ୍ରୀ ନେଇ କାଠମାଣ୍ଡୁରେ ପହଞ୍ଚିଛି । ଏହା ନେପାଳକୁ ଭାରତର ଅଷ୍ଟମ ଦଫା ରିଲିଫ୍ ସହାୟତା ।ନେପାଳସ୍ଥିତ ଭାରତୀୟ ଦୂତାବାସ ଅନୁଯାୟୀ, ଭାରତ ଏପର୍ଯ୍ୟନ୍ତ ନେପାଳକୁ ୧୩୦ ଟନ୍‌ରୁ ଅଧିକ ରିଲିଫ୍ ସାମଗ୍ରୀ ଯୋଗାଇ ଦେଇଛି। ଏଥିସହ ସନ୍ଧାନ, ଉଦ୍ଧାର ଓ ଫୋରେନସିକ୍ କାର୍ଯ୍ୟରେ ସହାୟତା ପାଇଁ ୫୪ ଜଣ ବିଶେଷଜ୍ଞ କର୍ମଚାରୀଙ୍କୁ ମଧ୍ୟ ନିୟୋଜିତ କରାଯାଇଛି । ଭାରତ ପଠାଇଥିବା ରିଲିଫ୍ ସାମଗ୍ରୀ ମଧ୍ୟରେ ତମ୍ବୁ, କମ୍ବଳ, ସ୍ୱାସ୍ଥ୍ୟ କିଟ୍, ସୌର ଲ୍ୟାମ୍ପ, ଔଷଧ ଓ ବିଭିନ୍ନ ଉଦ୍ଧାର ଉପକରଣ ରହିଛି। ଅଗଷ୍ଟ ୨୬ ତାରିଖରୁ ଭାରତ ନେପାଳରେ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଆସୁଛି ।ନେପାଳ ପୁଲିସର ସୂଚନା ଅନୁଯାୟୀ, ବନ୍ୟା ପ୍ରଭାବିତ ଅଞ୍ଚଳରୁ ଏପର୍ଯ୍ୟନ୍ତ ୧,୩୬୭ଟି ମୃତଦେହ ଉଦ୍ଧାର କରାଯାଇଛି। ସେଥିମଧ୍ୟରୁ ୧୦୨ଟି ମୃତଦେହର ପରିଚୟ ଚିହ୍ନଟ ହୋଇଛି। ଅନ୍ୟ ମୃତଦେହଗୁଡ଼ିକର ପରିଚୟ ଚିହ୍ନଟ ପାଇଁ ଡିଏନ୍ଏ ନମୁନା ସଂଗ୍ରହ କରାଯାଉଛି । ମୃତଦେହ ଚିହ୍ନଟ ପ୍ରକ୍ରିୟାରେ ଭାରତ ସମେତ ବିଭିନ୍ନ ଦେଶର ଫୋରେନସିକ୍ ବିଶେଷଜ୍ଞମାନେ ନେପାଳକୁ ସହଯୋଗ କରୁଛନ୍ତି। ବନ୍ୟା ପରେ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ପ୍ରଭାବିତ ଲୋକଙ୍କୁ ଆବଶ୍ୟକ ସହାୟତା ଯୋଗାଇବାରେ ଭାରତ ଲଗାତାର ସହଯୋଗ କରୁଛି ।

# ଭାରତ ପାଖରେ ୧୯୦ ପରମାଣୁ ବୋମା

**ନୂଆଦିଲ୍ଲୀ,୧୦।୯(ଏଜେନ୍ସି):** ଗତବର୍ଷ 'ଅପରେସନ ସିନ୍ଦୂର' ପରେ ପାକିସ୍ତାନ ସହିତ ଉତ୍ତେଜନା ବୃଦ୍ଧିକୁ ଲକ୍ଷ୍ୟ କରି ଭାରତ ଏହାର ପରମାଣୁ ଅସ୍ତ୍ରଶସ୍ତ୍ର ବୃଦ୍ଧି କରିଛି ବୋଲି ଆମେରିକୀୟ ଥିଙ୍କ୍ ଟ୍ୟାଙ୍କ ଫେଡେରେସନ ଅଫ୍ ଆମେରିକୀୟ ସାଇଣ୍ଟିଷ୍ଟ (ଏଫ୍ଏଏସ୍)ର ଏକ ନୂତନ ରିପୋର୍ଟରେ ପ୍ରକାଶ କରିଛି। ରିପୋର୍ଟ ଅନୁଯାୟୀ, ଭାରତ ପାଖରେ ବର୍ତ୍ତମାନ ୧୯୦ଟି ପରମାଣୁ ଅସ୍ତ୍ର ଅଛି। ଆଗାମୀ କିଛି ବର୍ଷ ମଧ୍ୟରେ ଏହା ଆଉ ୩୫ଟି ପରମାଣୁ ଅସ୍ତ୍ର ବିକଶିତ କରିପାରେ, ଯାହା ମୋଟ ସଂଖ୍ୟା ଅସ୍ତ୍ର ସଂଖ୍ୟା ୨୨୫କୁ ବୃଦ୍ଧି କରିବ। ଏଫଏଏସ୍ ରିପୋର୍ଟ ଅନୁଯାୟୀ, ଭାରତ ସମୁଦ୍ରରେ ମଧ୍ୟ ପରମାଣୁ ଆକ୍ରମଣର ମୁକାବିଲା ପାଇଁ ନିଜର କ୍ଷମତାକୁ ମଧ୍ୟ ନିରନ୍ତର ଭାବରେ ମଜବୁତ କରୁଛି। ଭାରତ ସମୁଦ୍ରରେ ନିଜର 'ପରମାଣୁ ସୁରକ୍ଷା କବଚ' ନିର୍ମାଣ କରୁଛି। ଭାରତ ଏପ୍ରିଲ ୨୦୧୬ ରେ ଏହାର ତୃତୀୟ ସ୍ୱଦେଶୀ ପରମାଣୁ ଚାଳିତ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ବୁଡ଼ାଜାହାଜ ଆଇଏନ୍ଏସ୍ ଅରିଦମନକୁ କାର୍ଯ୍ୟକ୍ଷମ କରିଛି ।ଭାରତର



୧୯୦ଟି ପରମାଣୁ ଯୁଦ୍ଧାସ୍ତ୍ର ମଧ୍ୟରୁ ୧୬୦ରୁ ଅଧିକ ଅସ୍ତ୍ର ପୂର୍ବରୁ ଥିବା କ୍ଷେପଣାସ୍ତ୍ର ପାଇଁ ଉଦ୍ଦିଷ୍ଟ; ଅବଶିଷ୍ଟ ନୂତନ କ୍ଷେପଣାସ୍ତ୍ର ପାଇଁ ପ୍ରସ୍ତୁତ ହେଉଛି। ଏଫ୍ଏଏସ୍ ଆକଳନ କରିଛି ଯେ ଭବିଷ୍ୟତରେ ଭାରତର ପରମାଣୁ ଅସ୍ତ୍ରଶସ୍ତ୍ର ଭଣ୍ଡାର ବୃଦ୍ଧି ପାଇପାରେ। ଭାରତ ନିରନ୍ତର ଏହାର ପରମାଣୁ ଶକ୍ତିକୁ ଆଧୁନିକୀକରଣ କରୁଛି। ଗତ କିଛି ବର୍ଷ ମଧ୍ୟରେ ଅନେକ ନୂତନ ପରମାଣୁ-ସମର୍ଥ ଅସ୍ତ୍ରଶସ୍ତ୍ରକୁ ସାମରିକ ଶକ୍ତିରେ ସାମିଲ କରାଯାଇଛି। ଏହି ସମୟରେ କିଛି ନୂତନ ଅସ୍ତ୍ରଶସ୍ତ୍ର ପ୍ରଣାଳୀ ବର୍ତ୍ତମାନ ବିକାଶାଧୀନ ଅଛି। ରିପୋର୍ଟ ଅନୁଯାୟୀ, ୨୦୨୬ ଆରମ୍ଭ ସୁଦ୍ଧା ଭାରତରେ ପ୍ରାୟ ୭୩୦ କିଲୋଗ୍ରାମ ଅସ୍ତ୍ର-ଗ୍ରେଡ୍ ପ୍ଲୁଟୋନିୟମ୍ ରହିବ ବୋଲି ଆକଳନ କରାଯାଇଛି। ଏହି ପରିମାଣର ପ୍ଲୁଟୋନିୟମ୍ ୨୨୫ଟି ପର୍ଯ୍ୟନ୍ତ ଯୁଦ୍ଧାସ୍ତ୍ର ଉତ୍ପାଦନ କରିପାରିବ। ତଥାପି ରିପୋର୍ଟ ସ୍ପଷ୍ଟ କରିଛି ଯେ, ଏହା କେବଳ ଏକ ଆକଳନ; ପ୍ରକୃତ ସଂଖ୍ୟା ଯୁଦ୍ଧାସ୍ତ୍ର ଡିଜାଇନ୍ ଓ ସଂରକ୍ଷଣରେ ରଖାଯାଇଥିବା ସାମଗ୍ରୀ ଉପରେ ନିର୍ଭର କରେ। ଏଫ୍ଏଏସ୍ ରିପୋର୍ଟରେ ଅଗ୍ନି-୫ ରେ ଉନ୍ନତି ବିଷୟରେ ମଧ୍ୟ ଉଲ୍ଲେଖ କରାଯାଇଛି।

# 'ଏଭଳି ଜୀବନ ଅପେକ୍ଷା କକ୍ରୋଚ୍ ହେବା ଭଲ'

**ନୂଆଦିଲ୍ଲୀ,୧୦।୯(ଏଜେନ୍ସି):**ନିଜ ବିରୋଧରେ ଚାଲିଥିବା ଆଇନଗତ କାର୍ଯ୍ୟାନୁଷ୍ଠାନକୁ ନେଇ ପୁଣିଥରେ ମୁହଁ ଖୋଲିଛନ୍ତି ପଳାତକ ବ୍ୟବସାୟୀ ବିଜୟ ମାଲ୍ୟା । ସୋସିଆଲ ମିଡିଆରେ ପୋଷ୍ଟ କରି ସେ ନିଜକୁ ବହୁତ ଅନ୍ୟାୟର ଶିକାର ହୋଇଥିବା ଦାବି କରିବା ସହ ନିଜ ମାନସିକ ସ୍ଥିତି ନେଇ ମଧ୍ୟ ଦୁଃଖ ପ୍ରକାଶ କରିଛନ୍ତି । ମାଲ୍ୟା ତାଙ୍କ ପୋଷ୍ଟରେ ଲେଖିଛନ୍ତି ଯେ, ସେ ବହୁତ ଅନ୍ୟାୟ ସହିଛନ୍ତି ଏବଂ ଏବେ ମଧ୍ୟ ଭୋଗୁଛନ୍ତି । ଏଭଳି ପରିସ୍ଥିତିରେ ସେ ନିଜକୁ ଏକ କକ୍ରୋଚ୍ ଭଳି ଅନୁଭବ କରୁଥିବା କହିଛନ୍ତି । ଏପରିକି କକ୍ରୋଚ୍ ହୋଇଯିବାକୁ ସେ ପସନ୍ଦ କରିବେ ବୋଲି ମଧ୍ୟ ମାଲ୍ୟା ଉଲ୍ଲେଖ କରିଛନ୍ତି । ବର୍ତ୍ତମାନ ଲଣ୍ଡନରେ ରହୁଥିବା ବିଜୟ ମାଲ୍ୟା ତାଙ୍କ ବିରୋଧରେ ହୋଇଥିବା ଆଇନଗତ ପଦକ୍ଷେପକୁ ନେଇ ଏହି ପ୍ରତିକ୍ରିୟା ଦେଇଛନ୍ତି । ଅନ୍ୟ ଏକ ସୋସିଆଲ ମିଡିଆ ପୋଷ୍ଟରେ ମାଲ୍ୟା ଦାବି କରିଛନ୍ତି ଯେ, ୨୦୨୧ ମସିହାରେ ସେ ବ୍ୟାଙ୍କଗୁଡ଼ିକୁ ୧୪ ହଜାର କୋଟିରୁ ଅଧିକ ଟଙ୍କା ପରିଶୋଧ କରିଥିଲେ । ଏହି ଦାବି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ କୋର୍ଟରେ ଦାଖଲ କରାଯାଇଥିବା ସତ୍ୟପାଠରେ ମଧ୍ୟ ନିଶ୍ଚିତ ହୋଇଥିବା ସେ କହିଛନ୍ତି ।ମାଲ୍ୟା ଆହୁରି କହିଛନ୍ତି ଯେ, ଲୋକେ ତାଙ୍କ କଥାରେ ବିଶ୍ୱାସ ନ କଲେ ମଧ୍ୟ ଚଳିବ,



କିନ୍ତୁ ଉଚ୍ଚ କୋର୍ଟରେ କ'ଣ କହିଛି ତାହା ଉପରେ ଧ୍ୟାନ ଦେବା ଆବଶ୍ୟକ । ସୂଚନାଯୋଗ୍ୟ, ଅକ୍ଟୋବର ୨୦୨୫ରେ ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ଲୋକସଭାରେ କହିଥିଲେ ଯେ, ବିଜୟ ମାଲ୍ୟା ପଳାତକ ଆର୍ଥିକ ଅପରାଧୀ ଆଇନ, ୨୦୧୮ ଅନୁଯାୟୀ ପଳାତକ ଆର୍ଥିକ ଅପରାଧୀ ଘୋଷିତ ୧୫ ଜଣଙ୍କ ମଧ୍ୟରେ ଅଛନ୍ତି ।

# ପଳାତକ ହରନେକ ସିଂହଙ୍କୁ ଭାରତ ଆଣିଲା ସିବିଆଇ

**ନୂଆଦିଲ୍ଲୀ,୧୦।୯(ଏଜେନ୍ସି):** ୨୦୧୩ ମସିହାରୁ ତଦନ୍ତ ଓ ବିଚାରକୁ ଏଡାଇ ଆସୁଥିବା ପଳାତକ ହରନେକ୍ ସିଂହଙ୍କୁ ଭାରତ ଫେରାଇ ଅଣାଯାଇଛି। କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ପକ୍ଷରୁ ଏକ ପ୍ରେସ୍ ରିଲିଜରେ କୁହାଯାଇଛି ଯେ, ସିଂହକୁ ଆମେରିକାରୁ ପ୍ରତ୍ୟର୍ପଣ କରି ଭାରତ ପଠାଯାଇଥିଲା। ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ସିବିଆଇ ପକ୍ଷରୁ ସିଂହଙ୍କୁ ଗିରଫ କରାଯାଇଛି। ସିଂହ ନାଁରେ ଷଡଯନ୍ତ୍ର, ଠକେଇ, ଜାଲିଆତି, ଜାଲ କାଗଜପତ୍ର ଓ ଆଇଟି ନିୟମ ଅନ୍ତର୍ଗତ ସିବିଆଇ ୨୦୧୬ରେ ମାମଲା ପଞ୍ଜିକୃତ କରିଥିଲା ।ତଦନ୍ତରୁ ଜଣାପଡିଛି ଯେ, ୨୦୧୩ ମସିହାରେ ସିଙ୍ଗାପୁରରେ ରହୁଥିବା କିମ୍ବା କାମ କରୁଥିବା ଭାରତୀୟ ନାଗରିକମାନଙ୍କୁ ଭାରତରୁ କାର୍ଯ୍ୟ କରୁଥିବା ଠକମାନେ ନକଲି କଲ୍ ମାଧ୍ୟମରେ ଯୋଗାଯୋଗ କରୁଥିଲେ। ସେମାନେ ନିଜକୁ ସିଙ୍ଗାପୁର ଇମିଗ୍ରେସନ୍ କର୍ତ୍ତୃପକ୍ଷଙ୍କ ଅଧିକାରୀ ବୋଲି ପରିଚୟ ଦେଉଥିଲେ। ପୀଡିତମାନଙ୍କୁ ସେମାନଙ୍କର ବିମାନବନ୍ଦର ଅବତରଣ ଫର୍ମରେ ଭୁଲ ସୂଚନା ଦେଇଥିବା ଦର୍ଶାଇ ୱେଷ୍ଟର୍ଣ୍ଣ ୟୁନିଅନ୍ ମନି ଟ୍ରାନ୍ସଫର ମାଧ୍ୟମରେ ଜରିମାନା ଦେବାକୁ ବାଧ୍ୟ କରାଯାଇଥିଲା। ତଦନ୍ତରୁ ଜଣାପଡିଛି ଯେ, ସହ-ଅଭିଯୁକ୍ତ ଆଦିତ୍ୟ ଭରଦ୍ୱାଜ ଓ



ଦୀପକ ଜୈନଙ୍କ ସହ ମିଶି ହରନେକ୍ ସିଂହ ଏହି ନେଟୱାର୍କ ପରିଚାଳନା କରୁଥିଲା। ସିଂହ ମେ' ୨୦୧୩ରେ ଭାରତରୁ ପଳାୟନ କରି ଅବୈଧ ଭାବରେ ଆମେରିକାରେ ପ୍ରବେଶ କରିଥିଲା। ସିଂହ ପଳାତକ ଥିବା ବେଳେ ସହ-ଅଭିଯୁକ୍ତ ଆଦିତ୍ୟ ଭରଦ୍ୱାଜ ଓ ଦୀପକ ଜୈନ ବିରୋଧରେ ପଞ୍ଚକୁଲାର ସ୍ୱତନ୍ତ୍ର ନ୍ୟାୟିକ ମାଜଷ୍ଟ୍ରେଟ (ସିବିଆଇ ମାମଲା) ଗତବର୍ଷ ମେ ମାସରେ ଦୋଷୀ ସାବ୍ୟସ୍ତ କରିଥିଲା। ଆମେରିକାର ନ୍ୟାୟ ବିଭାଗ ମାଧ୍ୟମରେ ଆମେରିକାରେ ସମନ ଓ ଜାମିନଯୋଗ୍ୟ ୱାରେଣ୍ଟ ଜାରି ହେବା ସତ୍ତ୍ୱେ ସିଂହ ଟ୍ରାଏଲ୍ କୋର୍ଟରେ ହାଜର ହୋଇନଥିଲା। ପଞ୍ଚକୁଲାର ସିବିଆଇର ସ୍ୱତନ୍ତ୍ର ନ୍ୟାୟିକ ମାଜିଷ୍ଟ୍ରେଟ୍ ସିଂହ ବିରୋଧରେ ଏପ୍ରିଲ୍ ୨୨, ୨୦୨୪ରେ ଜାମିନବିହୀନ ଗିରଫ ପରୱାନା ଜାରି କରିଥିଲା। ସିବିଆଇ ଏହି ମାମଲାରେ ଇଣ୍ଟରପୋଲ୍ ?ର ସହାୟତା ନେଇଥିଲା।

# ବ୍ରିକ୍ସ ସମ୍ମିଳନୀ ଉପରେ ପ୍ରଶ୍ନ ଉଠାଇଲେ ଚିଦାମ୍ବରମ

**ନୂଆଦିଲ୍ଲୀ,୧୦।୯(ଏଜେନ୍ସି):**ନୂଆଦିଲ୍ଲୀରେ ୧୮ତମ ବ୍ରିକ୍ସ ଶିଖର ସମ୍ମିଳନୀ ଆରମ୍ଭ ହେବାର ଦିନକ ପୂର୍ବରୁ ଏହାକୁ ନେଇ ରାଜନୈତିକ ବିବାଦ ତେଜ ହୋଇଛି। କଂଗ୍ରେସର ବରିଷ୍ଠ ନେତା ତଥା ସାଂସଦ ପି. ଚିଦାମ୍ବରମ୍ ବ୍ରିକ୍ସ ସମେତ ବିଭିନ୍ନ ବହୁପାକ୍ଷିକ ଗୋଷ୍ଠୀରେ ଭାରତର ଅଂଶଗ୍ରହଣ ନେଇ ପ୍ରଶ୍ନ ଉଠାଇଛନ୍ତି। ତାଙ୍କ ମତରେ, ଏହି ସମ୍ମିଳନୀଗୁଡ଼ିକରୁ ଭାରତ ଏପର୍ଯ୍ୟନ୍ତ କୌଣସି ଆଖିଦୃଶିଆ ବା ଠୋସ୍ ଲାଭ ପାଇନାହିଁ। ଏହାକୁ ନେଇ ବିଜେପି ପକ୍ଷରୁ କଂଗ୍ରେସକୁ ତୀବ୍ର ସମାଲୋଚନା କରାଯାଇଛି ।ଭାରତ ଚଳିତ ବର୍ଷ ବ୍ରିକ୍ସର ଅଧ୍ୟକ୍ଷତା କରୁଛି । ୧୮ତମ ବ୍ରିକ୍ସ ଶିଖର ସମ୍ମିଳନୀ ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଅନୁଷ୍ଠିତ ହେବ। ବୁଧବାର ଚିଦାମ୍ବରମ୍ କହିଛନ୍ତି ଯେ, ଭାରତ ବ୍ରିକ୍ସ, ସାଂଘାଇ ସହଯୋଗ ସଂଗଠନ , ଜି-୨୦ ଏବଂ କ୍ୱାଡ୍ ସମେତ ଅନେକ ବହୁପାକ୍ଷିକ ଗୋଷ୍ଠୀର ସଦସ୍ୟ ରହିଛି । ତେବେ ଏହି ଗୋଷ୍ଠୀଗୁଡ଼ିକରେ ଭାରତର ଅଂଶଗ୍ରହଣରୁ ଦେଶକୁ କେତେ ଠୋସ୍ ଲାଭ ମିଳିଛି, ସେ ନେଇ ସେ ପ୍ରଶ୍ନ ଉଠାଇଛନ୍ତି ।ଚିଦାମ୍ବରମ୍ କହିଛନ୍ତି ଯେ, ଗତ



ଦୁଇ-ତିନୋଟି ବ୍ରିକ୍ସ ସମ୍ମିଳନୀରୁ କୌଣସି ଆଖିଦୃଶିଆ ସୁଫଳ ମିଳିଥିବା ସେ ଦେଖିନାହାନ୍ତି। ଆସନ୍ତା ସମ୍ମିଳନୀରେ କେତେ ଜଣ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଯୋଗଦେବେ, ତାହା ତାଙ୍କୁ ଜଣାନାହିଁ ବୋଲି ମଧ୍ୟ ସେ କହିଛନ୍ତି।

ଚିଦାମ୍ବରମ୍‌ଙ୍କ ମନ୍ତବ୍ୟକୁ ନେଇ ବିଜେପି ପକ୍ଷରୁ କଂଗ୍ରେସ ଉପରେ ପ୍ରଶ୍ନ ଉଠାଯାଇଛି। ବିଜେପି ନେତା ନଳୀନ କୋହଲି କହିଛନ୍ତି ଯେ, କୂଟନୀତିକୁ ଏକ କାରବାର ଭାବେ ଦେଖିବା ଉଚିତ ନୁହେଁ। ଚିଦାମ୍ବରମ୍ ଯେଉଁ 'ଆଖିଦୃଶିଆ ଫଳାଫଳ' ବିଷୟରେ ପ୍ରଶ୍ନ କରୁଛନ୍ତି, ସେହି ମାନଦଣ୍ଡରେ କଂଗ୍ରେସର ପୂର୍ବତନ ବୈଦେଶିକ ନୀତିକୁ ମଧ୍ୟ ପ୍ରଶ୍ନ କରାଯାଇପାରିବ ବୋଲି ସେ କହିଛନ୍ତି ।ବିଜେପିର ଜାତୀୟ ପ୍ରବକ୍ତା ପ୍ରଦୀପ ଭଣ୍ଡାରୀ ମଧ୍ୟ କଂଗ୍ରେସକୁ ସମାଲୋଚନା କରିଛନ୍ତି । ସେ ଅଭିଯୋଗ କରିଛନ୍ତି ଯେ, ଦେଶର ଉନ୍ନତି ଓ ଭାରତର ଆନ୍ତର୍ଜାତିକ ଗୁରୁତ୍ୱ ବଢ଼ିଲେ କଂଗ୍ରେସ ସର୍ବଦା ଏହାକୁ ବିରୋଧ କରିଥାଏ । ବ୍ରିକ୍ସ ସମ୍ମିଳନୀକୁ ନେଇ କଂଗ୍ରେସର ଆଭିମୁଖ୍ୟ ମଧ୍ୟ ସେହି ମାନସିକତାର ପ୍ରତିଫଳନ ବୋଲି ପ୍ରଦୀପ ଭଣ୍ଡାରୀ କହିଛନ୍ତି । ଏହି ମନ୍ତବ୍ୟକୁ ନେଇ ଏବେ ବ୍ରିକ୍ସ ସମ୍ମିଳନୀ ପୂର୍ବରୁ କଂଗ୍ରେସ ଓ ବିଜେପି ମଧ୍ୟରେ ରାଜନୈତିକ ବୟାନବାଜି ଜୋର ଧରିଛି ।

# ୧ ଲକ୍ଷ କର୍ମଚାରୀଙ୍କୁ ବାହାର କରିବ ଭୋକ୍ସୱାଗନ୍

**ନୂଆଦିଲ୍ଲୀ,୧୦।୯(ଏଜେନ୍ସି):**ବିଶ୍ୱର ଅନ୍ୟତମ ପ୍ରସିଦ୍ଧ ଜର୍ମାନ କାର ନିର୍ମାତା କମ୍ପାନୀ ଭୋକ୍ସୱାଗନ୍ ଏକ ବଡ଼ ନିଷ୍ପତ୍ତି ନେଇଛି। ଏହି ଦଶକର ଶେଷ ସୁଦ୍ଧା କମ୍ପାନୀ ପ୍ରାୟ ୧ ଲକ୍ଷ କର୍ମଚାରୀଙ୍କୁ ଛଟେଇ କରିବାକୁ ଯୋଜନା କରିଛି। ବିଶ୍ୱ ଅଟୋମୋବାଇଲ ଶିଳ୍ପ ଇତିହାସରେ ଏହାକୁ ସବୁଠାରୁ ବଡ଼ ଛଟେଇ ବୋଲି କୁହାଯାଉଛି ।କମ୍ପାନୀ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଆଉ ୫୦,୦୦୦ କର୍ମଚାରୀଙ୍କୁ କାଢ଼ିବା ପାଇଁ ଯୋଜନା କରାଯାଉଛି, ଯେତେବେଳେ କି ପୂର୍ବରୁ ୫୦,୦୦୦ କର୍ମଚାରୀଙ୍କୁ କମାଇବା ପାଇଁ ନିଷ୍ପତ୍ତି ନିଆସରିଥିଲା। ଏହିପରି ଭାବେ ମୋଟ ୧,୦୦,୦୦୦ କର୍ମଚାରୀଙ୍କ ଚାକିରି ପ୍ରଭାବିତ ହେବ, ଯାହା ଭୋକ୍ସୱାଗନ୍‌ର ବିଶ୍ୱବ୍ୟାପୀ ମୋଟ କର୍ମଚାରୀଙ୍କ ପ୍ରାୟ ୧୫ ପ୍ରତିଶତ। ଏହି ନିଷ୍ପତ୍ତିର ପ୍ରଭାବ କମ୍ପାନୀର ଅନ୍ୟ ବ୍ରାଣ୍ଡ୍ ଯେପରିକି ଅଡି ଏବଂ ପୋର୍ସ ଉପରେ ମଧ୍ୟ ପଡ଼ିପାରେ ।ଏତେ ସଂଖ୍ୟାରେ ଛଟେଇର ମୁଖ୍ୟ କାରଣ ବାବଦରେ କହିବାକୁ ଗଲେ ଚୀନ୍ ଏବଂ ଇଲେକ୍ଟ୍ରିକ୍ କାର୍ ବଜାରର ଆହ୍ୱାନ ପ୍ରମୁଖ ବୋଲି କୁହାଯାଉଛି । ବାସ୍ତବରେ ଚୀନ୍ ବଜାରରେ ସ୍ଥାନୀୟ ଇଲେକ୍ଟ୍ରିକ୍ କାର୍ କମ୍ପାନୀଗୁଡ଼ିକଠାରୁ କଠୋର ପ୍ରତିଯୋଗିତାର ସାମ୍ନା କରିବାକୁ ପଡୁଛି। ସେହିପରି ଆମେରିକା ଦ୍ୱାରା ଲଗାଯାଇଥିବା ଶୁଳ୍କ ଏବଂ ବଦଳୁଥିବା ଆନ୍ତର୍ଜାତୀୟ ବଜାର ପରିସ୍ଥିତି ଅମଧ୍ୟ ଦାୟୀ ବୋଲି କୁହାଯାଉଛି। ଏହି ଛଟେଇ ସହ ଜର୍ମାନୀରେ ଥିବା କମ୍ପାନୀର ଚାରୋଟି ପ୍ଲାଣ୍ଟ (ହାନୋଭର, ଏମଡେନ, ଜ୍ୱିକାଉ ଏବଂ ନେକାରସୁଲମ)ର ଭବିଷ୍ୟତକୁ ନେଇ ମଧ୍ୟ ଅନିଶ୍ଚିତତା ଦେଖାଦେଇଛି। ତେବେ ବର୍ତ୍ତମାନ ସୁଦ୍ଧା କୌଣସି ପ୍ଲାଣ୍ଟ ସମ୍ପୂର୍ଣ୍ଣ ବନ୍ଦ କରିବା ନେଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇ ନାହିଁ ।ଏହି ଛଟେଇ ସମ୍ପୂର୍ଣ୍ଣ ହେଲେ ଅଟୋମୋବାଇଲ ଜଗତର ପୂର୍ବ ସମସ୍ତ ରେକର୍ଡ ଭାଙ୍ଗିଦେବ। କାରଣ ୨୦୦୯ ମସିହାରେ 'ଜେନେରାଲ ମୋଟର୍ସ' ଦ୍ୱାରା କରାଯାଇଥିବା ୫୦,୦୦୦ କର୍ମଚାରୀଙ୍କ ଛଟେଇ ତୁଳନାରେ ଭୋକ୍ସୱାଗନ୍‌ର ଏହି ସଂଖ୍ୟା ପ୍ରାୟ ଦୁଇଗୁଣା ଅଟେ।



## ଜାୱା ୟେଜ୍‌ଦି ପକ୍ଷରୁ ଜାୱା ୪୨ର ବଜାର ପ୍ରବେଶ

ଭୁବନେଶ୍ୱର, ୧୦।୯ (ନି.ପ୍ର) : ଜାୱା ୟେଜଦି ମୋଟରସାଇକେଲ୍ ଜାୱା ୪୨ର ଉନ୍ମୋଚନ କରିଛି ଯାହା ବ୍ରାଣ୍ଡର ନୂତନ ଜାୱା ଅଲ୍ ଷ୍ଟାର୍ସ ଅଧ୍ୟାୟକୁ ସମ୍ପୂର୍ଣ୍ଣ କରିଛି ଏବଂ ଭାରତରେ ଆଧୁନିକ କ୍ଲାସିକ୍ ବର୍ଗର ପ୍ରତିଷ୍ଠା କରିଥିବା ମୋଟରସାଇକେଲର ସବୁଠାରୁ ବଡ ବିବର୍ତ୍ତନକୁ ସୂଚିତ କରୁଛି। ଅଲ୍ ଷ୍ଟାର୍ସ ଜାୱା ୪୨ ନୂତନ ଷ୍ଟାମ୍ପ, ଅନୁପାତ, ରିୟର ସେକ୍ସନ, ଆଲୟ ହ୍ୱିଲ୍, ସାଇଡ ପ୍ୟାନେଲ୍ ଏବଂ ଅପସ୍ୱେପ୍ଟ ଏକ୍ସଜଷ୍ଟ ସହିତ ଅଧିକ ବୋଲ୍ଡ, ସ୍ପୋର୍ଟି ଓ ଶକ୍ତିଶାଳୀ ହୋଇଛି। ଏହା ଶକ୍ତିଶାଳୀ ଜେ-ପାନ୍ଥର ଇଂଜିନକୁ ନେଇ ନିର୍ମିତ। ଜାୱା ୪୨ ଭାରତର ପ୍ରଥମ ଆଧୁନିକ କ୍ଲାସିକ୍ ରେ, ଏକ ସ୍ୱତନ୍ତ୍ର ଅଫ୍-ସେଂଟର ଇନଷ୍ଟ୍ରୁମେଂଟ ପ୍ୟାନେଲ୍ ଓ କଲର୍ ସହିତ ବ୍ରାଣ୍ଡର ଆଧୁନିକ ଯାତ୍ରା ଆରମ୍ଭ କରିଥିଲା, ଯାହା ୨୦୧୮ରେ ବ୍ୟାଘାତ ସୃଷ୍ଟି କରିଥିଲା। ଜାୱା ୪୨ ଏକ ୨୯୪.୭୨ ସିସି ସିଙ୍ଗଲ୍-ସିଲିଣ୍ଡର, ୪ ଷ୍ଟ୍ରୋକ୍, ଲିକ୍ୱିଡ କୁଲ୍ଡ ଡିଓଏଚସି ଇଂଜିନ ଦ୍ୱାରା ପରିଚାଳିତ ଯାହା ୬-ସ୍ପିଡ କନଷ୍ଟାଂଟ-ମେଶ ଗିୟରବକ୍ସ ସହ ପେୟାର ହୋଇଛି। ଏହାର ଡୁଆଲ-ଚ୍ୟାନେଲ ଏବିଏସ ୨୮୦ ଏମଏମ ଫ୍ରଂଟ ଓ ୨୪୦ ଏମଏମ ରିୟର ଡିସ୍କ ସହ କାର୍ଯ୍ୟ କରିଥାଏ। ନୂଆ ଜାୱାର ୪୨ ୧୭୯,୯୪୨ ଟଙ୍କାର ପ୍ରାରମ୍ଭିକ ମୂଲ୍ୟ (ଏକ୍ସଶୋ'ରୁମ ଦିଲ୍ଲୀ)ରେ, ୬ଟି ସ୍ୱତନ୍ତ୍ର ରଙ୍ଗରେ ଦେଶବ୍ୟାପୀ ଜାୱା ୟେଜ୍‌ଦି ଡିଲରସିପଗୁଡିକରେ ଉପଲବ୍ଧ ହେବ। ଏହି ମୋଟରସାଇକେଲ ପାଇଁ ଏବେ ବୁକିଂ ଖୋଲା ରହିଛି ଏବଂ ଅଲ୍ ଷ୍ଟାର୍ସ ଜାୱା ୪୨ର ଡେଲିଭରି ଉତ୍ସବ ଋତୁ ଆରମ୍ଭରୁ ଅର୍ଥାତ୍ ସେପ୍ଟେମ୍ବର ୧୪ ତାରିଖ ୨୦୨୬ରୁ ଆରମ୍ଭ ହେବ। କ୍ଲାସିକ୍ ଲିଜେଣ୍ଡସ୍‌ର ସହ-ପ୍ରତିଷ୍ଠାତା ଅନୁପମ ଥରେଜା କହିଛନ୍ତି, 'ଜାୱା ୪୨ ଭାରତର ଆଧୁନିକ କ୍ଲାସିକ୍ ବର୍ଗ ଲଂଚ୍ କରିବାରେ ସାହାଯ୍ୟ କରିଥିଲା। ଜାୱା ୪୨ର କାର୍ଯ୍ୟଦକ୍ଷତାକୁ ପରିତ୍ୟାଗ ନକରି ଏବଂ



ଆଜିର ରାଇଡରଙ୍କ ପାଇଁ ଏହାର ଅର୍ଥ କ'ଣ ହେବା ଉଚିତ ତାହାକୁ ଅନୁସରଣ କରି, ଅଲ୍ ଷ୍ଟାର୍ସ ୪୨ ସେହି ସମାନ ପ୍ରବୃତ୍ତିକୁ ଆଗକୁ ବିସ୍ତାର କରିଛି।' ଜାୱା ଅଲଷ୍ଟାର୍ସ ୪୨କୁ ଉନ୍ନତ ସଡକ ଉପସ୍ଥିତି ଆଧାରରେ ଡିଜାଇନ୍ କରାଯାଇଛି। ଏହାର ରିୟର ସେକ୍ସନରେ ପ୍ରଶସ୍ତ ରିୟର ଫେଣ୍ଡର ଓ ଏକ ନୂଆ ୧୫୦/୭୦-୧୭ ରିୟର ଟାୟାର ରହିଥିବା ବେଳେ ଏଥିରେ ବର୍ଦ୍ଧିତ କୁଶନିଂ ସହ ୭୯୦-ଏମଏମ୍ ଉଚ୍ଚ ସ୍କଲପ୍ଟେଡ ସିଟ୍ ରହିଛି ଓ ଜାୱା ୪୨ର ଫ୍ଲାଟ୍, ବେଂଚ୍ ଭଳି ପ୍ରୋଫାଇଲକୁ ବଜାୟ ରଖାଯାଇଛି।

## ୩୨ତମ ଗୁରୁ କେଲୁଚରଣ ମହାପାତ୍ର ପୁରସ୍କାର ଉତ୍ସବ ସମାପନ

ଭୁବନେଶ୍ୱର,୧୦।୯ (ନି.ପ୍ର) : ପୂଜ୍ୟ ଗୁରୁ କେଲୁଚରଣ ମହାପାତ୍ରଙ୍କ ଜନ୍ମ ଶତବାର୍ଷିକୀ ବର୍ଷ ଭାବେ ୨୦୨୬କୁ ସ୍ମରଣୀୟ କରିବା ସହ କଳାତ୍ମକ ଉତ୍କର୍ଷର ଅନ୍ୱେଷଣରେ ୩୨ଟି ଗୌରବମୟ ବର୍ଷ ପୂରଣ କରିଥିବା ପାଞ୍ଚଦିନିଆ ସାଂସ୍କୃତିକ ମହୋତ୍ସବ, ୩୨ତମ ଗୁରୁ କେଲୁଚରଣ ମହାପାତ୍ର ପୁରସ୍କାର ଉତ୍ସବ ୨୦୨୬, ସୃଜନ - ଗୁରୁ କେଲୁଚରଣ ମହାପାତ୍ର ଓଡ଼ିଶୀନୃତ୍ୟବାସ, ଭୁବନେଶ୍ୱରଦ୍ୱାରା ଶ୍ରୀ ଶ୍ରୀବିଶ୍ୱବିଦ୍ୟାଳୟ, କଟକର ସହଯୋଗରେ ଆୟୋଜିତ ହୋଇ, ବହୁ ପ୍ରତୀକ୍ଷିତ ପୁରସ୍କାର ପ୍ରଦାନ ସମାରୋହ ଏବଂ ଏହା ପରେ ଗୁରୁ ରତିକାନ୍ତ ମହାପାତ୍ରଙ୍କ କଳାତ୍ମକ ନିର୍ଦ୍ଦେଶନା ଓ ଦୃଷ୍ଟିକୋଣରେ ସୃଜନ ଅନୁଷ୍ଠାନର ଭବ୍ୟ ସମାପନୀ ପ୍ରସ୍ତୁତି ସହ ସମାପ୍ତ ହୋଇଛି। ପୂର୍ବଦିନଗୁଡ଼ିକ ଭଳି, ସନ୍ଧ୍ୟାର କାର୍ଯ୍ୟକ୍ରମ ସମ୍ମାନନୀୟ ଅତିଥି ଓ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ଉପସ୍ଥିତିରେ ଠିକ୍ ସନ୍ଧ୍ୟା ୭ଟାରେ ମଙ୍ଗଳମୟ ଦୀପ ପ୍ରଜ୍ୱଳନ ସହ ଆରମ୍ଭ ହୋଇଥିଲା। ସୃଜନର ନିର୍ଦ୍ଦେଶକ ଏବଂ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର କଳା, ଯୋଗାଯୋଗ ଓ ଇଣ୍ଡିକ୍ ଷ୍ଟଡିଜ୍ ଅନୁଶାସନର ଡିନ୍ ଗୁରୁ ରତିକାନ୍ତ ମହାପାତ୍ର ଅଭିଭାଷଣ ପ୍ରଦାନ କରି ସମସ୍ତ ଅତିଥି ଓ ଦର୍ଶକଙ୍କୁ ସ୍ୱାଗତ କରିଥିଲେ। ଏହାପରେ ବିଶିଷ୍ଟ ଅତିଥିମାନେ ପୁରସ୍କାରପ୍ରାପ୍ତମାନଙ୍କୁ ସମ୍ମାନିତ କରିବା ସହ ପୁରସ୍କାର ପ୍ରଦାନ ସମାରୋହ ଆରମ୍ଭ ହୋଇଥିଲା। ଏହି ବର୍ଷ, ଶାସ୍ତ୍ରୀୟ ନୃତ୍ୟ, ସଙ୍ଗୀତ, ଥିଏଟର ଏବଂ ସିନେମା କ୍ଷେତ୍ରରେ ଆଜୀବନ ସାଧନା ଓ ଅପାର ଅବଦାନ ପାଇଁ ଚାରିଜଣ ପ୍ରତିଷ୍ଠିତ ବ୍ୟକ୍ତିତ୍ୱଙ୍କୁ ଗୁରୁ କେଲୁଚରଣ ମହାପାତ୍ର ପୁରସ୍କାର ୨୦୨୬ ପ୍ରଦାନ କରାଯାଇଥିଲା। ୧ ଲକ୍ଷଟଙ୍କା ଏବଂ ଏକ ମାନପତ୍ର ସମ୍ବଳିତ ଏହି ପୁରସ୍କାର ନୃତ୍ୟ ପାଇଁ ଗୁରୁ ଶାରନ୍ ଲୋଏନ୍, ସଙ୍ଗୀତ ପାଇଁ ଗୁରୁ କେଶବ ଚନ୍ଦ୍ର ରାଉତ, ଥିଏଟର ପାଇଁ ଶ୍ରୀ ଧୀରେନ୍ଦ୍ରନାଥ ମଲ୍ଲିକ୍ ଏବଂ ସିନେମା ପାଇଁ ଶ୍ରୀମତୀ ମହାଶ୍ୱେତା ରାୟଙ୍କୁ ପ୍ରଦାନ କରାଯାଇଥିଲା। ପ୍ରତ୍ୟେକ ପୁରସ୍କାରପ୍ରାପ୍ତ ବ୍ୟକ୍ତି ସମ୍ମାନ ଗ୍ରହଣ କରିବା ପରେ ନିଜର ଅନୁଭବ ଓ ପ୍ରତିଫଳନର ଭାଷଣ ପ୍ରଦାନ କରିଥିଲେ, ଯାହା ଏହି ବିଶିଷ୍ଟ ବ୍ୟକ୍ତିତ୍ୱମାନଙ୍କ କୃତିକୁ ଭଲପାଉଥିବା ଦର୍ଶକଙ୍କ ପାଇଁ ଏକ ସ୍ମରଣୀୟ ଅନୁଭୂତି ଥିଲା। ଦ୍ୱିତୀୟ ବର୍ଷରେ ପ୍ରବେଶ କରିଥିବା ଗୁରୁ କେଲୁଚରଣ ମହାପାତ୍ର କଳା ସମ୍ମାନ ୨୦୨୬ - ୨୦୨୫ରେ ଗୁରୁ ରତିକାନ୍ତ ମହାପାତ୍ରଙ୍କ ଦ୍ୱାରା ୪୦-୫୫ ବର୍ଷ ବୟସର ପ୍ରତିଷ୍ଠିତ କଳାକାରମାନଙ୍କୁ ୫୦ ହଜାରଟଙ୍କା ଏବଂ ଏକ ମାନପତ୍ର



ସମ୍ବଳିତ ଏହି ପୁରସ୍କାର ବାଦ୍ୟଯନ୍ତ୍ର (ବେହେଲା) ପାଇଁଶ୍ରୀ ଅଗ୍ନିମିତ୍ର ବେହେରା ଏବଂ ସଙ୍ଗୀତ (କଣ୍ଠ) ପାଇଁ ଡକ୍ଟରନାଜିଆଆଲମଙ୍କୁ ପ୍ରଦାନ କରାଯାଇଥିଲା। ୪୦ ବର୍ଷରୁ କମ୍ ବୟସର ଚାରିଜଣ କଳାକାରଙ୍କୁ ସ୍ୱୀକୃତି ଦେଇ, ୨୫ ହଜାରଟଙ୍କା ନଗଦ ପୁରସ୍କାର ଏବଂ ଏକ ମାନପତ୍ର ସମ୍ବଳିତ ଗୁରୁ କେଲୁଚରଣ ମହାପାତ୍ର ଯୁବ ପ୍ରତିଭା ସମ୍ମାନ ୨୦୨୬, ସୁଶ୍ରୀ ବୃନ୍ଦା ଚଡ୍ଢା (ଓଡ଼ିଶୀ ନୃତ୍ୟ), ସୁଶ୍ରୀ ଐଶ୍ୱର୍ଯ୍ୟା ସିଂହଦେଓ (ଓଡ଼ିଶୀ ନୃତ୍ୟ), ଡକ୍ଟର ନିକିତା ବନାୱଲିକର (କଥକ) ଏବଂ ଶ୍ରୀ ସୌମ୍ୟ ରଞ୍ଜନ ନାୟକ (ଓଡ଼ିଶୀ ସଙ୍ଗୀତ -ମର୍ଦ୍ଦଳ)ଙ୍କୁ ପ୍ରଦାନ କରାଯାଇଥିଲା। ପୁରସ୍କାର ପ୍ରଦାନ ପରେ ସନ୍ଧ୍ୟାର ବିଶିଷ୍ଟ ଅତିଥିଏକାମ୍ର-ଭୁବନେଶ୍ୱରର ମାନ୍ୟବର ବିଧାୟକ ଶ୍ରୀ ବାବୁ ସିଂହଏବଂମାନ୍ୟବର ଉପମୁଖ୍ୟମନ୍ତ୍ରୀ, ଓଡ଼ିଶା ଶ୍ରୀ କେ. ଭି. ସିଂହଦେଓଙ୍କ ଦ୍ୱାରା ଅଭିଭାଷଣ ପ୍ରଦାନ କରାଯାଇଥିଲା, ଯେଉଁଥିରେ ସେମାନେ ଉତ୍ସବର ଐତିହ୍ୟ ଏବଂ ଭାରତ ଓ ଓଡ଼ିଶାର ସମୃଦ୍ଧ ପରମ୍ପରା ଓ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣରେ ସୃଜନର ଅବଦାନକୁ ପ୍ରଶଂସା କରିଥିଲେ। ସୃଜନ ଅନୁଷ୍ଠାନର ଗୁରୁ ରତିକାନ୍ତ ମହାପାତ୍ରଙ୍କ ଅଭିନବ ନୃତ୍ୟରଚନା ମାଟି, ଯାହା ପ୍ରସିଦ୍ଧ ଓଡ଼ିଆ କବି ଶ୍ରୀ ରାଧା ମୋହନ ଗଡ଼ନାୟକଙ୍କ କୃତିରୁ ପ୍ରେରିତ ଏବଂ ସ୍ୱର୍ଗତ ଶ୍ରୀ ଜୟଦେବ ଦାସଙ୍କ ଦ୍ୱାରାଲେଖାଅନୁକୂଳନ କରାଯାଇଥିଲା। ଏହି ପ୍ରସ୍ତୁତିର ସଙ୍ଗୀତ ଗୁରୁ ଲକ୍ଷ୍ମୀକାନ୍ତ ପାଲିତଙ୍କଦ୍ୱାରା ରଚିତ ଏବଂ ସ୍ୱର୍ଗତ ଶ୍ରୀ ତାରାକାନ୍ତ ପଣ୍ଡାଙ୍କ ଦ୍ୱାରା ସଙ୍ଗୀତ ସଂଯୋଜନା କରାଯାଇଥିଲା। ଶ୍ରୀ ଦେବୀପ୍ରସାଦ ମିଶ୍ର ଏବଂ ଶ୍ରୀ ଡି. ଧିଲିପ କୁମାରଙ୍କ ଉଜ୍ଜ୍ୱଳ ଓ ସୃଜନଶୀଳ ଆଲୋକ ନିର୍ମାଣ ଏବଂ ପରିଚାଳନା ଦ୍ୱାରା ମାଟି ଆଲୋକିତ ହୋଇଥିଲା।

## ଆମାଜନ ଇଣ୍ଡିଆର ବିକ୍ରେତାଙ୍କ ସଂଖ୍ୟା ୨୦ ଲକ୍ଷକୁ ବୃଦ୍ଧି

ଭୁବନେଶ୍ୱର, ୧୦।୯ (ନି.ପ୍ର) : ଆମାଜନ ଇଣ୍ଡିଆ ଆଜି ଏହାର ବିକ୍ରେତା (ସେଲର) ସଂଖ୍ୟା ୨୦ ଲକ୍ଷ ମାଇଲଖୁଣ୍ଟ ଅତିକ୍ରମ କରିଥିବା ସମ୍ପର୍କରେ ଘୋଷଣା କରିଛି। ଏଥିସହିତ ୩ ଲକ୍ଷରୁ ଅଧିକ ନୂଆ ବିକ୍ରେତା ଏହି ମାର୍କେଟପ୍ଲେସରେ ଯୋଗ ଦେଇଛନ୍ତି ଯାହା ବାର୍ଷିକ ଆଧାରରେ ବିକ୍ରେତା ସଂଖ୍ୟାରେ ସବୁଠାରୁ ବଡ ବୃଦ୍ଧିକୁ ଦର୍ଶାଉଛି। ଏହି ବିକ୍ରେତାଙ୍କ ମଧ୍ୟରେ ଟିୟର ୩ ସହରଗୁଡିକର ପ୍ରଥମ ପିଢିର ଉଦ୍ୟୋଗୀଙ୍କଠାରୁ ଆରମ୍ଭ କରି ହଜାର ହଜାର ସଂଖ୍ୟାର ଷ୍ଟକ୍ କିପିଙ୍ଗ ୟୁନିଟ୍ (ଏସକେୟୁ ସମୂହ) ପରିଚାଳନା କରୁଥିବା ପ୍ରତିଷ୍ଠିତ ବ୍ରାଣ୍ଡ ପର୍ଯ୍ୟନ୍ତ, ସବୁ ସ୍ତରର ବ୍ୟବସାୟୀ ଏହି ବର୍ଦ୍ଧିତ ବିକ୍ରେତା ସମୁଦାୟର ଅଂଶ ହୋଇଛନ୍ତି। ବିକ୍ରେତାମାନେ ପାର୍ବଣ ଋତୁ ପାଇଁ ପ୍ରସ୍ତୁତ ହେଉଥିବା ବେଳେ ଆମାଜନ ପକ୍ଷରୁ ଆମାଜନ.ଇନରେ ବିକ୍ରି ପ୍ରକ୍ରିୟାକୁ ଅଧିକ ସରଳ ଓ ସୁଗମ କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ଆମାଜନର ବିକ୍ରେତା ସଂଖ୍ୟା ବୃଦ୍ଧି ପଛରେ କମ୍ ବିକ୍ରି ଫି, ଏଆଇ ଚାଳିତ ଉପକରଣ ଜରିଆରେ ସରଳ ବିକ୍ରୟ ପ୍ରକ୍ରିୟା, କ୍ରିଏଟିଭ ବିଜ୍ଞାପନ ଏବଂ ଫୁଲଫିଲମେଂଟ ତଥା ବିତରଣ ନେଟୱର୍କରେ ନିରଂର ନିବେଶର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଚଳିତ ବର୍ଷ ଆରମ୍ଭରେ ଆମାଜନର ଫି ସଂଶୋଧନ ଫଳରେ ୧୨.୫ କୋଟିରୁ ଅଧିକ ଉତ୍ପାଦ ଉପରେ ଶୂନ୍ୟ ରେଫରାଲ ଫି ଲାଗୁ କରାଯାଇଥିଲା, ଯାହା ଦେଶବ୍ୟାପୀ ଉଦ୍ୟୋଗୀଙ୍କ ପାଇଁ ବିକ୍ରି ଖର୍ଚ୍ଚ ହ୍ରାସ କରିଛି।




ଏ ସମ୍ପର୍କରେ ଆମାଜନ ଇଣ୍ଡିଆର ସେଲିଂ ପାର୍ଟନର ସର୍ଭିସେସ ବିଭାଗର ଅରୁଣା ଦାର୍ଯ୍ୟାନାନୀ କହିଛନ୍ତି, 'ଆମର ନିରନ୍ତର ପ୍ରୟାସ ହେଉଛି ଆମାଜନ ଡଟ୍ ଇନକୁ ସବୁ ଆକାରର ବିକ୍ରେତାଙ୍କ ପାଇଁ ବିକ୍ରି କରିବାର ସର୍ବୋତମ ସ୍ଥାନ ଭାବେ ପ୍ରସ୍ତୁତ କରିବା। ଫି' ହ୍ରାସ କରିବା ହେଉ କିମ୍ବା ଦୈନନ୍ଦିନ କାର୍ଯ୍ୟକୁ ସରଳ କରୁଥିବା ଏଆଇ-ପରିଚାଳିତ ଉପକରଣ ପ୍ରସ୍ତୁତ କରିବା କିମ୍ବା ବିକ୍ରେତାଙ୍କୁ ଭଲ ନିଷ୍ପତି ନେବାରେ ସାହାଯ୍ୟ କରିବା ପାଇଁ ତଥ୍ୟ-ଆଧାରିତ ସୂଚନା ପ୍ରଦାନ କରିବା, ଆମେ ବିକ୍ରୟ ପ୍ରକ୍ରିୟାକୁ ଅଧିକ ସରଳ ଓ ସୁଗମ କରିବା ଉପରେ ଗୁରୁତ୍ୱ ଦେଉଛୁ। ୨୦ ଲକ୍ଷ ବିକ୍ରେତା ସଂଖ୍ୟାରେ ପହଂଚିବା ସହିତ ଭାରତର ଉଦ୍ୟୋଗୀମାନେ ଆମାଜନ ଡଟ୍ ଇନ ଉପରେ ରଖିଥିବା ବିଶ୍ୱାସର ଏହା ଏକ ଦୃଢ ପ୍ରତିଫଳନ ଅଟେ।

## କେରେଫୋରର ମହତ୍ୱାକାଂକ୍ଷୀ ପ୍ରବେଶ ସହିତ ଆପାରେଲ ଗ୍ରୁପ ଭାରତର ରିଟେଲ ଦୃଶ୍ୟପଟକୁ ନୂତନ ରୂପ ଦେଇଛି

ଭୁବନେଶ୍ୱର,୧୦।୯ (ନି.ପ୍ର) : ଏକ ଅଗ୍ରଣୀ ଫ୍ୟାଶନ ଏବଂ ଲାଇଫଷ୍ଟାଇଲ୍ ରିଟେଲ ସମୂହ ଆପାରେଲ ଗ୍ରୁପ, ଗ୍ରେଟର ନୋଏଡା ୱେଷ୍ଟର ଏଚଏଣ୍ଡଏସ ମଲ୍, ବୁଲେଭାର୍ଡ ୱାକ୍‌ରେ ପ୍ରସିଦ୍ଧ ରିଟେଲରର ପ୍ରଥମ ଫ୍ଲାଗସିପ୍ ଷ୍ଟୋର ଉଦଘାଟନ ସହିତ ଭାରତରେ କେରେଫୋରର ପ୍ରବେଶକୁ ଘୋଷଣା କରିଛି, ଯାହା ବିଶ୍ୱର ସବୁଠାରୁ ଗତିଶୀଳ ଉପଭୋକ୍ତା ବଜାରଗୁଡ଼ିକ ମଧ୍ୟରୁ ଗୋଟିଏ ଭାରତରେ ଉଭୟ ବ୍ୟବସାୟ ପାଇଁ ଏକ ମହତ୍ୱାକାଂକ୍ଷୀ ନୂତନ ଅଧ୍ୟାୟର ଆରମ୍ଭକୁ ଚିହ୍ନିତ କରେ। ଏହି ଅବସରରେ କେରେଫୋରର ଏକଜେକ୍ୟୁଟିଭ ଡିରେକ୍ଟର - ଇଂଟରନ୍ୟାସନାଲ ପାର୍ଟନରସିପ୍, ଶ୍ରୀ ପାଟ୍ରିକ ଲାସଫାର୍ଗ କହିଲେ, 'ଆଜିର ଲଂଚ କେରେଫୋର ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ଅଟେ। ଆମେ ଭାରତକୁ ଦୃଢ଼ ଅର୍ଥନୈତିକ ମୂଳଦୁଆ, ଦ୍ରୁତ ଗତିରେ ବିକଶିତ ହେଉଥିବା ରିଟେଲ ଦୃଶ୍ୟପଟ ଏବଂ ବିପୁଳ ଦୀର୍ଘକାଳୀନ ସମ୍ଭାବନା ଦ୍ୱାରା ସମର୍ଥିତ ବିଶ୍ୱର ସବୁଠାରୁ ଗତିଶୀଳ ଉପଭୋକ୍ତା ବଜାରଗୁଡ଼ିକ ମଧ୍ୟରୁ ଗୋଟିଏ ଭାବେ ଦେଖୁ। ଆପାରେଲ ଗ୍ରୁପ ସହିତ ଆମର ସହଭାଗିତା କେରେଫୋରର ବିଶ୍ୱବ୍ୟାପୀ ଦକ୍ଷତାକୁ ଗଭୀର ସ୍ଥାନୀୟ ବଜାର ଜ୍ଞାନ ସହିତ ଆଣିଥାଏ, ଯାହା ସ୍ଥାୟୀ ବିକାଶ ପାଇଁ ଏକ ଦୃଢ଼ ପ୍ଲାଟଫର୍ମ ସୃଷ୍ଟି କରେ।




ଆପକ୍ରୋପ ହୋଲ୍ଡିଂର ଚେୟାରମ୍ୟାନ, ଆପାରେଲ ଗ୍ରୁପର ମାଲିକ ଏବଂ କୋରା ପ୍ରୋପର୍ଟିଜର ପ୍ରତିଷ୍ଠାତା ଶ୍ରୀ ନିଲେଶ ଭେଦ କହିଲେ: 'ଭାରତରେ କେରେଫୋରର ପ୍ରବେଶ ଏକ ପ୍ରତିଷ୍ଠିତ ରିଟେଲରର ଆଗମନଠାରୁ ଅଧିକ କିଛି। ଏହା ଭାରତର ଅସାଧାରଣ ସମ୍ଭାବନାରେ ଆମର ବିଶ୍ୱାସ ଏବଂ ଏହାର ରିଟେଲ ଦୃଶ୍ୟପଟର ପରବର୍ତୀ ଅଧ୍ୟାୟକୁ ଆକାର ଦେବାରେ ସାହାଯ୍ୟ କରିବାର ଆମର ମହତ୍ୱାକାଂକ୍ଷାକୁ ପ୍ରତିଫଳିତ କରିଛି। ଏହି ଉଦଘାଟନ ଆପାରେଲ ଗ୍ରୁପର ଭାରତ ବିକାଶ ଯାତ୍ରା ଏବଂ ଖାଦ୍ୟ ଓ ହାଇପରମାର୍କେଟ ରିଟେଲରେ ଏହାର ବିସ୍ତାରରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ଅଟେ। କେରେଫୋରର ଅଂର୍ଜାତୀୟ ରିଟେଲ ଦକ୍ଷତା ଏବଂ ଆପାରେଲ ଗ୍ରୁପର ଭାରତୀୟ ବଜାର ବିଷୟରେ ଗଭୀର ବୁଝାମଣାକୁ ଏକାଠି ଆଣି, ଏହି ସହଭାଗିତା ଗୁଣବତା, ମୂଲ୍ୟ, ସୁବିଧା ଏବଂ ଭାରତୀୟ ଉପଭୋକ୍ତାଙ୍କ ବଢୁଥିବା ଆକାଂକ୍ଷା ଚାରିପାଖରେ ନିର୍ମିତ ଆଧୁନିକ ରିଟେଲର ନୂତନ ପିଢ଼ି ପାଇଁ ମୂଳଦୁଆ ପକାଏ। ୫୦,୦୦୦+ ବର୍ଗଫୁଟରୁ ଅଧିକ ବିସ୍ତାରିତ ଗ୍ରେଟର ନୋଏଡା ଫ୍ଲାଗସିପ୍ ଷ୍ଟୋର, ସ୍ଥାନୀୟ ବଜାର ପାଇଁ ଚିନ୍ତାପୂର୍ଣ୍ଣ ଭାବେ ଅନୁକୂଳିତ ଏକ ପ୍ରସ୍ତାବ ମାଧ୍ୟମରେ କେରେଫୋରର ପ୍ରତିଷ୍ଠିତ ରିଟେଲ ଅନୁଭୂତିକୁ ଭାରତରେ ପରିଚିତ କରାଏ। ଷ୍ଟୋରରେ ବିଶେଷ ଅନ୍ତର୍ଜାତୀୟ ଉତ୍ପାଦ ସହିତ ୧୫,୦୦୦+ ରୁ ଅଧିକ ଝକଟ ରହିଛି, ଏହା ସହିତ ତାଜା ପନିପରିବା, ମୁଦିଖାନା, ବେକରି, ଘରୋଇ ଆବଶ୍ୟକତା ଏବଂ ପର୍ସନାଲ କେୟାରରେ ସ୍ଥାନୀୟ ଭାବେ ସଂଗ୍ରହିତ ଉତ୍ପାଦର ବିସ୍ତୃତ ଚୟନ ମଧ୍ୟ ରହିଛି। ବଢୁଥିବା ଉପଭୋକ୍ତା ଆକାଂକ୍ଷା, ସହରୀକରଣ ଏବଂ ସଂଗଠିତ ରିଟେଲର ନିରନ୍ତର ବିକାଶ ଦ୍ୱାରା ପରିଚାଳିତ, ଭାରତ ଆଧୁନିକ ରିଟେଲରେ ସବୁଠାରୁ ଆକର୍ଷଣୀୟ ବିକାଶ ସୁଯୋଗଗୁଡ଼ିକ ମଧ୍ୟରୁ ଗୋଟିଏ ଅଟେ। ୨୦୩୦ ସୁଦ୍ଧା ଏହି କ୍ଷେତ୍ର ୨.୩୬ ଟ୍ରିଲିୟନ ଆମେରିକୀୟ ଡଲାରକୁ ଅତିକ୍ରମ କରିବ ବୋଲି ଆକଳନ। ଆପାରେଲ ଗ୍ରୁପ ଏବଂ କେରେଫୋର ଠିକ୍ ସେହି ମଡେଲ ନିର୍ମାଣ କରିବାକୁ ଲକ୍ଷ୍ୟ ରଖିଛନ୍ତି।

## ୧୨ରେ ଟିପିଏସ୍‌ଓଡିଏଲ୍ ଉପଭୋକ୍ତାଙ୍କ ନିମନ୍ତେ ଲୋକ ଅଦାଲତ

ବ୍ରହ୍ମପୁର, ୧୦।୯ (ନି.ପ୍ର) : ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍(ଟିପିଏସ୍‌ଓଡିଏଲ୍) ପକ୍ଷରୁ ଆସନ୍ତା ୧୨ ତାରିଖ ଶନିବାର ଦିନ ତୃତୀୟ ଜାତୀୟ ଲୋକ ଅଦାଲତ ଓ ପ୍ରବର୍ତ୍ତନ ସମାଧାନ ଶିବିର ଅନୁଷ୍ଠିତ ହେବ। ଉପଭୋକ୍ତାଙ୍କ ଦ୍ୱାରା ଅନଧିକୃତ ବିଦ୍ୟୁତ ବ୍ୟବହାର ତଥା ବିଦ୍ୟୁତ ଚୋରି ସମ୍ବନ୍ଧୀୟ ମାମଲାର ସମାଧାନ ନିମନ୍ତେ ଏହି ଶିବିରର ଆୟୋଜନ କରାଯାଉଛି। ଏଠାରେ ଦୀର୍ଘ ଦିନ ଧରି ବିଚାରାଧୀନ ଥିବା ମାମଲାଗୁଡ଼ିକର ଏକକାଳୀନ ସମାଧାନ କରାଯିବ। ଗଞ୍ଜାମ, ଗଜପତି, କନ୍ଧମାଳ, ବୌଦ୍ଧ, କୋରାପୁଟ, ରାୟଗଡା, ମାଲକାନଗିରି ଓ ନବରଙ୍ଗପୁର ଜିଲ୍ଲାର ସମସ୍ତ ଟିପିଏସ୍‌ଓଡିଏଲ୍ ଡିଭିଜନ୍, ସବ୍-ଡିଭିଜନ୍, ସେକ୍ସନ ଅଫିସ ଓ ନିର୍ଦ୍ଦିଷ୍ଟ କୋର୍ଟ ପରିସରରେ ଏକକାଳୀନ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏହି ଶିବିରଗୁଡ଼ିକ ସକାଳ ୯ଟାରୁ ଆରମ୍ଭ ହେବ। ଉପଭୋକ୍ତାମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ ପହଞ୍ଚି ମାର୍ଗଦର୍ଶନ ଓ ସହାୟତା ପାଇପାରିବେ। ଟିପିଏସ୍‌ଓଡିଏଲର ଏଭଳି ପଦକ୍ଷେପ ଦାୟିତ୍ୱପୂର୍ଣ୍ଣ ବିଜୁଳି ବ୍ୟବହାରକୁ ପ୍ରୋତ୍ସାହିତ କରିବା ସହ କାର୍ଯ୍ୟାନ୍ୱୟନ ସମ୍ବନ୍ଧୀୟ ମାମଲାଗୁଡ଼ିକର ସମାଧାନକୁ ଶୃଙ୍ଖଳିତ କରିବାରେ ସହାୟକ ହେବ। ବିଜୁଳି ବ୍ୟବହାରରେ ସ୍ୱଚ୍ଛତା ଓ ନିୟମିତତା ରକ୍ଷା ହେବା ସହ ଉପଭୋକ୍ତା ଅନୁକୂଳ ବ୍ୟବସ୍ଥା ସ୍ଥାପିତ ହୋଇପାରିବ। ପ୍ରବର୍ତ୍ତନ ଅଧିକାରୀ, ଆଇନ ବିଶେଷଜ୍ଞ ଓ ଉପଭୋକ୍ତା ସହାୟତା କର୍ମଚାରୀମାନଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ଦଳ ଲୋକ ଅଦାଲତରେ ଉପସ୍ଥିତ ରହି ଉପଭୋକ୍ତାମାନଙ୍କୁ ଆନୁଷଙ୍ଗିକ ସହାୟତା ପ୍ରଦାନ କରିବେ। ଲୋକ ଅଦାଲତ ସମ୍ପର୍କିତ ସବିଶେଷ ସୂଚନା, ଯେପରି, ଜିଲାୱାରୀ ବ୍ୟବସ୍ଥା, ଯୋଗ୍ୟ ମାମଲାର ବର୍ଗୀକରଣ, ପର୍ଯ୍ୟାୟ କ୍ରମେ ମାର୍ଗଦର୍ଶନ ଇତ୍ୟାଦି, ଟିପିଏସ୍‌ଓଡିଏଲର କାର୍ଯ୍ୟାଳୟରେ ମିଳିବ। ଗ୍ରାହକମାନେ ଅତିରିକ୍ତ ସୁବିଧା ନିମନ୍ତେ କମ୍ପାନୀର ଗ୍ରାହକ ସମ୍ପର୍କ କେନ୍ଦ୍ର ସହ ଯୋଗାଯୋଗ କରିପାରିବେ। ଟିପିଏସ୍‌ଓଡିଏଲ୍ ନିଜର ସମସ୍ତ ଗ୍ରାହକମାନଙ୍କୁ ଏହି ସୁଯୋଗର ଲାଭ ଉଠାଇବାକୁ ନିବେଦନ କରୁଛି। ଲୋକ ଅଦାଲତରେ ମାମଲାର ସମାଧାନ କରି ଉପଭୋକ୍ତାମାନେ ଗୁଣାତ୍ମକ ବିଜୁଳି ସେବା ପାଇପାରିବେ। ଏହାଦ୍ୱାରା ସମଗ୍ର ଦକ୍ଷିଣ ଓଡ଼ିଶାରେ ଉପଭୋକ୍ତା ଅନୁକୂଳ ତଥା ସୁରକ୍ଷିତ ବିଜୁଳି ସେବା ଯୋଗାଣ ସୁନିଶ୍ଚିତ ହୋଇପାରିବ। କମ୍ପାନୀ ଏହି ଲୋକ ଅଦାଲତ ଶିବିର ମାଧ୍ୟମରେ ଉପଭୋକ୍ତାକୈନ୍ଦ୍ରିକ ସେବା ସାଙ୍ଗକୁ ଆଇନଗତ ବିଦ୍ୟୁତ ବ୍ୟବହାରର ସଂସ୍କୃତିକୁ ପ୍ରୋତ୍ସାହିତ କରିବା ଦିଗରେ ପ୍ରତିଶ୍ରୁତିବଦ୍ଧ ରହିଛି।

## ନନ୍ଦ ଘର ପକ୍ଷରୁ 'ନନ୍ଦ ଘର୍ କା ମିଶନ, ସମ୍ପୂର୍ଣ୍ଣ ପୋଷଣ'ର ଶୁଭାରମ୍ଭ

ଭୁବନେଶ୍ୱର, ୧୦।୯ (ନି.ପ୍ର) : ୯ମ ରାଷ୍ଟ୍ରୀୟ ପୋଷଣ ମାସ ୨୦୨୬ ପୂର୍ବରୁ, ବେଦାନ୍ତର ସାମାଜିକ ପ୍ରଭାବ ଶାଖା ଅନିଲ ଅଗ୍ରୱାଲ ଫାଉଣ୍ଡେସନ (ଏଏଏଫ)ର ପ୍ରମୁଖ ଅଭିଯାନ ନନ୍ଦ ଘର ପକ୍ଷରୁ ଆଜି 'ନନ୍ଦ ଘର କା ମିଶନ, ସମ୍ପୂର୍ଣ୍ଣ ପୋଷଣ'ର ଶୁଭାରମ୍ଭ କରାଯାଇଛି। ଯାହା ପୋଷଣ ଅଭିଯାନ ୨.୦ ଅଧିନରେ ପୋଷଣକୁ ଏକ ଜନ ଆନ୍ଦୋଳନ ସୃଷ୍ଟି କରିବା ଏବଂ ଉତମ ପୁଷ୍ଟିକର ଫଳାଫଳ ପାଇଁ ସାମୂହିକ କାର୍ଯ୍ୟକୁ ଆଗେଇ ନେବା ପାଇଁ ଭାରତ ସରକାରଙ୍କ ନିରନ୍ତର ପ୍ରୟାସ ଉପରେ ଆଧାରିତ। ଏକ ମାସବ୍ୟାପୀ ଜାତୀୟ ସ୍ତରରେ ପାଳନ, ସମୁଦାୟଗୁଡ଼ିକରେ ପୋଷଣ ଏଜେଣ୍ଡା ପହଂଚାଇବା ଏବଂ ପରିବାର, ଅନୁଷ୍ଠାନ ଓ ନାଗରିକଙ୍କୁ ପୋଷଣକୁ ଏକ ମିଳିତ ଦାୟିତ୍ୱରେ ପରିଣତ କରିବା ପାଇଁ ପ୍ରୋତ୍ସାହିତ କରିବା ଉପରେ ସରକାରଙ୍କ ସ୍ଥାୟୀ ଗୁରୁତ୍ୱକୁ ପ୍ରତିଫଳନ କରୁଛି। ଏହି ଲକ୍ଷ୍ୟକୁ ଆଗକୁ ବଢାଇ 'ନନ୍ଦ ଘର କା ମିଶନ, ସମ୍ପୂର୍ଣ୍ଣ ପୋଷଣ' ୧୮ଟି ରାଜ୍ୟର ୧୫,୦୦୦ରୁ ଅଧିକ ନନ୍ଦ ଘରର ପିଲା, ପିତାମାତା, ନନ୍ଦ ଘର ଦିଦି (ଅଙ୍ଗନୱାଡି କର୍ମୀ) ଏବଂ ସମୁଦାୟଗୁଡିକୁ ନିୟୋଜିତ କରିବ ଏବଂ ପ୍ରକୃତ ପୁଷ୍ଟିକର ସୁରକ୍ଷା ଶିଶୁ ପାଇଁ ଏକ ସୁସ୍ଥ ପରିବେଶ ସୃଷ୍ଟି କରିବ ବୋଲି ବିଶ୍ୱାସକୁ ସୁଦୃଢ କରିବ। ଏସମ୍ପର୍କରେ ବେଦାନ୍ତ ଗ୍ରୁପର ଅଧ୍ୟକ୍ଷ ଶ୍ରୀ ଅନିଲ ଅଗ୍ରୱାଲ କହିଛନ୍ତି, 'ମୁଁ ସର୍ବଦା ବିଶ୍ୱାସ କରିଆସିଛି ଯେ ପୋଷଣ ପ୍ରତ୍ୟେକ ଶିଶୁକୁ ଜୀବନରେ ସଠିକ୍ ଆରମ୍ଭ



ଦେବା ସହ ଜଡିତ। ଯେତେବେଳେ ଆପଣ ଏଥିରେ ଶିକ୍ଷା ଏବଂ ସଂସ୍କାର ଯୋଡ଼ନ୍ତି, ପ୍ରଥମ ଛଅ ବର୍ଷରେ ଏକ ଉତ୍ପାଦନକ୍ଷମ ଜୀବନର ମୂଳଦୁଆ ସ୍ଥାପିତ ହୁଏ। ଯେତେବେଳେ ମହିଳାମାନେ ସଶକ୍ତ ହେବେ ଏବଂ ଆର୍ଥିକ ସ୍ୱାଧୀନତା ପାଇବେ, ପରିବାର, ସମାଜ ଏବଂ ଅର୍ଥନୀତି ଉପରେ ଏହାର ପ୍ରଭାବ ପରିବର୍ତନକାରୀ ହେବ। ଏହା ହେଉଛି ନନ୍ଦ ଘରର ଲକ୍ଷ୍ୟ। ଆଜି, ୧୮ଟି ରାଜ୍ୟରେ ୧୫,୦୦୦ରୁ ଅଧିକ ନନ୍ଦ ଘର ୫ ଲକ୍ଷରୁ ଅଧିକ ପିଲା ଓ ୪ ଲକ୍ଷ ମହିଳାଙ୍କ ଜୀବନକୁ ପରିବର୍ତନ କରୁଛନ୍ତି, ସେହି ସ୍ୱପ୍ନ ବାସ୍ତବତାରେ ପରିଣତ ହେଉଛି। କେନ୍ଦ୍ର ଏବଂ ରାଜ୍ୟ ସରକାର ଓ ଆମ ଚାରିପାଖରେ ଥିବା ସମୁଦାୟ ସହିତ ସହଭାଗିତାରେ, ଆମେ ଏହି ଆନ୍ଦୋଳନକୁ ଭାରତର ପ୍ରତ୍ୟେକ କୋଣକୁ ନେଇପାରିବା ଏବଂ ଏକ ସୁସ୍ଥ, ସଶକ୍ତ ପିଢ଼ି ଗଠନ କରିପାରିବା।' ନନ୍ଦ ଘରର ସିଇଓ ଶଶି ଆରୋରା କହିଛନ୍ତି, 'ପୋଷଣ ନନ୍ଦ ଘର ଫାଟକରେ ସୀମିତ ରୁହେ ନାହିଁ, ଏହା ପ୍ରତ୍ୟେକ ମାତାପିତା ଓ ପିଲାଙ୍କ ସହିତ ଘରକୁ ଫେରିଥାଏ। ଏହା ନନ୍ଦ ଘର ପଛରେ ଥିବା ଦର୍ଶନ, ଏବଂ ଏହା ଆମର ଅଧ୍ୟକ୍ଷ ଶ୍ରୀ ଅନିଲ ଅଗ୍ରୱାଲଙ୍କ ଦୃଷ୍ଟିକୋଣ ସହିତ ଘନିଷ୍ଠ ଭାବରେ ସମନ୍ୱିତ, ଯାହା ପ୍ରତ୍ୟେକ ଶିଶୁ ଯେପରି ସଠିକ୍ ପୋଷଣ ପାଇବେ ଓ କେହି ଭୋକିଲା ଶୋଇବାକୁ ନ ଯିବେ ତାହା ନିଶ୍ଚିତ କରିଥାଏ। ପୋଷଣ ଅଭିଯାନ ୨.୦ ଅଂର୍ଗତ ୯ମ ରାଷ୍ଟ୍ରୀୟ ପୋଷଣ ମାସ ପୋଷଣ ଅଭିଯାନ ୨.୦ ହେଉଛି ଭାରତ ସରକାରଙ୍କର ପୋଷଣକୁ ଏକ ଜନ ଆନ୍ଦୋଳନ କରିବା ପ୍ରତିବଦ୍ଧତାର ଏକ ଶକ୍ତିଶାଳୀ ସ୍ମରଣକାରୀ।

## ଜିଏଫ୍‌ଏଫ୍‌ରେ ଆର୍ଥିକ ସମାବେଶକୁ ଆଗକୁ ବଢ଼ାଇବା ପାଇଁ ଡିଏଫ୍‌ଏସ ସଚିବ ନୂତନ ପଦକ୍ଷେପ ଗୁଡ଼ିକର ଉନ୍ମୋଚନ

କଟକ, ୧୦।୯ (ନି.ପ୍ର): ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ଅଧୀନସ୍ଥ ଆର୍ଥିକ ସେବା ବିଭାଗ (ଡିଏଫ୍‌ଏସ୍)ର ସଚିବ ଶ୍ରୀ ସଞ୍ଜୟ ଲୋହିଆ ଆଜି ଗ୍ଲୋବାଲ ଫିନ୍ ଟେକ୍ ଫେଷ୍ଟ (ଜିଏଫ୍‌ଏଫ୍) ୨୦୨୬ରେ ଦେଶରେ ଆର୍ଥିକ ସମାବେଶକୁ ଆଗକୁ ବଢ଼ାଇବା ପାଇଁ ଏକାଧିକ ନୂତନ ପଦକ୍ଷେପର ଶୁଭାରମ୍ଭ କରିଛନ୍ତି। ଏହି ଶୁଭାରମ୍ଭ ଅଧୀନରେ ତୁରନ୍ତ ରୂପେ କାର୍ଡ ଏବଂ ବ୍ୟବସାୟୀଙ୍କ ପାଇଁ ୟୁପିଆଇ କ୍ୟୁଆର ଜାରି କରିବା ନିମନ୍ତେ ଓପନ୍ - ସୋର୍ସ (ଆଣ୍ଡ୍ରଏଡ) ଏଟିଏମ ର ପରିଚୟ, ଚୟନିତ ସରକାରୀ ସମର୍ଥିତ ଋଣ ଯୋଜନାଗୁଡ଼ିକ ପାଇଁ 'କ୍ରେଡିଟ ଲାଇନ୍ ଅନ୍ ୟୁପିଆଇ' ସୁବିଧାର ଶୁଭାରମ୍ଭ ଏବଂ ଆଧାର ଏନେବଲଡ ପେମେଣ୍ଟ ସିଷ୍ଟମ (ଏଇପି ଏସ୍) ଥ୍ରି - ପାର୍ଟି କ୍ୟାଶ ଡିପୋଜିଟ ବ୍ୟବସ୍ଥାର ପରିଚୟ ଅନ୍ତର୍ଭୁକ୍ତ ରହିଛି। ଏହି ଘୋଷଣା ୟୁନିକ୍ ଆଇଡେଣ୍ଟିଫିକେସନ୍ ଅଥରିଟି ଅଫ ଇଣ୍ଡିଆ (ୟୁଆଇଡିଏଆଇ)ର ସିଇଓ ଶ୍ରୀ ସୌରଭ ବିଜୟଙ୍କ ଉପସ୍ଥିତିରେ କରାଯାଇଥିଲା। ଜିଏଫ୍‌ଏଫ୍ ର ଅତିଥି ଓ ଅଂଶଗ୍ରହଣକାରୀମାନେ ଜିଏଫ୍‌ଏଫ୍ ପରିସରର ବିଭିନ୍ନ ସ୍ଥାନରେ ସ୍ଥାପିତ ଓପନ୍ ସୋର୍ସ ଏଟିଏମଗୁଡ଼ିକୁ ନିଜେ ବ୍ୟବହାର କରି ଏହାର ସୁବିଧାକୁ ପ୍ରତ୍ୟକ୍ଷ ଭାବେ ଅନୁଭବ କରିପାରିଥିଲେ। ଏହି ବ୍ୟବସ୍ଥାର ଲକ୍ଷ୍ୟ ହେଉଛି ଏଟିମ୍ ର ଭୂମିକାକୁ କେବଳ ନଗଦ ଟଙ୍କା ଉଠାଇବା ଓ ଜମା କରିବା ମେସିନ୍‌ରେ ସୀମିତ ନରଖି, ଏହାକୁ ବୁଦ୍ଧିମାନ ଗ୍ରାହକ ସେବା ଏବଂ ବ୍ୟାଙ୍କିଙ୍ଗ୍ ସୁବିଧା ପ୍ରଦାନ କରୁଥିବା କେନ୍ଦ୍ର ଭାବେ ବିକଶିତ କରିବା। ଗ୍ରାହକମାନେ କୁରିଅର୍‌ରେ କାର୍ଡ ଆସିବା ପାଇଁ ଅପେକ୍ଷା କରିବା କିମ୍ବା ବ୍ୟାଙ୍କ ଶାଖାକୁ ଯିବାର ଆବଶ୍ୟକତା ନଥାଇ, ସିଧାସଳଖ ମେସିନ୍ରୁ ନିଜ କାର୍ଡ ପାଇ ପାରିବେ। ସେହିପରି, ବ୍ୟବସାୟୀ ମାନେ ୟୁପିଆଇ ଆଧାରିତ ପେମେଣ୍ଟ ସଂଗ୍ରହ ପାଇଁ ତୁରନ୍ତ କ୍ୟୁଆର୍ କୋଡ୍ ପାଇପାରିବେ। କ୍ରେଡିଟ ଲାଇନ୍ ଅନ୍ ୟୁପିଆଇ ବ୍ୟବସ୍ଥାକୁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ପକ୍ଷରୁ ସେପ୍ଟେମ୍ବର ୨୦୨୩ରେ ଅନୁମୋଦନ କରାଯାଇଥିଲା। ଏହା ମାଧ୍ୟମରେ ପୂର୍ବରୁ ମଞ୍ଜୁର ହୋଇଥିବା ବ୍ୟାଙ୍କ କ୍ରେଡିଟ୍ ଲାଇନ୍କୁ ୟୁପିଆଇରେ ଏକ ଅର୍ଥ ପ୍ରଦାନ ଖାତା ( ଫଣ୍ଡିଂ ଆକାଉଣ୍ଟ ) ଭାବେ ଲିଙ୍କ୍ କରାଯାଇପାରିବ। ଏହି ପଦକ୍ଷେପ ଦ୍ୱାରା କିଷାନ କ୍ରେଡିଟ୍ କାର୍ଡ (କେସିସି) ଏବଂ ପ୍ରଧାନମନ୍ତ୍ରୀ... ଝପିଏମ ମୁଦ୍ରା ଯୋଜନା ( ପିଏମଏମୱାଇ)ଞର ଯୋଗ୍ୟ ହିତାଧିକାରୀମାନେ ୟୁପିଆଇ ମାଧ୍ୟମରେ ବ୍ୟବସାୟୀଙ୍କୁ ପେମେଣ୍ଟ କରିବା ପାଇଁ ସେମାନଙ୍କୁ ମଞ୍ଜୁର ହୋଇଥିବା କ୍ରେଡିଟ୍ ସୀମା ବ୍ୟବହାର କରିପାରିବେ। ଏହା ଫଳରେ ଚାଷୀ ଏବଂ କ୍ଷୁଦ୍ର ବ୍ୟବସାୟୀମାନଙ୍କ ପାଇଁ ଔପଚାରିକ ଋଣ ବ୍ୟବସ୍ଥାର ଡିଜିଟାଲ୍ ସୁବିଧା ଅଧିକ ସହଜରେ ଉପଲବ୍ଧ ହେବ।

## ଅନ୍ତର୍ଜାତୀୟ ସାକ୍ଷରତା ଦିବସରେ ବେଦାନ୍ତ ଆଇରନ୍ ଆଣ୍ଡ ଷ୍ଟିଲ୍ ଲିମିଟେଡ୍ ପକ୍ଷରୁ ଶିକ୍ଷା, ଦକ୍ଷତା ବିକାଶ ପ୍ରତି ପ୍ରତିବଦ୍ଧତା

ଭୁବନେଶ୍ୱର, ୧୦।୯ (ନି.ପ୍ର) : ଅନ୍ତର୍ଜାତୀୟ ସାକ୍ଷରତା ଦିବସ ଓ ଚଳିତ ବର୍ଷର ବିଷୟବସ୍ତୁ 'ଲୋକ, ସମୃଦ୍ଧି ଓ ପୃଥିବୀ ପାଇଁ ସାକ୍ଷରତା' ଅନୁସାରେ ଭାରତ ଓ ଆଫ୍ରିକାର ଅଗ୍ରଣୀ ଲୁହା ଓ ଇସ୍ପାତ ଉତ୍ପାଦନକାରୀ ବେଦାନ୍ତ ଆଇରନ୍ ଆଣ୍ଡ୍ ଷ୍ଟିଲ୍ ଲିମିଟେଡ୍ (ଭିଆଇଏସଏଲ), ଗ୍ରାମୀଣ, ଦୁର୍ଗମ ଓ ଖଣି ଅଂଚଳରେ ଶିକ୍ଷା, ଡିଜିଟାଲ୍ ଶିକ୍ଷା, ବୃତି ଓ ଦକ୍ଷତା ବିକାଶ ସୁଯୋଗର ସମ୍ପ୍ରସାରଣ ପାଇଁ ନିଜର ପ୍ରତିବଦ୍ଧତାକୁ ଦୋହରାଇଛି। ୨୦୨୧ରୁ 'ପ୍ରୋଜେକ୍ଟ ବୃଦ୍ଧି' ଓ 'ଶିକ୍ଷା' ମାଧ୍ୟମରେ ଭିଆଇଏସଏଲର ଶିକ୍ଷାଗତ ପଦକ୍ଷେପଗୁଡ଼ିକ ଗୋଆ, ମହାରାଷ୍ଟ୍ର, କର୍ଣ୍ଣାଟକ, ଝାଡ଼ଖଣ୍ଡ ଓ ଓଡ଼ିଶାର ୨୬,୦୦୦ ରୁ ଅଧିକ ଶିଶୁଙ୍କୁ ଉପକୃତ କରିଛି। ଏହି ଅବସରରେ ବେଦାନ୍ତ ଆଇରନ୍ ଆଣ୍ଡ୍ ଷ୍ଟିଲ୍ ଲିମିଟେଡର ସିଇଓ ତଥା ପୂର୍ଣ୍ଣକାଳୀନ ପଙ୍କଜ କୁମାର ଶର୍ମା କହିଛନ୍ତି ଯେ, 'ବେଦାନ୍ତ ଆଇରନ୍ ଆଣ୍ଡ୍ ଷ୍ଟିଲ୍ ଲିମିଟେଡ୍ରେ ଆମେ ଏକ ବଳିଷ୍ଠ ଓ ପ୍ରଗତିଶୀଳ ରାଷ୍ଟ୍ରର ଭିତିଭୂମି ଗଠନରେ ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକାର କରୁଛୁ। ବିଭିନ୍ନ ରାଜ୍ୟରେ ଆମର ପଦକ୍ଷେପ ମାଧ୍ୟମରେ ଆମେ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ଶିକ୍ଷାଗତ ଯାତ୍ରାର ପ୍ରତ୍ୟେକ ପର୍ଯ୍ୟାୟରେ ଯଥା ପ୍ରାରମ୍ଭିକ ଶିଶୁ ଶିକ୍ଷାରୁ ଆରମ୍ଭ କରି




ଉଚ୍ଚଶିକ୍ଷା ଓ ବୃତିଗତ ଆକାଂକ୍ଷା ପର୍ଯ୍ୟନ୍ତ ସହାୟତା କରିବାକୁ ପ୍ରତିବଦ୍ଧ। ଅନ୍ତର୍ଜାତୀୟ ସାକ୍ଷରତା ଦିବସରେ ଆମେ ଆମର ଏହି ବିଶ୍ୱାସକୁ ଦୋହରାଉଛୁ ଯେ ଗୁଣାତ୍ମକ ଶିକ୍ଷାର ସମାନ ସୁଯୋଗ ବ୍ୟକ୍ତିବିଶେଷଙ୍କୁ ସଶକ୍ତ କରିବା, ସମୁଦାୟକୁ ସୁଦୃଢ଼ କରିବା ଓ ଦୀର୍ଘକାଳୀନ ସାମାଜିକ ଓ ଆର୍ଥିକ ପ୍ରଗତି ପାଇଁ ସ୍ଥାୟୀ ପଥ ସୃଷ୍ଟି କରିବାର ଚାବିକାଠି ଅଟେ।' ବେଦାନ୍ତ ଆଇରନ୍ ଆଣ୍ଡ୍ ଷ୍ଟିଲ୍ ଲିମିଟେଡ୍ର ସାକ୍ଷରତା ଯାତ୍ରା ଅନିଲ ଅଗ୍ରୱାଲ ଫାଉଣ୍ଡେସନ୍ ଆନୁକୂଲ୍ୟରେ ସ୍ଥାପିତ 'ନନ୍ଦ ଘର' ଅଭିଯାନ ମାଧ୍ୟମରେ ପ୍ରାରମ୍ଭିକ ଶିଶୁ ଶିକ୍ଷାରୁ ଆରମ୍ଭ ହୋଇଥିଲା। କମ୍ପାନି ବର୍ତମାନ ନିଜ କାର୍ଯ୍ୟକ୍ଷେତ୍ରରେ ୧୫୦ ରୁ ଅଧିକ ଅଙ୍ଗନୱାଡ଼ିକୁ ସହାୟତା ଯୋଗାଉଛି।ଶିକ୍ଷାଗତ ଫଳାଫଳକୁ ସୁଦୃଢ଼ କରିବା ପାଇଁ ବେଦାନ୍ତ ଆଇରନ୍ ଆଣ୍ଡ୍ ଷ୍ଟିଲ୍ ଲିମିଟେଡ୍ ଶିକ୍ଷାଗତ ସହାୟତା, ସ୍କୁଲ୍ ଭିତିଭୂମି, ପରିବହନ ଓ ଡିଜିଟାଲ୍ ସମ୍ବଳର ସୁବିଧାକୁ ସୁଧାରୁଛି। ଓଡ଼ିଶାରେ, ୨୦୨୪ ମସିହାରୁ କମ୍ପାନି ଦ୍ୱାରା ଆରମ୍ଭ କରାଯାଇଥିବା ସ୍କୁଲ ବସ୍ ପଦକ୍ଷେପ ଦ୍ୱାରା ବାର୍ଷିକ ୨୦୦ ରୁ ଅଧିକ ଛାତ୍ରଛାତ୍ରୀ ଉପକୃତ ହେଉଛନ୍ତି।

ବେଦାନ୍ତ 'ଉତ୍କର୍ଷ' ସ୍କୋଲାରସିପର ହିତାଧିକାରୀ ଶ୍ରେୟା ସନ୍ତୋଷ କୁଡ଼ନେକର କହିଛନ୍ତି ଯେ, 'ମୁଁ ବର୍ତ୍ତମାନ ବ୍ୟାଚଲର ଅଫ୍ ଫିଜିଓଥେରାପି ପଢୁଛି ଓ ବେଦାନ୍ତ 'ଉତ୍କର୍ଷ' ସ୍କଲାରସିପ୍ ମୋର ଶିକ୍ଷାଗତ ଯାତ୍ରାରେ ସହାୟତାର ଏକ ମୂଲ୍ୟବାନ ଉତ୍ସ ହୋଇଛି। ଏହା ଆର୍ଥିକ ଆହ୍ୱାନକୁ କମ୍ କରିବାରେ ସାହାଯ୍ୟ କରିଛି ଓ ମୋତେ ମୋର ପାଠପଢ଼ା ଓ ଭବିଷ୍ୟତର ଆକାଂକ୍ଷା ଉପରେ ଅଧିକ ଆତ୍ମବିଶ୍ୱାସର ସହ ଧ୍ୟାନ ଦେବାକୁ ସୁଯୋଗ ଦେଇଛି। ମୋ ପରି ଛାତ୍ରଛାତ୍ରୀଙ୍କ ଶିକ୍ଷା ଓ ସ୍ୱପ୍ନରେ ନିବେଶ କରିଥିବାରୁ ମୁଁ ବେଦାନ୍ତ ଆଇରନ୍ ଆଣ୍ଡ୍ ଷ୍ଟିଲ୍ ଲିମିଟେଡ୍ ନିକଟରେ ଆନ୍ତରିକ ଧନ୍ୟବାଦ ଜଣାଉଛି। ଏହି କାର୍ଯ୍ୟକ୍ରମର ପ୍ରଭାବ ସମ୍ପର୍କରେ ଇଏସଏଲ ସ୍କିଲ୍ ସ୍କୁଲର ଫିଲ୍ଡ ଟେକ୍ନିସିଆନ୍ ଆଣ୍ଡ୍ ଅଦର ହୋମ୍ ଆପ୍ଲାଏନସେସ୍ ପାଠ୍ୟକ୍ରମର ଛାତ୍ର ସୋହେଲ ଅନସାରୀ କହିଛନ୍ତି ଯେ, 'ଇଏସଏଲ ସ୍କିଲ୍ ସ୍କୁଲ୍ ମାଧ୍ୟମରେ ମୁଁ ପାଇଥିବା ତାଲିମ ମୋତେ ମୋର ବୃତିଗତ ଯାତ୍ରା ଆରମ୍ଭ କରିବା ପାଇଁ ଦକ୍ଷତା ଓ ଆତ୍ମବିଶ୍ୱାସ ଦେଇଛି। ଆଜି ମୁଁ ଜାମସେଦପୁରର ଟାଟା ମୋଟର୍ସ ଲିମିଟେଡ୍ରେ ନିଯୁକ୍ତ ହେବା ସହ ମେକାଟ୍ରୋନିକ୍ସ ଇଞ୍ଜିନିୟରିଂରେ ଡିପ୍ଲୋମା ମଧ୍ୟ କରୁଛି। ଏହି ସୁଯୋଗ ମୋତେ ଏକ ସୁରକ୍ଷିତ ଭବିଷ୍ୟତ ଗଢ଼ିବାରେ ସାହାଯ୍ୟ କରିଛି ଏବଂ ମୋର ବିକାଶକୁ ସହାୟତା କରିଥିବାରୁ ମୁଁ ଇଏସଏଲ ଷ୍ଟିଲ୍ ଲିମିଟେଡ୍ ନିକଟରେ କୃତଜ୍ଞ।

## ଲାଓସରେ ହାତୀମାନଙ୍କ ଚିକିତ୍ସା ଓ ଯତ୍ନ ପାଇଁ ବନତାରାର ସ୍ୱତନ୍ତ୍ର ପଦକ୍ଷେପ

ଲୁଆଙ୍ଗ ପ୍ରବାଙ୍ଗ,୧୦।୯ (ନି.ପ୍ର) : ଲାଓସରେ ଅସୁସ୍ଥ ଏବଂ ଆହତ ହାତୀମାନଙ୍କୁ ଚିକିତ୍ସା କରିବା ପାଇଁ ବନତାରା ପକ୍ଷରୁ ମାଣ୍ଡଲାଓ ହାତୀ ବର୍ତ୍ତମାନ, ଲାଓସରେ ପ୍ରାୟ ୪୦୦ ଜଙ୍ଗଲୀ ହାତୀ ଏବଂ ୪୦୦ ରୁ ଅଧିକ ପାଳିତ ହାତୀ ରହିଛନ୍ତି। ଉଭୟଙ୍କ ସଂଖ୍ୟା ଲଗାତାର ଭାବରେ ହ୍ରାସ ପାଉଛି। ଏହି




ସଂରକ୍ଷଣ ସହିତ ମିଳିତ ଭାବରେ ଏକ ନୂତନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହି ପଦକ୍ଷେପ ଅଧୀନରେ, ହାତୀମାନଙ୍କ ପାଇଁ ଏକ ରାପିଡ଼ ରେସପନ୍ସ ଦଳ ଗଠନ କରାଯାଇଛି ଏବଂ ବନତାରା ଏକ ସମ୍ପୂର୍ଣ୍ଣ ପ୍ରସ୍ତୁତ ଭ୍ରାମ୍ୟମାଣ ପଶୁ ଚିକିତ୍ସା ୟୁନିଟ୍ ଉପଲବ୍ଧ କରାଇଛି। ଗୁରୁତର ଏବଂ ଦୀର୍ଘକାଳୀନ ଚିକିତ୍ସା ଆବଶ୍ୟକ କରୁଥିବା ହାତୀମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଡାକ୍ତରଖାନା ମଧ୍ୟ ନିର୍ମାଣ କରାଯିବ। କାର୍ଯ୍ୟକ୍ରମ ଅଧୀନରେ ଉଭୟ ଜଙ୍ଗଲୀ ଓ ପାଳିତ ହାତୀଙ୍କ ଚିକିତ୍ସା ଏବଂ ସଂରକ୍ଷଣ ଉପରେ କାର୍ଯ୍ୟ କରାଯିବ। ଏକ ଅବସରରେ ମେ ଖାମନୋୟ ନାମକ ଏକ ୪୩ ବର୍ଷୀୟା ମାଈ ହାତୀକୁ ମଧ୍ୟ ଉଦ୍ଧାର କରାଯାଇଛି। ବର୍ଷ ବର୍ଷ ଧରି କାଠ ପରିବହନ ଏବଂ ପରେ ପର୍ଯ୍ୟଟକଙ୍କ ପାଇଁ ନିୟୋଜିତ ହେବା ପରେ, ଏହାକୁ ଏବେ ମାଣ୍ଡଲାଓରେ ଯତ୍ନ, ଚିକିତ୍ସା ଏବଂ ଏକ ସୁରକ୍ଷିତ ଜୀବନ ମିଳିବ।

dishamanthan.com RNI No. ORIORI/20

# ସୁନାବେଡା ସହରରେ ଖାଦ୍ୟ ଦୋକାନରେ ତନଖିଲେ ଖାଦ୍ୟ ନୀରିକ୍ଷକ

କୋରାପୁଟ,-୧୦।୯-(ନିପ୍ର)- ସୁନାବେଡା ସହରରେ ଖାଦ୍ୟ ନିରୀକ୍ଷକଙ୍କ ଆଗମନ ସହରର ଅନେକ ଦୋକାନୀଙ୍କ ମଧ୍ୟରେ ଚିନ୍ତା ସୃଷ୍ଟି କରିଥିଲା ଓ କୋକୁଆ ଭୟରେ କିଛି ଦୋକାନିମାନେ ତାଟି କବାଟ ପକାଇ ଅଧିକାରିଙ୍କ ତନଖିକୁ ଦେଖୁଥିବା ଜଣାପଡ଼ିଛି। ଯାଞ୍ଚର ଖବର ପ୍ରସାରିତ ହେବା ମାତ୍ରେ, କିଛି ଦୋକାନୀ ଖାଦ୍ୟର ଗୁଣବତ୍ତା, ମିଆଦ ଶେଷ ତାରିଖ, ପରିଷ୍କାର ପରିଚ୍ଛନ୍ନତା ଏବଂ ଆବଶ୍ୟକୀୟ ଲାଇସେନ୍ସର ସମ୍ଭାବ୍ୟ ଯାଞ୍ଚ ବିଷୟରେ ଚିନ୍ତିତ ହେଉଥିବା ଦେଖାଯାଇଥିଲା।



ଅଚାନକ ଖାଦ୍ୟ ଅଧିକାରିଙ୍କ ସହରରେ ଚଢାଉରେ ବେଆଇନ ଖାଦ୍ୟ ପରିବେଶଷଣ କରୁଥିବା ବ୍ୟବସାୟିଙ୍କୁ ଦଣ୍ଡିତ କରିଥିବା ମଧ୍ୟ ଜଣାଯାଇଛି !ଏହି ଯାଞ୍ଚ ସ୍ଥାନୀୟ ବଜାରରେ ଖାଦ୍ୟ ସାମଗ୍ରୀ ସଂରକ୍ଷଣ ଏବଂ ବିକ୍ରି ହେଉଥିବା ଅବସ୍ଥା ପ୍ରତି ଦୃଷ୍ଟି ଆକର୍ଷଣ କରିଥିବା ବୋଲି ଜଣାପଡ଼ିଛି। ପ୍ୟାକେଜ୍ ହୋଇଥିବା ଖାଦ୍ୟ, ପାନୀୟ ଏବଂ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ କାରବାର କରୁଥିବା ଦୋକାନୀମାନେ ଖାଦ୍ୟ ସୁରକ୍ଷା ନିୟମ ପାଳନ କରୁଛନ୍ତି କି ନାହିଁ ତାରି ଉପରେ ତନଖିବା ସହିତ ବିଷୟରେ ବିଶେଷ ସୂଚନା ମଧ୍ୟ ଦେଉଥିବା ଜଣାପଡିଛି ! ଏହିପରିକି ଯାଞ୍ଚସମୟରେ କଠୋର ଯାଞ୍ଚକୁ ସ୍ୱାଗତ କରିଛନ୍ତି, କହିଛନ୍ତି ଯେ ମିଆଦ ଶେଷ ହୋଇଥିବା, ଭେଜାଲ କିମ୍ବା ଅସ୍ୱାସ୍ଥ୍ୟକର ଭାବରେ ଗଚ୍ଛିତ ଖାଦ୍ୟରୁ ଗ୍ରାହକମାନଙ୍କୁ ସୁରକ୍ଷା ଦେବା ପାଇଁ ନିୟମିତ ଯାଞ୍ଚ ଗୁରୁତ୍ୱପୂର୍ଣ୍ଣ। ଅଧିକାରି ସୁନାବେଡା ସହରରେ ଖୋଲା ଥିବା ଫାଷ୍ଟଫୁଡ , ଝିଲାପି ଦୋକାନ ତନଖି ନେଇ ଅବ୍ୟବସ୍ଥାକୁ ନେଇ ଦୋକାନିଙ୍କୁ ଆର୍ଥିକ ଦଣ୍ଡରେ ଦଣ୍ଡିତ କରିଥିବା ମଧ୍ୟ ଜଣାପଡିଛି ! ସୁନାବେଡାରେ ନିୟମିତ ଏବଂ ନିରପେକ୍ଷ ଖାଦ୍ୟ ସୁରକ୍ଷା ଯାଞ୍ଚ କରିବାକୁ ଏବଂ ନିୟମ ଉଲ୍ଲଂଘନ କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାସିନ୍ଦାମାନେ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଛନ୍ତି। ସେମାନେ ଦୋକାନୀଙ୍କୁ ଉପଯୁକ୍ତ ପରିଚ୍ଛନ୍ନତା ବଜାୟ ରଖିବାକୁ ଏବଂ କେବଳ ନିରାପଦ ଏବଂ ଆଇନଗତ ଭାବରେ ଅନୁମୋଦିତ ଖାଦ୍ୟ ଉତ୍ପାଦ ବିକ୍ରି କରିବାକୁ ମଧ୍ୟ ନିବେଦନ କରିଛନ୍ତି। ଅଧିକାରିଙ୍କ ଚଢାଉ ସମୟରେ କିଛି ଦୋକାନି ଆଗରୁ ସୂଚନା ପାଇ ଦଣ୍ଡ ଭୟରେ ବନ୍ଦ କରି ଦେଇଛନ୍ତି ଯାହାକି ଖାଦ୍ୟ ସୁରକ୍ଷା ଆଇନକୁ କୁଠାର ଘାତ କରୁଛି ! ଚଢାଉ ସମୟରେ ମୁନିସପାଲଟିର କର୍ମଚାରିମାନେ ସହଯୋଗ କରିଥିଲେ।

# ରାଜଗାଙ୍ଗପୁର ପୃଥକ୍ ପୃଥକ୍ ସଡ଼କ ଦୁର୍ଘଟଣାରେ ଦୁଇ ମୃତ, ୩ ଆହତ

ରାଜଗାଙ୍ଗପୁର,୧୦।୯: ରାଜଗାଙ୍ଗପୁର ପୈରପରିଷଦ ଅନ୍ତର୍ଗତ ବିଜୁ ରାଜ୍ୟ ରାଜପଥ ରାଣିବନ୍ଧ ଏଲଭି ଚକ୍ଷୁ ଚିକିତ୍ସାଳୟ ଛକ ନିକଟରେ ରାଜଗାଙ୍ଗପୁର ଟ୍ରାକଶନ କଲୋନୀ ର ନରସିଂହ ଚରନ ଦାସ ଓ ତାଙ୍କ ର ସମ୍ପର୍କୀୟ ଜଗତସିଂହପୁର ଅଞ୍ଚଳର ଜୀବନ ବଲ୍ଲଭ ଖଣ୍ଡୁଆଳ ନିଜ ବାଇକ୍ ସହ ଅଜଣା ଗାଡ଼ି ଧକ୍କାରେ ଗୁରୁତର ଆହତ ହୋଇ ରାଜଗାଙ୍ଗପୁର ସରକାରୀ ଡାକ୍ତରଖାନରେ ଡାକ୍ତରୀ ଯାଞ୍ଚ ପରେ ମୃତ ଘୋଷିତ ହେଇଥିଲେ । ଉଭୟଙ୍କୁ ଆଜି ସରକାରୀ ଡାକ୍ତରଖାନାରେ ରାଜଗାଙ୍ଗପୁର ପୋଲିସ ମୃତ ବ୍ୟକ୍ତିଙ୍କ ପରିବାର ଲୋକଙ୍କ ଉପସ୍ଥିତି ରେ ଶବ ବ୍ୟବଚ୍ଛେଦ ପରେ ପରିବାରର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ସେହିପରି ରାଜଗାଙ୍ଗପୁର ମାଟି ଗେଟ୍ ଠାରେ ମିଶନ ହତା ଅଞ୍ଚଳର ଶ୍ରୀ ରାମ ନାମକ ଯୁବକ ନିଜର ବାଇକ୍ ସହ ଅଜଣା ଗାଡ଼ି ଧକ୍କାରେ ରାସ୍ତା ରେ ପଡ଼ି ପଡ଼ି ଗୁରୁତର ଆହତ ହୋଇଥିଲେ। ବିଜୁ ରାଜ୍ୟ ରାଜପଥ ରାଣିବନ୍ଧ ଓଭର ବ୍ରିଜ ନିକଟରେ ବାଇକ୍ ରୁ ନିୟନ୍ତ୍ରଣ ହରାଇ



ରାସ୍ତା ରେ ପଡ଼ି ଦୁଇ ଜଣ ଯୁବକ ଆହତ ହୋଇଥିଲେ। ସେମାନଙ୍କ ମୁଣ୍ଡ ହାତ ରେ ଗୁରୁତର ଆଘାତ ହୋଇଥିବା ପରିଲକ୍ଷିତ ହୋଇଥିଲା।

# ପଦୋନ୍ନତି ପାଇଥିବା ଶିକ୍ଷକ ସଂଘର ଜିଲ୍ଲାପାଳ ଓ ଡିଇଓଙ୍କୁ ଧନ୍ୟବାଦ

ନବରଙ୍ଗପୁର,୧୦।୯(ନି.ପ୍ର.): ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟାଇ ନବରଙ୍ଗପୁର ଜିଲ୍ଲାରେ ପ୍ରାଥମିକ ଶିକ୍ଷକମାନଙ୍କ ପଦୋନ୍ନତି ପ୍ରକ୍ରିୟା ଆଗେଇଥିବାରୁ ପଦୋନ୍ନତି ପାଇଥିବା ଶିକ୍ଷକମାନଙ୍କ ପକ୍ଷରୁ ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ଜଣାଯାଇଛି। ଆଜି ପଦୋନ୍ନତି ପାଇଥିବା ଶିକ୍ଷକ ସଂଘର ପ୍ରତିନିଧିମାନେ ଜିଲ୍ଲାପାଳ ଡା. ମହେଶ୍ୱର ସ୍ୱାଇଁ ଏବଂ ଜିଲ୍ଲା ଶିକ୍ଷାଧିକାରୀ ଛତ୍ରପତି ସାହୁଙ୍କୁ ଭେଟି କୃତଜ୍ଞତା ଜଣାଇଛନ୍ତି।




ସୂଚନା ଅନୁସାରେ, ଗତ ଅଗଷ୍ଟ ୧୭ ତାରିଖରେ ପ୍ରାଥମିକ ଶିକ୍ଷକମାନଙ୍କ ପଦୋନ୍ନତି ସଂକ୍ରାନ୍ତୀୟ ପ୍ରକ୍ରିୟା ସମ୍ପନ୍ନ କରାଯାଇଥିଲା। ଦୀର୍ଘଦିନ ଧରି ପଦୋନ୍ନତି ଅପେକ୍ଷାରେ ଥିବା ଶିକ୍ଷକମାନେ ଏହା ଦ୍ୱାରା ଉପକୃତ ହୋଇଛନ୍ତି। ତେବେ ପଦୋନ୍ନତି ପାଇଥିବା ଶିକ୍ଷକମାନେ ଖୁସି ପ୍ରକାଶ କରିବା ସହ ଏବେ ବି ପଦୋନ୍ନତିରୁ ବଞ୍ଚିତ ରହିଥିବା ଶିକ୍ଷକମାନଙ୍କ ପାଇଁ ଦୁଃଖ ପ୍ରକାଶ କରିଛନ୍ତି। ବଞ୍ଚିତ ଶିକ୍ଷକମାନଙ୍କ ସମସ୍ୟାକୁ ମଧ୍ୟ ଗୁରୁତ୍ୱ ଦେଇ ଆଗାମୀ ଦିନରେ ଆବଶ୍ୟକ ପଦକ୍ଷେପ ନିଆଯାଉ ବୋଲି ସଂଘ ପକ୍ଷରୁ ଅନୁରୋଧ କରାଯାଇଛି।ସଂଘର ପ୍ରତିନିଧିମାନେ କହିଛନ୍ତି, “କିଛି ଶିକ୍ଷକ ପଦୋନ୍ନତି ପାଇ ଖୁସି ହୋଇଥିଲେ ମଧ୍ୟ, ଆମ ସହକର୍ମୀମାନଙ୍କ ମଧ୍ୟରୁ ଯେଉଁମାନେ ଏବେ ବି ପଦୋନ୍ନତି ପାଇନାହାନ୍ତି, ସେମାନଙ୍କ ଦୁଃଖ ଆମର ମଧ୍ୟ ଦୁଃଖ। ସେମାନଙ୍କ ପାଇଁ ମଧ୍ୟ ନ୍ୟାୟସଙ୍ଗତ ପଦକ୍ଷେପ ନିଆଯାଉ।”ଏହି ଅବସରରେ ଜିଲ୍ଲାପାଳ ଓ ଡିଇଓଙ୍କ ସହଯୋଗ ଏବଂ ପ୍ରଶାସନିକ ପଦକ୍ଷେପ ପାଇଁ ଶିକ୍ଷକ ସଂଘ ପକ୍ଷରୁ ଧନ୍ୟବାଦ ଜଣାଯାଇଛି।

# ରେଳମଦଦ୍ ମାଧ୍ୟମରେ ଯାତ୍ରୀଙ୍କ ମୂଲ୍ୟବାନ ସାମଗ୍ରୀ ସୁରକ୍ଷିତ ଉଦ୍ଧାର

ଖୋର୍ଦ୍ଧା୧୦।୯: ଯାତ୍ରୀ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳ, ‘ରେଳମଦଦ୍’ ମାଧ୍ୟମରେ ପ୍ରାପ୍ତ ଏକ ଅଭିଯୋଗ ଆଧାରରେ ବ୍ରହ୍ମପୁର ରେଳ ଷ୍ଟେସନ୍‌ରେ ଜଣେ ଯାତ୍ରୀଙ୍କ ଛାଡ଼ି ଯାଇଥିବା ବ୍ୟାଗ୍‌କୁ ତୁରନ୍ତ ଉଦ୍ଧାର କରିବାରେ ସଫଳ ହୋଇଛି।



୧୨୮୪୧ ନମ୍ବର ଟ୍ରେନ୍‌ରେ ଛାଡ଼ି ଯାଇଥିବା ବ୍ୟାଗ୍‌ଟିକୁ ଟିକେଟ୍ ପରୀକ୍ଷକ ଶ୍ରୀ ଏସ୍. କେ. ସାମନ୍ତରାୟ ତୁରନ୍ତ ନିଜ ହେପାଜତକୁ ନେଇ ସୁରକ୍ଷିତ ଭାବେ ରଖିଥିଲେ। ବ୍ୟାଗରେ ନଗଦ ୨,୭୦୦ ଟଙ୍କା, ଲକେଟ୍ ସହିତ ଗୋଟିଏ ସୁନା ଚେନ୍, ଗୋଟିଏ ଯୋଡ଼ା କାନଫୁଲ, ଚାରୋଟି ମୁଦି ଏବଂ ଗୋଟିଏ ସାମସଙ୍ଗ୍ ସ୍ମାର୍ଟଫୋନ୍ ସମେତ ବହୁ ମୂଲ୍ୟବାନ ସାମଗ୍ରୀ ରହିଥିଲା।

ଯାତ୍ରୀଙ୍କୁ ତାଙ୍କର ସମସ୍ତ ସାମଗ୍ରୀ ସୁରକ୍ଷିତ ଭାବେ ଉଦ୍ଧାର ହୋଇଥିବା ସମ୍ପର୍କରେ ଅବଗତ କରାଯାଇଥିଲା। ପରେ ରେଳ କର୍ମଚାରୀମାନେ ଆନୁଷ୍ଠାନିକ ହସ୍ତାନ୍ତର ପତ୍ର ମାଧ୍ୟମରେ ବ୍ୟାଗ୍‌ଟିକୁ ବିଶାଖାପାଟଣା ରେଳ ସୁରକ୍ଷା ବଳ ନିକଟରେ ହସ୍ତାନ୍ତର କରିଥିଲେ। ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ ଶ୍ରୀ ଅନିଲ କୁମାର ଏହି ତ୍ୱରିତ ଓ ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ସମ୍ପୃକ୍ତ ରେଳ କର୍ମଚାରୀମାନଙ୍କୁ ପ୍ରଶଂସା କରିଛନ୍ତି। ଯାତ୍ରୀମାନଙ୍କୁ ସୁରକ୍ଷିତ, ନିର୍ଭରଯୋଗ୍ୟ ଓ ନିର୍ଭୟ ଯାତ୍ରା ସୁବିଧା ଯୋଗାଇଦେବା ପାଇଁ ଖୋର୍ଦ୍ଧା ରୋଡ୍ ମଣ୍ଡଳ ସଦା ପ୍ରତିବଦ୍ଧ ବୋଲି ସେ ପ୍ରକାଶ କରିଛନ୍ତି।

# ଭୋଟର ତାଲିକାରୁ ୪ଶହ ଭୋଟରଙ୍କ ନାମ କଟିଲା

କେନ୍ଦ୍ରାପଡ଼ା,୧୦।୯ :କେନ୍ଦ୍ରାପଡା ବିଧାନସଭା ନିର୍ବାଚନ ମଣ୍ଡଳୀରୁ ୪ଶହ ଯୋଗ୍ୟ ସଂଖ୍ୟାଲଘୁ ଭୋଟରଙ୍କ ନାମ କାଟିଦେବା ପାଇଁ ଷଡଯନ୍ତ୍ର ହୋଇଛି। ଏନେଇ କେନ୍ଦ୍ରାପଡା ଟାଉନଥାନାରେ ଏତଲା ଦିଆଯାଇଛି। ସେଥିରେ ଉଲ୍ଲେଖ କରାଯାଇଛି କେନ୍ଦ୍ରାପଡା-୯୭(ଏସସି) ଅନ୍ତର୍ଗତ କେନ୍ଦ୍ରାପଡା ପୌରା□ଳର ୧୬ ନମ୍ବର ୱାର୍ଡ ଫକୀରାବାଦର ବୁଥ ନମ୍ବର-୨୫୩ ଓ ୨୫୪ରେ ୨ଜଣ ବିଜେପି ଦଳର ବୁଥ ଲେଭେଲ ଏଜେ□(ବିଏଲଏ) ହୃଷିକେଶ ସାହୁ ଓ ଦେବେନ୍ଦ୍ରପ୍ରସାଦ ମେକାପ ଉଭୟ ବୁଥରେ ୨ଶହ ଲେଖାଏଁ ଭୋଟରଙ୍କ ନାମ କାଟିଦେବା ପାଇଁ ଫର୍ମ ନମ୍ବର-୭ରେ ଆବେଦନ କରିଛନ୍ତି। ସେହି ଭୋଟରମାନେ ଏବେ ଜୀବିତ ଅଛନ୍ତି ଓ ସେମାନେ ଯୋଗ୍ୟ ଭୋଟର ବୋଲି ଅଭିଯୋଗ ହୋଇଛି। ସେମାନେ ଫକୀରାବାଦ ଗ୍ରାମର ସ୍ଥାୟୀ ବାସିନ୍ଦା ତଥା ପଞ୍ଜିକୃତ ବୈଧ ଭୋଟର ଅଟନ୍ତି। ଏଭଳି ଏକ ସଙ୍ଗୀନ ଅପରାଧିକ ଷଡ଼ଯନ୍ତ୍ର ଏବଂ ଜାଲିଆତି ସମ୍ପର୍କରେ ବିଜେଡିର ବୁଥଲେଭେଲ ଏଜେ□(ବିଏଲଏ) ମହମ୍ମଦ ଜାକିର ଓ ମୀର ଯାସିର ଆରାଫତ ଅବଦୁଲ ମଜିଦ କେନ୍ଦ୍ରାପଡା ଟାଉନ ଥାନାରେ ଏତଲା ଦେଇଛନ୍ତି। ଉଭୟ ଏଜେ□ଙ୍କୁ ସମର୍ଥନ କରି ଅବଦୁଲ ମଜିଦଙ୍କ ନେତୃତ୍ୱରେ ବିଜୁଜନତାଦଳର ହିବଜୁର ରହେମାନ, ମହମ୍ମଦ ନିଆଜ(ମନ୍ତୁ) ପ୍ରମୁଖ କେନ୍ଦ୍ରାପଡା ଟାଉନ ଥାନାକୁ ଯାଇ ଏତଲା ଦେବା ସହିତ କେନ୍ଦ୍ରାପଡା ଉପଜିଲ୍ଲାପାଳଙ୍କୁ ମଧ୍ୟ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି।

# ମଧୁ ପୁରଗଡ଼ ପଞ୍ଚାୟତରେ ଭିଭିଜି ରାମଜି କର୍ମଶାଳା

ଧର୍ମଶାଳା (ନିପ୍ର)ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ମଧୁପୁରଗଡ଼ ପଞ୍ଚାୟତରେ ବିକଶିତ ଭାରତ ନିଶ୍ଚିତ ରୋଜଗାର ଓ ଗ୍ରାମୀଣ ଜୀବିକା ମିସନ(ଭିଭିଜି ରାମଜି) ସଂପର୍କରେ ଏକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଛି। ପଞ୍ଚାୟତ ପ୍ରତିନିଧି ଓ ପଞ୍ଚାୟତ କର୍ମଚାରୀମାନଙ୍କୁ ଏହି ଯୋଜନା ସଂପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ଯାଜପୁର ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ



ଓ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ପଞ୍ଚାୟତ ସରପଞ୍ଚ ରବୀନ୍ଦ୍ର ସେଠି, କନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତି ଗଡକର, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସଞ୍ଜିତ କୁମାର ପଣ୍ଡା, ସିପ୍ରା ସୁନ୍ଦରୀ ଶରଣ ଯୋଗଦେଇ ଭିଭିଜି ରାମଜିର କାର୍ଯ୍ୟକାରିତା ସଂପର୍କରେ ଅବଗତ କରାଇଥିଲେ। ମଧୁପୁରଗଡ଼ ପଞ୍ଚାୟତରେ ଏମଜିଏନଆରଇଜିଏସରେ ୮ ଟି ଆଦର୍ଶ ପ୍ରକଳ୍ପ କରିବାକୁ ନିର୍ଦ୍ଦେଶ ରହିଥିବା। ଏକ ପେଡ ମା କା ନାମ ପର, ଆଦର୍ଶ ପୋଖରୀ, ଆଦର୍ଶ କଲ୍ୟାଣ ମଣ୍ଡପ, ଆଦର୍ଶ ଗ୍ରାମ୍ୟ ପାର୍କ, ଆଦର୍ଶ ପାଠାଗାର, ଆଦର୍ଶ ଗ୍ରାମ୍ୟ ହକ୍ଷଟ, ଆଦର୍ଶ ସ୍ମଶାନ ଘାଟ ଓ ଆଦର୍ଶ କେଳପଡ଼ିଆ ଏହି ଯୋଜନାରେ ଆସନ୍ତା ବର୍ଷ ବି ବାକିଥିବା ପ୍ରକଳ୍ପ କରାଯାଇପାରିବ। ଶ୍ରମିକଙ୍କ ମଜୁରି ପୂର୍ବରୁ ୨୨୭ଟଙ୍କା ଥିବାବେଳେ ଏବେ ୩୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ୧୭ ଟି ୱାର୍ଡ ର ବିଶ୍ୱରଂଜନ ବଳ, ଚନ୍ଦ୍ରଶେଖର ଜେନା ମଣି, ହାପି ବେହେରା, ତପନ କୁମାର ପରିଡା, ବୁନା ପରିଡା, ଲିକୁନ ସାମଲ, ସୁଜାତା ଧୀର, ଜୋତି ନାୟକ ସମେତ ପଞ୍ଚାୟତର ଜନପ୍ରତିନିଧି ଓ କର୍ମଚାରୀମାନେ ଯୋଗ ଦେଇଥିଲେ।

# ଶୋଭାଯାତ୍ରାରେ ଡିଜେ ଶବ୍ଦ ସମ୍ପୂର୍ଣ୍ଣ ନିଷେଧ

ଗଞ୍ଜାମ ତା -୧୦/୦୯/୨୦୨୬ ପ୍ରତି ବର୍ଷ ପରି ଏହି ବର୍ଷ ତଥା ଚଳିତ ମାସ ୧୪ତାରିଖରେ ପାଳିତ ହେବ ଅଗ୍ରର୍ଯ୍ୟ ପୂଜ୍ୟ ମହାବିନାୟକ ଗଣେଶ ପୂଜା କ୍ଷ ଏହି ଗଣେଶ ପୂଜା ନିମନ୍ତେ କଡା ସୁରକ୍ଷା ଆଭିମୁଖ୍ୟ ଗ୍ରହଣ କରିଛି ରମ୍ଭା ଥାନା ପୋଲିସ ।

ରମ୍ଭା ଥାନା ପୋଲିସ ପକ୍ଷରୁ ବିଭିନ୍ନ ସାହିରେ ପାଳିତ ପୂଜା ପରିଚାଳନା କମିଟି ଡିଜେ ଏବଂ ଗାଡିର ମାଲିକ ମାନଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଆଇ ଆଇ ସି କୁମର ମୁଦୁଲିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି କ୍ଷ ହୁମ୍ମା ଫାଣ୍ଡି ଏସ ଆଇ ବିନାୟକ ଦାଶ, ଏସ ଆଇ ରବୀନ୍ଦ୍ର ପ୍ରଧାନ, ଏସ ଆଇ ସୁଶ୍ରୀ ଛବିରାଣୀ ନାୟକ, ଏସ ଆଇ ପିଙ୍କିନ ପଟ୍ଟନାୟକ, କଂଷ୍ଟେବଳ ପ୍ରଭାତ ନାହାକ ଓ ଅନ୍ୟ ଷ୍ଟାଫ୍ ପ୍ରମୁଖ ଉପସ୍ଥିତ ଥିଲେ କ୍ଷ ଥାନା ଅଧୀନରେ ପାଳିତ ହେଉଥିବା ସମସ୍ତ ଗାଁ ଓଁ ସାହିର ପୂଜା ପରିଚାଳନା କମିଟିଙ୍କୁ ପ୍ରଶାସନ ପକ୍ଷରୁ ହୋଇଥିବା ବିଭିନ୍ନ ନିୟମାବଳୀ ଆଇଆଇସି ଏକ ଚିଠି ଜରିଆରେ ବୁଝାଇଥିଲେ ।ଡିଜେ ଶୋଭାଯାତ୍ରା ପାଇଁ ଶବ୍ଦ ସୀମା ଭିତରେ ରହିବାକୁ ଏବଂ ସବକଲେକ୍ଟରଙ୍କ ଠାରୁ ଅନୁମତି କାଗଜ ଧରି ଶୋଭାଯାତ୍ରାରେ ବୁଲିବାକୁ କୁହାଯାଇଥିଲା । ପ୍ରଶାସନ ପକ୍ଷରୁ ଜାରୀ ହୋଇଥିବା ନିୟମାବଳୀ ଅନୁସାରେ ପୂଜା କରିବାକୁ ପୋଲିସ ପରାମର୍ଶ ଦିଆଯାଇଛି ।

ପୂଜା ସମୟରେ ଉଚ୍ଚ ଶବ୍ଦରେ ସାଉଣ୍ଡ ନ ବଜାଇବା, ସର୍ବସାଧାରଣ ରାସ୍ତା ଅବରୋଧ ନକରିବା, ମଦ ପିଇ ବିଶୃଙ୍ଖଳା ନକରିବା ଆଦି କଟକଣା ଜାରୀ ହୋଇଥିଲା। ଏଥିସହ ନିର୍ଦ୍ଧାରିତ ସମୟରେ ବିସର୍ଜନ କରିବା ଏବଂ ବିସର୍ଜନ ସମୟରେ ନିଶା ସେବନ ନକରି ପାରମ୍ପରିକ ବାଦ୍ୟ ବାଜଣା ତଥା ଘଣ୍ଟ ମୃଦଙ୍ଗ ଓଁ ଗିନି ଓ ଡିଜେ ର କମ ଶବ୍ଦ ଦ୍ୱାରା ଶୋଭାଯାତ୍ରା କରିବାକୁ ପରାମର୍ଶ ଦିଆଯାଇଛି । କିନ୍ତୁ ଯିଏ ଆଇନ ଉଲୋଙ୍ଘଂନ କଲେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଆଇଆଇସି ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ସୁଜିତ ବେହେରା, ବନବାସୀ ସେଠୀ ଓ ଅଞ୍ଚଳର ବହୁ ଲୋକ ଉପସ୍ଥିତ ରହିଥିଲେ।

# ଖଣି ଓ ଖଣିଜ ସଂଶୋଧିତ ଆଇନ୍ ବାତିଲ ଦାବିରେ ବିକ୍ଷୋଭ




ଅନୁଗୋଳ - ୦୯/୦୯ । ଖଣି ଓ ଖଣିଜ (ବିକାଶ ଓ ନିୟନ୍ତ୍ରଣ) ସଂଶୋଧିତ ଆଇନ୍ - ୨୦୨୬ ତୁରନ୍ତ ବାତିଲ ଦାବିକରି ଏସ.ୟୁ.ସି.ଆଇ(କମ୍ୟୁନିଷ୍ଟ) ସମେତ ସି.ପି.ଆଇ.(ଏମ୍‌ଏଲ୍), ସି.ପି.ଆଇ.(ଏମ୍‌ଏଲ୍) ରେଡ୍ ଷ୍ଟାର୍, ସି.ପି.ଆଇ.(ଏମ୍‌ଏଲ୍) ଏନ୍.ଡି. ପକ୍ଷରୁ ମିଳିତ ଭାବେ ସେପ୍ଟେମ୍ବର ୧ ରୁ ୧୦ ରାଜ୍ୟବ୍ୟାପୀ ପ୍ରତିବାଦ ପରିପ୍ରେକ୍ଷୀରେ ଆଜି ପୂର୍ବାହ୍ନରେ ସ୍ଥାନୀୟ ଗୋପବନ୍ଧୁ ପାର୍କ ଠାରୁ ଏସ.ୟୁ.ସି.ଆଇ(କମ୍ୟୁନିଷ୍ଟ)ର ସଂଗଠକମାନେ ଏକ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରିବାସହ ରାଜା ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରି ସଭା ଆୟୋଜନ କରିଥିଲେ ।

ସଂଗଠନ ଜିଲ୍ଲା କମିଟି ସଭ୍ୟ ସୁବାସ ପ୍ରଧାନଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ବିକ୍ଷୋଭ ସଭାରେ ଏସ.ୟୁ.ସି.ଆଇ(କମ୍ୟୁନିଷ୍ଟ) ସଂଗଠନର ଜିଲ୍ଲା କମିଟି ସଭ୍ୟ ବ୍ରଜବନ୍ଧୁ ସାହୁ, ତୀର୍ଥବାସୀ ଭୋଇ, ମାନସ ପାଳ ଓ ସି.ପି.ଆଇ.(ଏମ୍‌ଏଲ୍)ର ରାଜ୍ୟ କାର୍ଯ୍ୟକର୍ତ୍ତା ବାସୁଦେବ ଦାସ ପ୍ରମୁଖ ବକ୍ତବ୍ୟ ମାଧ୍ୟମରେ କର୍ପୋରେଟ୍ ସ୍ୱାର୍ଥରେ କେନ୍ଦ୍ର ବିଜେପି ସରକାରଙ୍କର ଖଣି ଓ ଖଣିଜ (ବିକାଶ ଓ ନିୟନ୍ତ୍ରଣ) ସଂଶୋଧିତ ଆଇନ୍ - ୨୦୨୬କୁ ସଂସଦରେ ଗୃହୀତ କରାଇ ରାଜ୍ୟଗୁଡିକର ଆର୍ଥିକ ଓ ସାମ୍ବିଧାନିକ ଅଧିକାରକୁ ସଂକୁଚିତ କରୁଛନ୍ତି ବୋଲି ଅଭିଯୋଗ କରିଥିଲେ । ବିଶେଷକରି ଓଡିଶା ଭଳି ପଛୁଆ ରାଜ୍ୟଗୁଡିକୁ ଆହୁରି ଆର୍ଥିକ ଦୁର୍ବଳ କରିବାସହ ଆଦିବାସୀ ଓ ସ୍ଥାନୀୟ ଲୋକଙ୍କ ଜମି, ଜଙ୍ଗଲ, ଜଳ ଓ ଜୀବିକାର ଅଧିକାର ଉପରେ ଗୁରୁତର ଆଘାତ ସୃଷ୍ଟି କରିବ ବୋଲି ମତ ପ୍ରକାଶ କରିଥିଲେ । ଖଣି କାରଖାନା ପୂର୍ଣ୍ଣ ଜିଲ୍ଲାରେ ଜିଲ୍ଲା ଖଣିଜ ପାଣ୍ଠି (ଡି.ଏମ୍.ଏଫ୍) ମଧ୍ୟ ଆଦାୟ କରିବା ସମ୍ଭବ ହେବନାହିଁ। ବିନା ବାଧାରେ କମ୍ପାନୀ ମାଲିକମାନେ ଖଣିଜ ଦ୍ରବ୍ୟ ଲୁଟିବାର ସୁଯୋଗ ପାଇବେ ବୋଲି ମଧ୍ୟ ପ୍ରକାଶ କରାଯାଇଛି। ଉକ୍ତ ଜନବିରୋଧୀ ଆଇନ୍‌କୁ ତୁରନ୍ତ ବାତିଲ କରିବା ସହ ରାଜ୍ୟ ଓ ଖଣି ପ୍ରଭାବିତ ଅଞ୍ଚଳର ଜନସାଧାରଣଙ୍କର ହକ୍‌କୁ ସୁରକ୍ଷିତ ରଖିବାକୁ ଦାବି କରାଯାଇ ଥିଲା । ଏହି ବିକ୍ଷୋଭ ସଭାରେ ଏସ.ୟୁ.ସି.ଆଇ(କମ୍ୟୁନିଷ୍ଟ)ର ବରିଷ୍ଠ ସଭ୍ୟ ନବକିଶୋର ପ୍ରଧାନ, ସଞ୍ଜୟ ସାହୁ, ରଣଜିତ୍ ପ୍ରଧାନ, ପରମାନନ୍ଦ ସାହୁ, କୁମର ସାହୁଙ୍କ ସମେତ ନିରଞ୍ଜନ ନାୟକ, ସରୋଜିନୀ ବେହେରା, ନାରାୟଣ ନାୟକ, ଦୁଃଖବନ୍ଧୁ ବେହେରା, ପବିତ୍ର ମହାଖୁଡ, ପ୍ରତାପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଓଡ଼ିଆ ଫିଲ୍ମ ‘ଜଙ୍ଘ’ର ଶୁଭ ମହୁରତ ଏବଂ ଟାଇଟଲ ଘୋଷଣା

ପିପିଲି :ତା୯।୯ ପିପିଲି ଉପକଣ୍ଠସ୍ଥିତ ଏକ ତାରକା ହୋଟେଲରେ ଶଗୁନ ଏଣ୍ଟରଟେଣ୍ଟମେଣ୍ଟ ବ୍ୟାନରରେ ନିର୍ମାଣ ହେବାକୁ ଯାଉଥିବା ନୂଆ ଓଡ଼ିଆ ସିନେମା ‘ଜଙ୍ଘ‘ ର ଶୁଭ ମହୁରତ ଏବଂ ଟାଇଟିଲ ଘୋଷଣା ମହାସମାରୋହରେ ପାଳିତ ହୋଇଯାଇଛି। ଟାଇଟିଲ ଘୋଷଣା ଅବସରରେ ଫିଲ୍ମର ସମସ୍ତ ଅଭିନେତା, ଅଭିନେତ୍ରୀ , କଣ୍ଠଶିଳ୍ପୀ, କଳାକାର ଉପସ୍ଥିତ ଥିଲେ। ନୂଆ ପୀ?ିର ପ୍ରଯୋଜକ, ନିର୍ଦ୍ଦେଶକ, ଲେଖକଙ୍କ ଭିନ୍ନ ଏକ ପରିକଳ୍ପନାରେ ନିର୍ମିତ ଜଙ୍ଘ ଚଳଚିତ୍ର କ୍ଷ ଅନେକ ମୌଳିକ କାହାଣୀକୁ ନେଇ ଏହି ଓଡ଼ିଆ ଚଳଚ୍ଚିତ୍ର ରେ ଦେଖିବାକୁ ମିଳିବ ବୋଲି ଯୁବ ପ୍ରଯୋଜକ ଶୁଭ୍ରଜିତ ଜେନା କହିଛନ୍ତି । ଏହି ଚଳଚିତ୍ର ଟିକୁ ଶୁଭ୍ରଜିତ ଜେନା ନିର୍ଦ୍ଦେଶନା ଦେଇଥିବା ବେଳେ ରାହୁଲ ରାୟ ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରିଛନ୍ତି। ସିଦ୍ଧାର୍ଥ ଗୌତମ,



ବିଶ୍ୱଜିତ କୁଲଡି (ଡିଓପି) ଦାୟିତ୍ୱ ନେଇଛନ୍ତି । ସଙ୍ଗୀତ ନିର୍ଦ୍ଦେଶନା ସମ୍ବିତ କୁମାର ମହାନ୍ତି, ମହାଦେବ ରାଉତ ଏବଂ ମ୍ରିନ୍ମୟ ଏମ ଏସ ଦେଇଛନ୍ତି। ଓଡିଶାର ସୁନାମ ଧନ୍ୟ କଣ୍ଠ ଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ, କୁଲଦୀପ ପଟ୍ଟନାୟକ, ସତ୍ୟଜିତ୍ ପ୍ରଧାନ, ସୌରଭ ଭରଦ୍ୱାଜ, ଗୌରବ ଆନନ୍ଦ ଏବଂ ମ୍ରିନ୍ମୟ ଏମ୍.ଏସ୍ କଣ୍ଠ ଦାନ କରିଛନ୍ତି । ଏସଡି ମଣ୍ଡଳ, ପାର୍ଥ ସାରଥୀ ରାୟ, ବିଶ୍ୱରୂପା ରାଉତ, ଜଗନ୍ନାଥ ସେଠ, ଉମାକାନ୍ତଙ୍କ ଭଳି ଆହୁରି ଅନେକ କଳାକାର ଏଥିରେ ଅଭିନୟ କରିଛନ୍ତି ।ତେବେ ଜଙ୍ଘ ବିଷୟରେ ଅନେକେ ଆଇ ମାଆ କାହାଣୀ ବା ଲୋକକଥା ଭରି ରହିଥିବା ବେଳେ ପୌରାଣିକ କଥା ବସ୍ତୁ ଉପରେ ଏହାର କାହାଣୀ ପ୍ରସ୍ତୁତ କରାଯାଇଛି । ସିଦ୍ଧାର୍ଥ ଗୌତମ ଏହି କାହାଣୀକୁ ଦୀର୍ଘ ଦୁଇବର୍ଷ ଧରି ଗବେଷଣା କରିଛନ୍ତି । ଏଥିରେ ଜଗନ୍ନାଥ ସଂସ୍କୃତିର କଥା , ପୁରାତନ ରାଜ ରାଜୁଡା ସମୟର କଥା ରହିଥିବା ବେଳେ ସମ୍ପୂର୍ଣ୍ଣ ପାରିବାରିକ ରହିଛି। ଖୁବ ଶୀଘ୍ର ସୁଟିଂ ଫ୍ଲୋରକୁ ଯିବ ଏବଂ ଏହା ଆସନ୍ତା ୨୦୨୭ ରେ ନୂଆ ବର୍ଷ ଅବସରରେ ମୁକ୍ତିଲାଭ କରିବ ବୋଲି ପ୍ରଯୋଜକ ଶୁଭ୍ରଜିତ ଜେନା ସୂଚନା ଦେଇଛନ୍ତି ।

# ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ସଂପୂର୍ଣ୍ଣ ପ୍ରତ୍ୟାହାର କରିବା ଦାବିରେ ସାରାଭରତ ଶିକ୍ଷା ବଞ୍ଚାଅ କମିଟି ପକ୍ଷରୁ ଜିଲ୍ଲା ସ୍ତରୀୟ ଆଲୋଚନା ଚକ୍ର

ଅନୁଗୋଳ-୦୬/୦୯ । ଚଳିତ ବର୍ଷ ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗ ଦ୍ୱାରା ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରକାଶିତ ପାଠ୍ୟପୁସ୍ତକରେ ଅଂସଖ୍ୟ ତ୍ରୁଟି, ବିଚ୍ୟୁତି, ଭୁଲ ରହିବା ସହିତ ବହୁ ଅବୈଜ୍ଞାନିକ ଧର୍ମୀୟ ଅନ୍ଧତାପୂର୍ଣ୍ଣ ବିଷୟବସ୍ତୁ ରହିଛି। ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରତ୍ୟାହାର ପାଇଁ ରାଜ୍ୟବ୍ୟାପୀ ତୀବ୍ର ପ୍ରତିକ୍ରିୟା ପରେ ସରକାର ଭୁଲ ସ୍ୱୀକାର କରି ପାଠ୍ୟପୁସ୍ତକ ପ୍ରତ୍ୟାହାର ପାଇଁ ଘୋଷଣା କରିଥିଲେ ମଧ୍ୟ ଶିକ୍ଷାବର୍ଷର ୪ମାସ ପରେ ବି ପାଠ୍ୟପୁସ୍ତକ ପ୍ରତ୍ୟାହାର କରାଯାଇନାହିଁ। ଯାହାଫଳରେ ସରକାରୀ ସ୍କୁଲରେ ପାଠ ପଢୁଥିବା ଲକ୍ଷ ଲକ୍ଷ କୋମଳମତି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାର ମଧ୍ୟକୁ ଠେଲି ହୋଇଯାଇଛି ।

ଏହି ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରି ବିଜ୍ଞାନ ସମ୍ମତ ନିର୍ଭୁଲ ପାଠ୍ୟପୁସ୍ତକ ଯୋଗାଇଦେବା ଦାବିରେ ଆଜି ସାରାଭାରତ ଶିକ୍ଷା ବଞ୍ଚାଅ କମିଟି ଅନୁଗୋଳ ଜିଲ୍ଲା ପକ୍ଷରୁ ଛାତ୍ର, ଶିକ୍ଷକ, ଅଭିଭାବକ, ବୁଦ୍ଧିଜୀବୀ, ଶିକ୍ଷାପ୍ରେମୀ ଜନସାଧାରଣଙ୍କୁ ନେଇ ଏକ ଜିଲ୍ଲାସ୍ତରୀୟ ଆଲୋଚନା ଚକ୍ର ସ୍ଥାନୀୟ ଦଶହରା ପଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ସାରାଭରତ ଶିକ୍ଷା ବଞ୍ଚାଅ କମିଟିର ଜିଲ୍ଲା ଆବାହକ ଅବସରପ୍ରାପ୍ତ ଶିକ୍ଷକ ଚିତ୍ତରଞ୍ଜନ ମେଣ୍ଡୁଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ସାରାଭରତ ଶିକ୍ଷା ବଞ୍ଚାଅ କମିଟିର ରାଜ୍ୟ ଉପସଭାପତି ରାଜେନ୍ଦ୍ର ବର୍ମା ମୁଖ୍ୟବକ୍ତାଭାବେ ଯୋଗଦେଇ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରତ୍ୟାହାର କରି ବିଜ୍ଞାନସମ୍ମତ ନିର୍ଭୁଲ ପାଠ୍ୟପୁସ୍ତକ ଯୋଗାଇଦେବାରେ ରାଜ୍ୟ ସରକାରଙ୍କର କାଳକ୍ଷେପଣ ନୀତି, ଅପାରଗତା, ଦାୟିତ୍ୱହୀନତା ପାଇଁ ସରକାରୀ ବିଦ୍ୟାଳୟରେ ପାଠ ପଢୁଥିବା ସାଧାରଣ ଘରର ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସମ୍ପୂର୍ଣ୍ଣ ଅନ୍ଧକାର ମଧ୍ୟକୁ ଠେଲି ହୋଇଯାଇଛି ବୋଲି କ୍ଷୋଭରସହ ପ୍ରକାଶ କରିଥିଲେ। ରାଜ୍ୟ ସରକାର ପାଠ୍ୟପୁସ୍ତକ ପ୍ରକାଶନରେ ଗୁରୁତର ତ୍ରୁଟି ସ୍ୱୀକାର କରି କେବଳ ପାଠ୍ୟପୁସ୍ତକ ପ୍ରଣୟନ ଦାୟିତ୍ୱରେ ଥିବା କିଛି ଅଧିକାରୀଙ୍କୁ ଗିରଫ କରି ନିଜର କର୍ତ୍ତବ୍ୟ ଶେଷ କରିଛନ୍ତି। ପାଠ୍ୟପୁସ୍ତକ ପ୍ରକାଶନରେ ତ୍ରୁଟି ଏକ ସାଧାରଣ ଭୁଲ୍ ନୁହେଁ, ଏହା ଏକ ଅକ୍ଷମଣୀୟ ଅପରାଧ ବୋଲି ସେ ଅଭିଯୋଗ କରିଥିଲେ। ରାଜ୍ୟ ସରକାରଙ୍କ ଶିକ୍ଷାମାରଣ ନୀତି ବିରୁଦ୍ଧରେ ଛାତ୍ର, ଶିକ୍ଷକ, ଅଭିଭାବକ, ବୁଦ୍ଧିଜୀବୀ, ଶିକ୍ଷାପ୍ରେମୀ ଜନସାଧାରଣ ସଂଗଠିତ ଆନ୍ଦୋଳନ ଗଢ଼ି ତୋଳିବାକୁ ସେ ଆହ୍ୱାନ ଦେଇଥିଲେ । ଏଥିରେ ସାରାଭରତ ଶିକ୍ଷା ବଞ୍ଚାଅ କମିଟିର ଅନ୍ୟତମ ଆବାହକ ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମଣ




ବେହେରା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶିକ୍ଷାବିତ୍ ପରମେଶ୍ୱର ପ୍ରଧାନ, ଅଭିମନ୍ୟୁ ସ୍ୱାଇଁ, ପ୍ରଦୀପ କୁମାର ପ୍ରଧାନ, ପ୍ରମୋଦ କୁମାର ବେହେରା, ଅକ୍ଷୟ କୁମାର ବାରିକ, ବରିଷ୍ଠ ଆଇନ୍‌ଜୀବୀ ପ୍ରମୋଦ କୁମାର ପ୍ରଧାନ ପ୍ରମୁଖ ବକ୍ତବ୍ୟ ଦେଇ ରାଜ୍ୟ ସରକାର ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ସମ୍ପୂର୍ଣ୍ଣ ପ୍ରତ୍ୟାହାର ନକରିବା ସରକାରଙ୍କ ଶିକ୍ଷାମାରଣ ନୀତିର ପ୍ରତିଫଳନ ବୋଲି ପ୍ରକାଶ କରିଥିଲେ। ରାଜ୍ୟ ସରକାର ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରି ବିଜ୍ଞାନ ସମ୍ମତ ନିର୍ଭୁଲ ପାଠ୍ୟପୁସ୍ତକ ଯୋଗାଇନଦେଲେ ଛାତ୍ର, ଶିକ୍ଷକ, ଅଭିଭାବକ, ବୁଦ୍ଧିଜୀବୀ, ଶିକ୍ଷାପ୍ରେମୀ ଜନସାଧାରଣଙ୍କୁ ନେଇ ଜିଲ୍ଲାସ୍ତରୀୟ ଆନ୍ଦୋଳନ ସଂଗଠିତ କରିବାର ଚେତାବନୀ ଦେଇ ଆଲୋଚନା ଚକ୍ର ଶେଷ ହୋଇଥିଲା।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, Email : odishamanthan@gmail.com
● Editor : Sarat Raut
ସଂପାଦକ: ଶରତ ରାଉତ